READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୫ ସଂଖ୍ୟା-୧୮ ୧୭ - ୨୩ ମଇ, ୨୦୨୧ ଭୁବନେଶ୍ୱର Monday Weekly VOL-5 ISSUE-18 17th - 23rd MAY, 2021 BHUBANESWAR ₹ 5/- (8 Pages)




# ‘କରୋନା ମଣିଷକୃତ’





**ଟୋକିଓ :** କରୋନା ଭୂତାଣୁର ପ୍ରକୋପ ଓ ବିସ୍ତାର ପ୍ରାକୃତିକ ନୁହେଁ, ମଣିଷକୃତ । ଏଭଳି ଏକ ଚମକପ୍ରଦ ମନ୍ତବ୍ୟ ଦେଇ ବିଗତ କିଛିଦିନ ହେଲା ଚର୍ଚ୍ଚାରେ ଅଛନ୍ତି ବିଶ୍ୱପ୍ରସିଦ୍ଧ ଜାପାନୀ ପଦାର୍ଥବିଜ୍ଞାନୀ ତାସୁକୁ ହୋଞ୍ଜୋ । ପଦାର୍ଥବିଜ୍ଞାନ ପାଇଁ ୨୦୧୮ ମସିହାର ମର୍ଯ୍ୟାଦାବନ୍ତ ନୋବେଲ୍ ପୁରସ୍କାର ପାଇଥିବା ହୋଞ୍ଜୋଙ୍କ କହିବା ଅନୁସାରେ, କୋଭିଡ୍ ଭୂତାଣୁ ପ୍ରାକୃତିକ ନୁହେଁ, ବରଂ ଏହା ମନୁଷ୍ୟକୃତ । ହୋଞ୍ଜୋଙ୍କ ଏହି ମନ୍ତବ୍ୟ ଗଲା କିଛିଦିନ ହେଲା ବିଶ୍ୱର ପ୍ରମୁଖ ଗଣମାଧ୍ୟମ ଗୁଡିକରେ ଚହଳ ସୃଷ୍ଟି କରିଛି । କାରଣ ତାଙ୍କ ବକ୍ତବ୍ୟ ଯୁକ୍ତିଯୁକ୍ତ । ହୋଞ୍ଜୋ କହିଛନ୍ତି ଯେ, କୋଭିଡ୍ ଭୂତାଣୁ ପ୍ରାକୃତିକ ହୋଇଥିଲେ ଏହା ଏତେ ପ୍ରଭାବଶାଳୀ ଓ ପ୍ରଭାବବିସ୍ତାରୀ ହୋଇପାରିନଥାନ୍ତା। ଅର୍ଥାତ୍ ଏଭଳି ଭାବରେ ସାରା ପୃଥିବୀକୁ ଥରହର କରିରଖିନଥାନ୍ତା। ନୋବେଲ ବିଜୟୀ ହୋଞ୍ଜୋଙ୍କ ବକ୍ତବ୍ୟ ହେଉଛି, ଯାହା ପ୍ରାକୃତିକ, ତାହା ବିଶ୍ୱର ବିଭିନ୍ନ ପରିବେଶ, ପରିସ୍ଥିତି, ତାପମାତ୍ରା ଓ ଭୂଚିତ୍ର ଭିତରେ ଏଭଳି ପ୍ରଭାବ ବିସ୍ତାର କରିପାରିବ ନାହିଁ। ଚୀନ୍‌ରେ ଯେଉଁଭଳି ପାଣିପାଗ ଓ ପରିବେଶ, ସେଭଳି ପାଣିପାଗ ଓ ପରିବେଶ ସ୍ୱିଜରଲାଣ୍ଡରେ ନାହିଁ। ତେଣୁ କୌଣସି ପ୍ରାକୃତିକ ଭୂତାଣୁଜନିତ ବିପଦ ଚୀନ୍ ସମେତ ସ୍ୱିଜରଲାଣ୍ଡକୁ ଏକକାଳୀନ ପ୍ରଭାବିତ କରିପାରିବ ନାହିଁ, ଯଦି ତାହା ପ୍ରାକୃତିକ ହୋଇଥାଏ । ତାଙ୍କ କହିବା ଅନୁସାରେ, ଯେଉଁ ପ୍ରାକୃତିକ ଭୂତାଣୁ ଗ୍ରୀଷ୍ମପ୍ରଧାନ ଦେଶରେ ପ୍ରଭାବ ବିସ୍ତାର କରନ୍ତି, ସେହି ଭୂତାଣୁଗୁଡିକ ଶୀତପ୍ରଧାନ ଦେଶଗୁଡିକୁ ପ୍ରବେଶ କରିପାରନ୍ତି ନାହିଁ। କାରଣ ପ୍ରକୃତି ତାହା କରାଇ ଦେଇନଥାଏ। ଅପରପକ୍ଷରେ କରୋନା ଉଭୟ ଗ୍ରୀଷ୍ମପ୍ରଧାନ ଓ ଶୀତପ୍ରବଣ ଦେଶଗୁଡିକରେ ଏକକାଳୀନ ପ୍ରଭାବ ବିସ୍ତାର କରିବା ସହ ଆତଙ୍କ ସୃଷ୍ଟି କରୁଛି। ତେଣୁ ଏହା କେବେ ପ୍ରାକୃତିକ ହୋଇନପାରେ ବୋଲି ହୋଞ୍ଜୋ ତାଙ୍କ ମତ ରଖିଛନ୍ତି। ହୋଞ୍ଜୋ କହିଛନ୍ତି ଯେ, ଗତ ୪୦ ବର୍ଷ ହେଲା ସେ ବିଭିନ୍ନ ପ୍ରାଣୀ ଓ ଭୂତାଣୁଗୁଡିକ ଉପରେ ଗବେଷଣା କରୁଛନ୍ତି। ଏପରିକି ବିଶ୍ୱରେ ପ୍ରଥମ କରି କୋଭିଡ୍ ଆକ୍ରାନ୍ତ ହୋଇଥିବା ଚୀନ୍‌ର ଉହାନ ପ୍ରଦେଶରେ ବି ସେ କାମ କରିଛନ୍ତି। ତେବେ ଏଭଳି କୌଣସି ପ୍ରାକୃତିକ ଭୂତାଣୁ ନାହିଁ, ଯାହା ଉଭୟ ମରୁ ଅଞ୍ଚଳ ଓ ଶୀତପ୍ରଧାନ ଅଞ୍ଚଳରେ ପ୍ରଭାବ ବିସ୍ତାର କରିପାରିବ। ତେଣୁ ଏହା ମନୁଷ୍ୟକୃତ ବୋଲି ହୋଞ୍ଜୋ ଜୋର୍ ଦେଇ କହିଛନ୍ତି। ସେହିପରି ଏହା ବାଦୁଡି ବା ଅନ୍ୟ କୌଣସି ଜୀବଠାରୁ ନୁହେଁ, ମଣିଷ ଦ୍ୱାରା ହିଁ ମଣିଷମାନଙ୍କ ପାଖକୁ ସଂକ୍ରମିତ ହେଉଥିବା ସେ କହିଛନ୍ତି। ଏ କ୍ଷେତ୍ରରେ ଚୀନ୍ ସାରା ବିଶ୍ୱ ସମୁଦାୟ ଆଗରେ ମିଛ କହୁଛି ବୋଲି ମଧ୍ୟ ହୋଞ୍ଜୋ ଚେତେଇ ଦେଇଛନ୍ତି।

# ସ୍ପୁଟନିକ-ଭି’ ଡୋଜ୍ ପିଛା ୯୯୫ ଟଙ୍କା




**ନୂଆଦିଲ୍ଲୀ :** ମେଡ୍ ଇନ୍ ରୁଷିଆ ଟିକା ସ୍ପୁଟନିକ-ଭି’ର ଦାମ ଘୋଷଣା ହୋଇଛି। ଭାରତରେ ଏହି ଟିକାର ପିରଚାଳନା ଦାୟିତ୍ୱରେ ଥିବା ହାଇଦ୍ରାବାଦର ଡକ୍‌ଟର ରେଡ୍ଡୀ ଏହି ଦର ଘୋଷଣା କରିଛି। ଗୋଟିଏ ଡୋଜର ଦାମ ୯୯୫ ଟଙ୍କା ରହିଛି। ଟିକାର ଦାମ୍ ୯୪୮ ଟଙ୍କା ଏଥିରେ ୫ ପ୍ରତିଶତ ଜିଏସଟି ମିଶାଇଲେ ଏହି ଦର ୯୯୫ ଟଙ୍କା ହେବ ବୋଲି କମ୍ପାନୀ ଘୋଷଣା କରିଛି। ହାଇଦ୍ରାବାଦରେ ପାଇଲଟ ପ୍ରୋଜେକ୍‌ଟ ଭାବରେ ଏହି ଟିକା ଦିଆଯାଇଥିବା ସୂଚନା ରହିଛି। ଋଷିଆରୁ ଏହି ଟିକା ଆମଦାନୀ ହୋଇ ଭାରତରେ ମେ ୧ରେ ପହଞ୍ଚିଥିଲା। ଏହାପରେ ମେ ୧୩ରେ ଭାରତର ସେଣ୍ଟ୍ରାଲ ଡ୍ରଗ୍ସ ଲାବୋରୋଟରୀ ଏହି ଟିକାକୁ ଅନୁମତି ଦେଇଛି। ଏବେ ଏହି ଟିକା ଆମଦାନୀ ହୋଇଛି। ଆଗାମୀ ଦିନରେ ଭାରତରେ ତିଆରି ହେଲେ ଦର କମିବ ବୋଲି ସୂଚନା ରହିଛି। ଦେଶରେ କୋଭିଶିଲ୍ଡ, କୋଭାକ୍ସିନ ପରେ ତୃତୀୟ ଟିକା ଭାବରେ ଋଷିଆର ସ୍ପୁଟନିକ ଭି ଜରୁରୀକାଳୀନ ଭାବରେ ଅନୁମୋଦିତ ହୋଇଛି। ଏହି ଟିକା ଘରୋଇ ହସ୍ପିଟାଲରେ ଉପଲବ୍ଧ ହେବ ବୋଲି ସୂଚନା ରହିଛି। ରୁଷିଆର କରୋନା ଟିକା ‘ସ୍ପୁଟନିକ୍ ଭି’ ୯୫% ସଫଳ। ଏହି ଟିକା ସବୁଠୁ ପ୍ରଭାବଶାଳୀ। ‘ସ୍ପୁଟନିକ୍ ଭି’ ଟିକା ନେବାର ୨୮ ଦିନ ପରେ ଏହାର ପରିଣାମ ୯୧.୪ ପ୍ରତିଶତ ସଫଳ ଥିଲା। ହେଲେ ୪୨ ଦିନ ପରେ ଏହା ୯୫% ସଫଳ ରହିଛି ବୋଲି ଗତବର୍ଷ ନଭେମ୍ବର ୧୪ରେ ରୁଷିଆ ସରକାର କହିଥିଲେ। ଆଉ ଏହା ବିଶ୍ୱର ପ୍ରଥମ କରୋନା ଟିକା। ୨୦୨୦ ଅଗଷ୍ଟରେ ରୁଷିଆର ଗମାଲାୟା ବୈଜ୍ଞାନିକ ଗବେଷଣା କରି ଏହି ସ୍ପୁଟନିକ୍ ଭି ଟିକା ପ୍ରସ୍ତୁତ କରିଛନ୍ତି।

# ବ୍ଲାକ୍ ଫଙ୍ଗସ୍ ଚିନ୍ତା; କମିଟି ଗଠନ କଲେ ସରକାର



**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ଆଶଙ୍କା ମଧ୍ୟରେ ଏବେ ରାଜ୍ୟରେ ବ୍ଲାକ୍ ଫଙ୍ଗସ୍ ରୋଗ ଚିନ୍ତା ବଢ଼ାଇଛି। ବ୍ଲାକ୍ ଫଙ୍ଗସ୍ ରୋଗର ଶୀଘ୍ର ଚିହ୍ନଟ ଓ ଏହାର ମୁକାବିଲା ପାଇଁ ଏକ ଗାଇଡଲାଇନ୍ ପ୍ରସ୍ତୁତ ନିମନ୍ତେ ରାଜ୍ୟ ସରକାର ୭ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏହାସହିତ ପ୍ରତ୍ୟେକ ସରକାରୀ ମେଡିକାଲ କଲେଜରେ ବ୍ଲାକ ଫଙ୍ଗସ୍ ରୋଗର ଚିକିତ୍ସା ପାଇଁ ଏକ ଏକ୍ସପର୍ଟ କମିଟି ଗଠନ କରିବା ସହ ସବୁ ଘରୋଇ ଓ ସରକାରୀ ହସ୍ପିଟାଲ ନିୟମିତ ଭାବେ ଏହି ବ୍ଲାକ ଫଙ୍ଗସ ରୋଗୀଙ୍କ

➤ ପୃ-୬

## ନିଆଁ ଭଳି ମାଡି ଚାଲିଛି କରୋନା ସଂକ୍ରମଣ




**ଭୁବନେଶ୍ୱର :** ରାଜ୍ୟରେ କରୋନା ସଂକ୍ରମଣ ଉଗ୍ର ରୂପ ନେଉଛି। ଜଙ୍ଗଲ ନିଆଁ ଡେଇଁଲା ଭଳି କରୋନା ଭୂତାଣୁ ଗୋଟିଏ ଲୋକରୁ ଆଉ ଏକ ଲୋକଙ୍କୁ ସଂକ୍ରମିତ କରୁଛି। ଗଲା ୭ ଦିନର କୋଭିଡ୍ ସଂକ୍ରମଣ ପରିସଂଖ୍ୟାନକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ହେଉଛି। ଅର୍ଥାତ୍ ଯେଉଁଭଳି ଭାବେ ଲକ୍‌ଡାଉନ୍ ଓ ସଟଡାଉନ କାର୍ଯ୍ୟକାରୀ କରାଯାଉଛି ତାହା ସଂକ୍ରମଣର ବେଗକୁ ପ୍ରତିରୋଧ କରିପାରୁ ନାହିଁ। ଏବେ ପ୍ରତି ଦିନ

➤ ପୃ-୬

## ଡିସେମ୍ବର ସୁଦ୍ଧା ୨୧୬ କୋଟି ଟିକା ଉତ୍ପାଦନ




**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ନିର୍ଣ୍ଣାୟକ ଲଢ଼େଇ କରିବାକୁ ଅଣ୍ଟା ଭିଡିଛନ୍ତି ଭାରତ ସରକାର। ଟିକାକରଣ ହିଁ କରୋନାକୁ ରୋକିବାର ଏକମାତ୍ର ଉପାୟ ହୋଇଥିବାରୁ ଦେଶରେ ଏହାର ଉତ୍ପାଦନକୁ ଜୋରଦାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଜାନୁଆରୀ ୧୬ରୁ ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ହେଁ ବିଭିନ୍ନ ସ୍ଥାନରେ ଟିକାର ଅଭାବ ଦେଖିବାକୁ ମିଳିଛି। ଏସବୁ ଭିତରେ ଭାରତ ସରକାର ବଡ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଭାରତରେ ୨୧୬ କୋଟି କରୋନା ଟିକାର ଡୋଜ୍ ଉତ୍ପାଦନ କରାଯିବ। ଏକାଧିକ କମ୍ପାନୀର ଟିକା ଦେଶରେ ଉତ୍ପାଦନ କରାଯାଇ ଲୋକଙ୍କ ଟିକାକରଣ କରାଯିବ ବୋଲି ଆଜି ନୀତି ଆୟୋଗ ସଦସ୍ୟ ଭିକେ ପଲ୍ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ସପ୍ତାହରୁ ଦେଶରେ ଋଷ ପ୍ରସ୍ତୁତ କରିଥିବା ସ୍ପୁଟନିକ୍-ଭି’ ଟିକାର ଡୋଜ୍ ମଧ୍ୟ ମାର୍କେଟରେ ମିଳିବ ବୋଲି ସେ କହିଛନ୍ତି। ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଟିକା ଉତ୍ପାଦନକୁ ଜୋରଦାର କରାଯିବ। ଏଫଡିଏ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅନୁମୋଦିତ ଯେକୌଣସି ଟିକା ଭାରତ ଆସିପାରିବ। ଆମଦାନୀ ପାଇଁ ଆବଶ୍ୟକ ଲାଇସେନ୍ସ ୧ ରୁ ୨ଦିନ ଭିତରେ ମିଳିବ। ଆସନ୍ତା ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ୨୧୬ କୋଟି ଟିକା ଉପଲବ୍ଧ ହେବ। କୋଭିସିଲ୍ଡ, କୋଭାକ୍ସିନ ସହ ବହୁ ବିଦେଶୀ

➤ ପୃ-୬

## ବକ୍ରବାଣୀ



କରୋନା ଭୂତାଣୁ କାହୁଁ ଆଇଲା
ଜୀବନ ଜୀବିକା ସବୁ ଖାଇଲା
କରୋନା ଆଳରେ ବେପାରୀ ଲୁଟେ
ସତେ କି ମିଳିଚି ମଉକା ଗୋଟେ
ଶବ ପୋଡିବାକୁ କାଠ ନ ମିଳେ
ଭସେଇ ଦିଅନ୍ତି ଗଙ୍ଗାର ଜଳେ
ଏଇ ଆଚ୍ଛା ଦିନ ଦେଖିବା ପାଇଁ
ଗରୀବ ଗୁରୁବା ଥିଲେ କି ଚାହିଁ
ତାଳି ଥାଳି ବଜା ପୁରୁଣା ହେଲା
ଟର୍ଚ୍ଚ ଜଳେଇ ଲାଭ ନୋହିଲା
ଟିକା ବେପାରରେ ଚାଲିଚି ଖେଳ
କଥାରେ କାହାର ରହୁନି ମେଳ

—— ଟୁଟୁ

# ଋଷୀଙ୍କ ତ୍ୟାଗର ତୁଳନା ନାହିଁ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଅକ୍ଷୟ ତୃତୀୟା ହେଉଛି ଚାଷୀ ପରିବାର ପାଇଁ ଏକ ଆନନ୍ଦର ଦିନ। ଚାଷ କାମର ଅନୁକୂଳ ଏହିଦିନଠାରୁ ଆରମ୍ଭ ହୋଇଥାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ୪୨ଲକ୍ଷ ଚାଷୀ ପରିବାରର ବ୍ୟାଙ୍କ ଖାତାରେ ଖରିଫ ୨୦୨୧ ପାଇଁ କାଳିଆ ଯୋଜନାରେ ୯୨୦ କୋଟି ଟଙ୍କା ଜମା କରାଯାଇଥିବା ବିଷୟ ଘୋଷଣା କରିଥିଲେ। ରାଜ୍ୟର ଛୋଟ ଚାଷୀ, ନାମ ମାତ୍ର ଚାଷୀ ଓ ଭୂମି ହୀନ ଚାଷୀ ପରିବାର ସମସ୍ତେ ଏହି କାଳିଆ ଯୋଜନାର ସହାୟତା ପାଇ ଏହାକୁ ଚାଷ କାମରେ ତଥା ଜୀବନ ଜୀବିକାର ଉନ୍ନତିରେ ଲଗେଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଚାଷୀଙ୍କ ପାଇଁ ସାରା ଦେଶରେ କାଳିଆ ଯୋଜନା ସବୁଠାରୁ ଭଲ ଯୋଜନା। ଏହି ଯୋଜନା ଚାଷୀ ମୁହଁରେ ହସ ଆଣିଛି। ଚାଷୀର ଋଣ ଭାର ଲାଘବରେ ମଧ୍ୟ ଏହା ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଋଷୀଙ୍କ ତ୍ୟାଗର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚାଷୀ ଆମର ଗର୍ବ ଓ ଗୌରବ। ଦେଶ ଓ ସମାଜ ପାଇଁ ଚାଷୀର ତ୍ୟାଗର ତୁଳନା ନାହିଁ। ଗତବର୍ଷ କୋଭିଡ୍ ସମୟରେ ଚାଷୀ ହିଁ ଅର୍ଥନୀତିକୁ ସଞ୍ଜୀବନୀ ପରି ଶକ୍ତି ଦେଇଥିଲା। ତେଣୁ ଚାଷୀର ତ୍ୟାଗର ମୂଲ୍ୟ କେହି ଦେଇପାରିବ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇଥିଲେ।

➤ ପୃ-୬

## ୯.୫ କୋଟିରୁ ଊର୍ଦ୍ଧ୍ୱ ଋଷୀଙ୍କ ଖାତାକୁ ଗଲା ପିଏମ୍-କିଷାନ ଯୋଜନା ଟଙ୍କା

PM-KISAN
Government of India

**ନୂଆଦିଲ୍ଲୀ:** ଦେଶର ସାଢ଼େ ୯ କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ପିଏମ୍ କିଷାନ ଯୋଜନାର ଅଷ୍ଟମ କିସ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ଯୋଗେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଇଛନ୍ତି। ସମଗ୍ର ଭାରତବର୍ଷର ସାଢେ ୯ କୋଟିଚାଷୀଙ୍କୁ ୧୯ ହଜାର କୋଟି ଟଙ୍କା ବ୍ୟାଙ୍କ ଖାତାରେ ପ୍ରଦାନ କରାଯାଇଛି। ଏହା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କିଛି କୃଷକଙ୍କ ସହ ସମ୍ବାଦ କରିଥିଲେ। ଏହି ଅବସରରେ ଭର୍ଚୁଆଲ ଯୋଗେ ସାମିଲ ହୋଇଥିଲେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ ପ୍ରମୁଖ। ପିଏମ୍ କିଷାନ ଯୋଜନାରେ ଯୋଗ୍ୟ କୃଷକଙ୍କୁ ବର୍ଷକୁ ୬ ହଜାର ଟଙ୍କା ପ୍ରଦାନ କରାଯାଉଛି ପ୍ରତି ଚାରି ମାସରେ ଗୋଟିଏ କିସ୍ତି ହିସାବରେ ମୋଟ୍ ୩ କିସ୍ତିରେ ଏହି ୬ ହଜାର ଟଙ୍କା ଦିଆଯାଉଛି। ପ୍ରତ୍ୟେକ କିସ୍ତିରେ ୨ ହଜାର ଟଙ୍କା ଦିଆଯାଉଛି ଏହି ଯୋଜନାରେ ଏବେ ସୁଦ୍ଧା ମୋଟ୍ ୧ ଲକ୍ଷ ୧୫ ହଜାର କୋଟି ଟଙ୍କା ଦିଆଯାଇ ସାରିଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଷାନ ସମ୍ମାନ ନିଧି ଯୋଜନାର ଅଷ୍ଟମ କିସ୍ତି ପ୍ରଦାନ କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ଭାରତ ସମେତ ସାରା ବିଶ୍ୱ କରୋନା ମହାମାରୀ ସହିତ ଲଢ଼େଇ କରୁଛି। ଆଉ ଏହି ମହାମାରୀରେ ଅନେକ ପ୍ରାଣ ହରାଇଛନ୍ତି। ଅନେକ ପରିବାର ଛାରଖାର ମଧ୍ୟ ହୋଇଯାଇଛି। ଆମର ଲଢ଼େଇ ଗୋଟିଏ ଅଦୃଶ୍ୟ ଶକ୍ତି ସହ।

➤ ପୃ-୬





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India
Bhubaneswar Municipal Corporation

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in


## ଲକଡାଉନ୍ ଓ ସଟ୍‌ଡାଉନ୍‌କୁ ମାନୁଛି କିଏ

# ଗଳିକନ୍ଦିରେ ମଦ, ଋ ଦୋକାନ ଖୋଲା



**ଜଗତ୍‌ସିଂହପୁର,(ଜ୍ୟାତିରଞ୍ଜନ ପଟ୍ଟନାୟକ):** ରାଜ୍ୟ ସରକାର ଦ୍ୱିତୀୟ କରୋନାର ବିଚିତ୍ର ରୂପକୁ ଦେଖି ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଘୋଷଣା କରିଥିବା ବେଳେ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଗାଇଡ୍ ଲାଇନ୍ ଜାରିକରିଥିଲେ । ତେବେ ଗାଁ ଗହଳିଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁସ୍ଥାନ ଗୁଡିକ ଖାଁ ଖାଁ ଲାଗୁଥିଲେ ବି ମଦ୍ୟପ ଯୁବକମାନଙ୍କ ପେଣ୍ଠସ୍ଥଳୀ ପାଲଟି ଯାଇଛି, କେତେକ କ୍ଲବ୍ ଘର ବା ସ୍କୁଲ କଲେଜ ଗୃହ ଗୁଡିକ । ବେକାରୀ ଯୁବକମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧମାନଙ୍କ ପର୍ଯ୍ୟନ୍ତ ସବୁ ସ୍ଥାନରେ ମଦ, ବ୍ରାଉନସୁଗାର ଓ ଗଞ୍ଜେଇ ଇତ୍ୟାଦି ଖୁଲମ୍‌ଖୁଲା ଭାବେ ବିକ୍ରୟ ବା ଋଲାଣ ହେଉଥିବାର ଦେଖିବାକୁ ମିଳୁଛି । ଏପିରିକି ସାମାଜିକ ଦୂରତ୍ୱ ମାନିବା ଦୂରେ ଥାଉ ଦୋକାନ ବଜାର, ରାସ୍ତାଘାଟ ଓ ବାରିମଧ୍ୟରେ ରଜ ପର୍ବ ପାଳନ ହେଉଥିବାର ଜଣାପଡୁଛି । ଯଦି ପୋଲିସ୍ ଗାଡି ଆସୁଥିବାର ଦେଖିବାକୁ ମିଳୁଛି ସଙ୍ଗେ ସଙ୍ଗେ ଗାମୁଛା ମୁହଁରେ ଘୋଡାଇ ଦେଇ ଦୌଡି ପଳାଇଯାଉଛନ୍ତି । ଜଳଖିଆ ଦୋକାନ ଗୁଡିକ ଘରେ କରି ପାର୍ଶଲ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ସାମାଜିକ ଦୂରତ୍ୱ ମାନୁନାହାଁନ୍ତି । ବହୁ ସ୍ଥାନରେ ଲକ୍‌ଡାଉନ୍, ସଟ୍‌ଡାଉନ୍ ନିୟମକୁ ଫୁ କରିଦେଇ କିଛି ଅମାନିଆ ପୁଅ ଓ ଝିଅ ମାନେ ବାଇକ୍ ଖଣ୍ଡେ ଖଣ୍ଡେ ଧରି ଦିନ କ’ଣ ରାତି କ’ଣ ରାସ୍ତା ଘାଟରେ ବୁଲୁଥିବା ଦେଖିବାକୁ ମିଳୁଛି । ଏପରିକି ବିବାହ ଓ ଶେଷକୃତ୍ୟ ବେଳେ ବି ଅଧିକ ଜନସମାଗମ ହେବା ସହିତ ମଦ ପାନର ଆଖଡା ଦେଖିବାକୁ ମିଳୁଛି । ଗାଁ ଗହଳି ଦୋକାନମାନଙ୍କରୁ ପିସିଆର୍‌ଭ୍ୟାନ୍‌ରେ ଯାଉଥିବା ପୋଲିସ୍ ବାବୁମାନେ ପାନ ଓ ଋହା ପିଉଥିବାର ଦେଖିବାକୁ ମିଳୁଛି । ଜଗତ୍‌ସିଂହପୁର ଜିଲ୍ଲାର ମୁଖ୍ୟ ରାସ୍ତା ଗୁଡିକରେ ଥିବା ଦୋକାନ ବଜାର ପ୍ରାୟତଃ ବନ୍ଦ ରହୁଥିବା ବେଳେ ଗାଁ

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ‘ତୃତୀୟ ବିଶ୍ୱଯୁଦ୍ଧ ଭାବେ କରୋନା ଭାଇରସକୁ ଜୈବିକ ଅସ୍ତ୍ର କରିଛି ଚୀନ୍’

**ବେଜିଂ :** କରୋନା ଭାଇରସର ଉତ୍ପତ୍ତି ସ୍ଥଳକୁ ନେଇ ଚୀନ୍ ବିଭିନ୍ନ ଦେଶର ଟାର୍ଗେଟରେ ଥିବା ବେଳେ ଏବେ ଆଉ ଏକ ବିବାଦରେ ଫସିଛି। ଅଷ୍ଟ୍ରେଲିଆ ମିଡିଆରେ ପ୍ରକାଶିତ ଏକ ରିପୋର୍ଟକୁ ନେଇ ଏବେ ଅନ୍ତର୍ଜାତୀୟ ମିଡିଆରେ ଚାଲବାଜ ଚୀନ୍ ବିଷୋଦଗାରର ଶିକାର ହୋଇଛି। ଏହି ରିପୋର୍ଟରେ କୁହାଯାଇଛି ଚୀନ୍ ତୃତୀୟ ବିଶ୍ୱଯୁଦ୍ଧ ଭାବରେ କରୋନା ଭାଇରସକୁ ଜୈବିକ ଅସ୍ତ୍ର କରିଛି। ଆଉ ଚୀନ୍‌ର ନର ରୂପୀ ରାକ୍ଷସ ବୈଜ୍ଞାନିକ ଏଥିପାଇଁ ୨୦୧୫ରୁ ପ୍ରସ୍ତୁତି ଚଳାଉଥିଲେ। ଯଦିଓ କରୋନା ଭାଇରସକୁ ନେଇ ବିଭିନ୍ନ ଦେଶ ଚୀନ୍ ସହିତ ସମ୍ପର୍କ ଖରାପ କରିସାରିଲେଣି ହେଲେ ଚାଲବାଜ ଚୀନ୍। କରୋନାକୁ ସେ ତିଆରି କରିନାହିଁ ବୋଲି କହୁଛି। ଏକ ୱେବ୍‌ସାଇଟ୍‌ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଚୀନ୍‌ର ଏକ ଲ୍ୟାବରେ କରୋନା ଭାଇରସ ବିକଶିତ ହୋଇଥିବା ଦାବି କରାଯାଉଥିବା ବେଳେ ଏକ ଦସ୍ତାବିଜ ପ୍ରକାଶିତ ହୋଇଛି ଯାହା ସାରା ବିଶ୍ୱକୁ ଚକିତ କରିଛି। ଚୀନ୍‌ର ବୈଜ୍ଞାନିକ ତଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦ୍ୱାରା ଲିଖିତ ଏହି ଡକ୍ୟୁମେଣ୍ଟ ବା ଦସ୍ତାବିଜ ଅନୁଯାୟୀ ୨୦୧୫ରେ କରୋନା ଭାଇରସକୁ ଏକ ଜୈବିକ ଅସ୍ତ୍ର ଭାବରେ ଚୀନ୍ ତିଆରି କରିଥିଲା। ଏଥିରେ କୁହାଯାଇଛି ଯେ ଚୀନ୍‌ର ବୈଜ୍ଞାନିକମାନେ ୨୦୧୫ରେ କରୋନାକୁ ଅସ୍ତ୍ର ଭାବରେ ବ୍ୟବହାର ଉପରେ ଆଲୋଚନା କରିଥିଲେ। ରିପୋର୍ଟ ଅନୁଯାୟୀ ଏସ୍ଏଆରଏସ୍-କୋଭ୍-୯ ନାମକ ଭାଇରସରୁ ଆସିଥିବା କରୋନା ନୂଆ ଯୁଗର ଜେନେଟିକ୍ ଅସ୍ତ୍ର ବା ଜୈବିକ ଅସ୍ତ୍ର କରିବାକୁ ଚୀନ୍ ବୈଜ୍ଞାନିକ ଆଲୋଚନା କରିଥିଲେୟ ଯାହାକୁ କୃତ୍ରିମ ଭାବରେ ମଣିଷଙ୍କ ପାଇଁ ଏକ ମାରାତ୍ମକ



ରୋଗରେ ପରିଣତ କରିହେବ ‘ଝଇଜଝ। ଅପ୍ରାକୃତିକ ଉତ୍ପତ୍ତି ଏବଂ ମଣିଷ ଦ୍ୱାରା ତିଆରି ଭାଇରସ୍’ ନାମକ ବାୟୋ ୱେପନ (ଜୈବିକ ଅସ୍ତ୍ର) ରିପୋର୍ଟରେ ଏହା କୁହାଯାଇଛି। ଏହି ଜୈବିକ ଅସ୍ତ୍ର ମାଧ୍ୟମରେ ତୃତୀୟ ବିଶ୍ୱଯୁଦ୍ଧ ହେବ। ଅଷ୍ଟ୍ରେଲିଆ ଗଣମାଧ୍ୟମରେ ପ୍ରକାଶିତ ଏହି ତଥ୍ୟରୁ ଜଣାପଡିଛି ଯେ ଚୀନ୍‌ର ବୈଜ୍ଞାନିକମାନେ କରୋନାକୁ ଏକ ଜୈବିକ ଅସ୍ତ୍ର ଭାବରେ ତିଆରି କରିଛନ୍ତି। ଅଷ୍ଟ୍ରେଲିୟ ଷ୍ଟ୍ରାଟେଜିକ୍ ପଲିସି ଇନଷ୍ଟିଚ୍ୟୁଟ୍ (ଏଏସ୍‌ପିଆଇ) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିଟର ଜେନିଙ୍ଗସ ମିଡିଆକୁ କହିଛନ୍ତି ଯେ ଏହି ରିପୋର୍ଟ ଏକ ପ୍ରମୁଖ ଉତ୍ସ ହୋଇପାରେ ଯାହା ଦୀର୍ଘ ଦିନରୁ ସନ୍ଦେହ କରାଯାଉଥିଲା। ଯେହେତୁ ଜେନିଙ୍ଗସ କହିଛନ୍ତି, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଚୀନ୍‌ର ବୈଜ୍ଞାନିକମାନେ ସାମରିକ ଅସ୍ତ୍ର ଭାବରେ କରୋନାକୁ ତିଆରି କରି ସାରା ବିଶ୍ୱରେ ଏହାକୁ ବିସ୍ତାର କରିଛି। ସୂଚନାଯୋଗ୍ୟ, କରୋନା ଭାଇସର ପ୍ରଥମେ ୨୦୧୯ ଡିସେମ୍ବର ଶେଷ ସପ୍ତାହରେ ଚୀନ୍‌ର ଉହାନ ସହରରେ ଥିବା ଏକ ଜୈବିକ ପରୀକ୍ଷାଗାର ନିକଟରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ହେଲେ ଚୀନ୍ ଏ ବାବଦରେ ସାରା ବିଶ୍ୱକୁ ବହୁ ବିଳମ୍ବରେ ସୂଚନା ଦେଇଥିଲା। ଏବେ ଏହି ଭାଇରସ ୧୫୦ରୁ ଅଧିକ ଦେଶକୁ ବିସ୍ତାର କରି ସାରିଛି। କୋଟି କୋଟି ଲୋକ ସାରା ବିଶ୍ୱରେ ଏହି ଭାଇରସର ଶିକାର ହୋଇ ଆଖି ବୁଜିଛନ୍ତି। ଆମେରିକା, ଭାରତ, ବ୍ରିଟେନ, ଅଷ୍ଟ୍ରେଲିଆ ଆଦି ଅନେକ ଦେଶ କରୋନା ଲଢ଼େଇରେ ବିଜୟୀ ହେବେ ସେ ନେଇ ବର୍ଷେରୁ ଅଧିକ ଦିନ ହେବ ଦିନରାତି ଲଢ଼େଇ କରୁଛନ୍ତି। ସମସ୍ତେ ଏହି ଭାଇରସରୁ ବର୍ତ୍ତିବା ପାଇଁ ପ୍ରାଥମିକ ଭାବରେ ମାସ୍କ ଓ ସାମାଜିକ ଦୂରତାକୁ ଅବଲମ୍ବନ କରୁଛନ୍ତି। ହେଲେ ଚୀନ୍‌ରେ କିନ୍ତୁ ସ୍ଥିତି ସ୍ୱାଭାବିକ ହୋଇଯାଇଛି। ଆଉ ସମସ୍ତେ ବିଭିନ୍ନ ପାର୍ଟି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏକାଠି ହୋଇ ଯୋଗ ଦେଉଥିବାର ନଜିର ରହିଛି।

**ବଦଳିଲା କୋଭିସିଲ୍ଡର ଟିକାକରଣ ନିୟମ**

# ଏଣିକି ୩ ମାସ ପରେ ଦ୍ୱିତୀୟ ଡୋଜ୍

**ନୂଆଦିଲ୍ଲୀ :** ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଉତ୍ପାଦିତ ଅକ୍ସଫୋର୍ଡ କୋଭିଡ୍-୧୯ ଟିକା କୋଭିସିଲ୍ଡର ଦୁଇଟି ଡୋଜ୍ ମଧ୍ୟରେ ୧୨ରୁ ୧୬ ସପ୍ତାହ ବ୍ୟବଧାନ ରଖିବା ଲାଗି ଦି ନ୍ୟାସନାଲ ଟେକ୍ନିକାଲ୍ ଆଡଭାଇଜରି ଗ୍ରୁପ୍ ଅନ୍ ଇମ୍ୟୁନାଇଜେସନ (ଏନ୍‌ଟିଏଜିଆଇ) ଗୁରୁବାର ଦିନ ପ୍ରସ୍ତାବ ଦେଇଥିଲା। ଏବେ ଏନ୍‌ଟିଏଜିଆଇର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ପୂର୍ବରୁ ଏହି ବ୍ୟବଧାନ ୪ ରୁ ୮ ସପ୍ତାହ ଥିବା ବେଳେ ଏବେ ଦୁଇଟି ଡୋଜ୍ ମଧ୍ୟରେ ୧୨ ରୁ ୧୬ ସପ୍ତାହ ବ୍ୟବଧାନ ରଖାଯିବ। ଏହାସହ ଏନ୍‌ଟିଏଜିଆଇ କହିଥିଲା ଯେ, ଅନ୍ତଃସତ୍ତ୍ୱା ମହିଳାମାନେ ନିଜ ପସନ୍ଦ ମୁତାବକ ଯେକୌଣସି କୋଭିଡ୍-୧୯ ଟିକା ବାଛି ନେଇ ପାରିବେ। ପ୍ରସବ କରିବା ପରେ ପରେ ସ୍ତନ୍ୟଦାତ୍ରୀ ମହିଳାମାନେ ମଧ୍ୟ ଯେକୌଣସି ଦିନ ଏହି ଟିକା ନେଇପାରିବେ। କୋଭିଡ୍-୧୯ ପଜିଟିଭ୍ ହୋଇଥିବା ବ୍ୟକ୍ତିମାନେ ଆରୋଗ୍ୟ ହେବାର ୬ମାସ ପରେ ଟିକା ନେବା ଉଚିତ ବୋଲି ଟିକାକରଣ କମିଟି ଏନ୍‌ଏଜିଆଇ ପ୍ରସ୍ତାବ ଦେଇଥିଲା।




# ହୁ’ର ରିପୋର୍ଟ ନେଇ ବଢ଼ିଲା ଚିନ୍ତା

**ଜେନେଭା:** ଋଇନାରୁ ଉତ୍ପତ ହୋଇଥିବା କରୋନା ଭାଇରସ ଏବେ ରୂପ ବଦଳାଉଛି। ଦୀର୍ଘ ଦିନ ଧରି ଗୋଟିଏ ପରିବେଶରେ ରହିବା ପରେ କରୋନା ଏବେ ଅଧିକ ମାରାତ୍ମକ ହୋଇଛି। ଏବେ ଭାରତରେ ଦେଖାଦେଇଥିବା କରୋନାର ଡବଲ ମ୍ୟୁଟାଣ୍ଟ ସାରା ବିଶ୍ୱର ଚିନ୍ତା ବଢ଼ାଇଛି। କାରଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ବୁଧବାର କହିଛି ଯେ ଭାରତରେ ଦେଖାଦେଇଥିବା ବି.୧.୬୧୭ ଭେରିଆଣ୍ଟ ଏବେ ପୃଥିବୀର ୪୪ଟି ଦେଶକୁ ବ୍ୟାପିଛି। ଏହି ୪୪ଟି ଦେଶରୁ ସଂଗୃହିତ ହୋଇଥିବା ୪୫୦୦ରୁ ଅଧିକ ନମୁନାରେ ବି.୧.୬୧୭ ଭେରିଆ ରହିଥିବା ଦେଖିବାକୁ ମିଳିଛି। ଏହି ଭେରିଆଣ୍ଟ ଗତ ବର୍ଷ ଅକ୍ଟୋବରରେ ପ୍ରଥମେ ଭାରତରେ ଦେଖିବାକୁ ମିଳିଥିଲା। ଭାରତ ପରେ ବ୍ରିଟେନରେ ଏହି ଭେରିଆଣ୍ଟ ସର୍ବାଧିକ ଦେଖିବାକୁ ମିଳିଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ



କହିଛି। ଋଇନାର ଉହାନରେ ପ୍ରଥମେ କରୋନା ଭାଇରସ ଦେଖାଦେଇଥିଲା। ଏବେ କରୋନା ସମୟଚକ୍ରରେ ପରିବର୍ତ୍ତିତ ହୋଇ ଅଧିକ ମାରାତ୍ମକ ହୋଇଛି। କାରଣ ଏହି ଭାଇରସ ମୃତ୍ୟୁ ହାର ବଢ଼ାଇଛି। ପ୍ରଥମେ ଯେତେବେଳେ କରୋନା ବ୍ୟାପିଥିଲା ସେତେବେଳେ ଆକ୍ରାନ୍ତଙ୍କ ଚିକିତ୍ସାରେ ଅକ୍ସିଜେନ ଆବଶ୍ୟକ ପଡୁନଥିଲା। ଚଳିତ ସପ୍ତାହରେ ବିଭିନ୍ନ ଦେଶରେ ଯେଉଁଭଳି ଭାବରେ ବି.୧.୬୧୭ ସଂକ୍ରମିତ ହୋଇଛି ତାହା ଚିନ୍ତାଜନକ। ଏହି ଭେରିଆଣ୍ଟ ବ୍ରିଟେନ, ବ୍ରାଜିଲ ଏବଂ ଦକ୍ଷିଣ ଆଫ୍ରିକା ଭେରିଆଣ୍ଟ ଭଳି ମାରାତ୍ମକ ବୋଲି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି। ହୁ କହିଛି ଯେ ବି.୧.୬୧୭ ଯୋଗୁଁ ଭାରତରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକା ପରେ ଭାରତରେ କୋଭିଡ ସଂକ୍ରମିତ ସର୍ବାଧିକ ରହିଛନ୍ତି। ବୁଧବାର ସକାଳେ କେନ୍ଦ୍ର ସରକାର ପ୍ରକାଶିତ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ବିଗତ ୨୪ ଘଣ୍ଟାରେ ୪,୨୦୫ ଜଣ କରୋନାରେ ଆଖି ବୁଜିଥିବା ବେଳେ ୩,୪୮,୪୨୧ ଜଣଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ଏହି ଦୈନିକ ସଂକ୍ରମିତ ହାର ୪ ଲକ୍ଷ ଉପରେ କିଛି ଦିନ ରହିଥିଲା। ଏବେ ପ୍ରାୟତଃ ସମସ୍ତ ରାଜ୍ୟ ଲକଡାଉନ୍ ଏବଂ ନାଇଟ୍ କର୍ଫ୍ୟୁ ଆଦି ଲଗାଇବା ପରେ ସଂକ୍ରମିତ ସଂଖ୍ୟା ୪ ଲକ୍ଷରୁ କମୁଥିବା ଦେଖିବାକୁ ମିଳିଛି।

# କରୋନା ଔଷଧ ଭିରାଫିନର ଦାମ୍ ଘୋଷଣା

**ନୂଆଦିଲ୍ଲୀ :** କରୋନାରେ ଗୁରୁତର ଥିବା କିମ୍ବା ଅକ୍ସିଜେନ ଆବଶ୍ୟକ କରୁଥିବା ଆକ୍ରାନ୍ତଙ୍କ ପାଇଁ ଜାଏଡସ କାଡିଲା ଦ୍ୱାରା ପ୍ରସ୍ତୁତ ‘ଭିରାଫିନ୍’ ରାମବାଣ ସଦୃଶ। ଗତମାସ ଅନ୍ତିମ ସପ୍ତାହରେ ଏହି ଔଷଧକୁ ଅନୁମତି ଦେଇଥିଲା ଡିଜିସିଏ। ଏବେ ଏହି ଔଷଧର ଦାମ ଘୋଷଣା କରିଛି କମ୍ପାନୀ। ଡୋଜ ପିଛା ଏହି ଭିରାଫିନର ଦାମ ୧୧,୯୯୫ ଟଙ୍କା ରହିଛି। ସାରା ଦେଶରେ କରୋନାର ଦ୍ୱିତୀୟ ଲହର ସମସ୍ତଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି। ଅନେକ ଆକ୍ରାନ୍ତ ଅକ୍ସିଜେନ ଅଭାବରୁ ଆଖି ବୁଜୁଛନ୍ତି। ଅନ୍ୟପଟେ କରୋନାକୁ ମାତ୍ ଦେବା ପାଇଁ ଟିକାକରଣକୁ ଜୋରଦାର କରିଛନ୍ତି କେନ୍ଦ୍ର ସରକାର। ହେଲେ ଋହିଦା ତୁଳନାରେ ଆବଶ୍ୟକ ଟିକା ମିଳନୁନଥିବାରୁ ଏହାକୁ ନେଇ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଭିରାଫିନ୍ ଜୀବନ ରକ୍ଷକ ଭାବରେ ଉଭା ହେବ ବୋଲି ବିଶ୍ୱାସ ରହିଛି। ଯାହାକି ମୃତ୍ୟୁ ସଂଖ୍ୟା ସହିତ ଅକ୍ସିଜେନର ଅଭାବ ଦୂର କରିବ ବୋଲି ଜାଏଡସ



କାଡିଲା ପକ୍ଷରୁ କୁହାଯାଇଛି। ଏହି ଭିରାଫିନ୍ ପେଗିଲେଟେଡ୍ ଇ ରଫେରନ୍ ଆଲଫା-୨ ନାମରେ ମଧ୍ୟ ଜଣାଶୁଣା। ଏହା ପ୍ଲାଜମିଡ ଆଧାରିତ ଏକ ପ୍ରକାର ଟିକା ବୋଲି ମଧ୍ୟ କୁହାଯାଉଛି। ତିନୋଟି ଡୋଜ ଜଣେ ଆକ୍ରାନ୍ତ ନେବେ ବୋଲି ଜଣାପଡ଼ିଛି। ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିବେ ହେଲେ ଗୁରୁତର ହେବାର ସମ୍ଭାବନା ଥିବ ସେମାନଙ୍କ କ୍ଷେତ୍ରରେ ଏହି ଔଷଧ ବ୍ୟବହାର କରିହେବ। ଆକ୍ରାନ୍ତଙ୍କ ଶରୀର ଅକ୍ସିଜେନ ଅଧିକ ଆବଶ୍ୟକ କରୁଥିଲେ ଏହି ଔଷଧ ଆବଶ୍ୟକତା ତୁରନ୍ତ ପୂରଣ କରିବ ବୋଲି କମ୍ପାନୀ କହିଛି। ଏହି ଔଷଧର ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ବେଶ ଭଲ ରେଜଲ୍ଟ ଦେଖାଇଛି। ଯାହାକି ଜଣେ ଗୁରୁତର ଆକ୍ରାନ୍ତଙ୍କୁ ଆରୋଗ୍ୟ କରିବାରେ ସକ୍ଷମ। ଏହି ଔଷଧ ଖାଇବା ପରେ ଜଣେ ଗୁରୁତର ସାତ ଦିନ ପରେ ଆର୍‌ଟିପିସିଆର ଟେଷ୍ଟ କରାଇଥିଲେ। ଆଉ ରିପୋର୍ଟ ନେଗେଟିଭ୍ ଥିଲା। କାରଣ ଏହି ଔଷଧ ଭାଇରସକୁ ଶୀଘ୍ର ଘାଇଲା କରିଦିଏ ବୋଲି ଜାଏଡସ କହିଛି। ତେବେ ଆଗାମୀ ଦିନରେ ଏହି ଔଷଧର ଋହିଦା ଅଧିକ ହେବ ବୋଲି କୁହାଯାଉଛି। ତେଣୁ ଏହାର ଅପବ୍ୟବହାରକୁ ରୋକିବା ପାଇଁ ବିନା ଡାକ୍ତରଙ୍କ ପ୍ରେସକ୍ରିପସନରେ ଏହା ମିଳିବ ନାହିଁ ବୋଲି ଜଣାପଡ଼ିଛି। ଚଳିତ ମାସ ଶେଷ କିମ୍ବା ଜୁଲାଇ ଆରମ୍ଭରେ ଏହା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। ଏହି ତିନୋଟି ଡୋଜ ଜଣେ ଆକ୍ରାନ୍ତ ନେବା ପରେ ତାଙ୍କ ଶୀରରରେ ଦୀର୍ଘକାଳୀନ ଭାବରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ଆଣ୍ଟିବଡି ତିଆରି ହୋଇପାରିବ ବୋଲି ଔଷଧ ନିର୍ମାତା ପକ୍ଷରୁ କୁହାଯାଇଛି।

**ଡିସିଜିଆଇର ବଡ ନିଷ୍ପତ୍ତି**

# ଛୋଟ ପିଲାଙ୍କ ପାଇଁ କୋଭାକ୍ସିନ୍ ଟ୍ରାଏଲ ଅନୁମତି

**ନୂଆଦିଲ୍ଲୀ :** ଛୋଟ ଛୁଆଙ୍କ ପାଇଁ ଖୁବଶୀଘ୍ର ଟିକ ଆସିବାକୁ ଯାଉଛି। ଡିସିଜିଆଇ (ଡ୍ରଗ୍ସ ଜେନେରାଲ କଣ୍ଟ୍ରୋଲ ଅଫ୍ ଇଣ୍ଡିଆ) ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟର କ୍ଲିନିକାଲ ପରୀକ୍ଷା ପାଇଁ ଅନୁମତି ଦେଇଛି। ଦୁଇରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ କ୍ଷେତ୍ରରେ ଟିକା ତିଆରି କରିବାକୁ ଏହି କ୍ଲିନିକାଲ ପରୀକ୍ଷଣ ହେବ। ଏହା ପୂର୍ବରୁ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ କ୍ଲିନିକାଲ ଟ୍ରାଏଲ କରିବାକୁ ଭାରତ ବାୟୋଟେକର ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜସନ ସଂଗଠନର (ସିଡିଏସ୍‌ସିଓ) ସବଜେକ୍ଟ ଏକ୍ସପର୍ଟ କମିଟି ଗତକାଲି ସ୍ୱିକୃତୀ ପ୍ରଦାନ କରିଥିଲା। ଆଉ ଡିସିଜିଆଇକୁ ଟ୍ରାଏଲ ପାଇଁ ଅନୁମତି ମାଗିଥିଲା। ଭାରତ ବାୟୋଟେକ ଏବେ ୫୨୫ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ପରୀକ୍ଷା କରିବ।



ସୂଚନାଯୋଗ୍ୟ, ଭାରତରେ ଆଗାମୀ ଦିନରେ କରୋନାର ତୃତୀୟ ଲହର ଆସିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆଉ ଏହି ସମୟରେ ଛୋଟ ଛୁଆ ପ୍ରଭାବିତ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ଛୋଟ ଛୁଆଙ୍କୁ କିଭଳି କରୋନାର ଦାଉରୁ ସୁରକ୍ଷିତ ରଖାଯିବ ସେ ନେଇ ବିଶେଷଜ୍ଞମାନେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ନିକଟରେ ଆମେରିକା ମଧ୍ୟ ସମାନ ପ୍ରସ୍ତୁତି ଆରମ୍ଭ କରି ଦେଇଛି।

**ନିରପେକ୍ଷ କମିଟିର ରିପୋର୍ଟ**

# ମହାମାରୀର ଭୟାବହତାକୁ ରୋକାଯାଇ ପାରିଥାନ୍ତା

**ଜେନେଭା :** ମହାମାରୀ କରୋନା ଭାଇରସ ଉଗ୍ର ରୂପକୁ ରୋକାଯାଇ ପାରିଥାଆନ୍ତା। କିନ୍ତୁ ଏହା ସମ୍ଭବ ହୋଇପାରିଲା ନାହିଁ ବୋଲି ନିରପେକ୍ଷ ଗ୍ଲୋବାଲ ପ୍ୟାନେଲ ତା’ ରିପୋର୍ଟରେ ଉଲ୍ଲେଖ କରିଛି। ପ୍ରାଣଘାତୀ କରୋନା ଭାଇରସ ଓ ସୂଚନା ପ୍ରଦାନ ତାଳମେଳର ଅଭାବ ଯୋଗୁ ଲୋକଙ୍କ ପାଖରେ ଏହାର ଠିକ୍ ତଥ୍ୟ ପହଞ୍ଚି ପାରିଲାନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଚାହିଁଥିଲେ ବହୁ ପୂର୍ବରୁ ଲୋକଙ୍କୁ କରୋନାର ଭୟାବହତା ବିଷୟରେ ସତର୍କ କରାଇ ପାରିଥାଆନ୍ତା। କିନ୍ତୁ ହୁ’ ଠିକଣା ସମୟରେ ତଥ୍ୟ ସାର୍ବଜନୀନ ନ କରିବାରୁ ବର୍ତ୍ତମାନ ପୁରା ବିଶ୍ୱ କରୋନା କବଳରେ ପଡି କଲବଲ ହେଉଥିବା ରିପୋର୍ଟରେ କୁହାଯାଇଛି। ଦ ଇଣ୍ଡଇପେଣ୍ଡେଣ୍ଟ ପ୍ୟାନେଲ ଫର ପାନ୍‌ଡିମିକ୍ ପ୍ରିପେଆରଡନେସ ଆଣ୍ଡ ରେସପନ୍ସ (ଆଇପିପିପିଆର) କହିଛି ଯେ, ଗୋଟିଏ ପରେ ଗୋଟିଏ ଖରାପ ନିଷ୍ପତ୍ତି ଯୋଗୁ କରୋନା ଭାଇରସ ବର୍ତ୍ତମାନ ସୁଦ୍ଧା ୩୩ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେବା ସହ ବିଶ୍ୱ ଅର୍ଥନୀତିକୁ ଧ୍ୱଂସ କରିଦେଇଛି। ଆଇପିପିପିଆର ତା’ର ବହୁପ୍ରତିକ୍ଷୀତ ଅନ୍ତିମ ରିପୋର୍ଟରେ କହିଛି ଯେ, ବିଭିନ୍ନ ସଂସ୍ଥା ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି ଓ ବିଜ୍ଞାନ ପଦ୍ଧତିକୁ ଗ୍ରହଣ କରୁଥିବା ନେତାମାନେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ବିଶ୍ୱାସ ରଖୁଥିବା ଲୋକଙ୍କ ଆସ୍ଥାକୁ ହ୍ରାସ କରିଛନ୍ତି। ପ୍ୟାନେଲ କହିଛି, ଚୀନ୍‌ର ଉହାନରେ ୨୦୧୯ ଡିସେମ୍ବର ମାସରୁ କରୋନା ସଂକ୍ରମଣ ବଢ଼ିଥିଲା। ହେଲେ ଏହାକୁ କେହି ଗୁରୁତ୍ୱ ଦେଇନଥିଲେ। ଫଳସ୍ୱରୂପ ୨୦୨୦ ଫେବୃଆରୀ ବେଳକୁ ଏହା ସମସ୍ତଙ୍କ ପାଇଁ ମହଙ୍ଗା ସବ୍ୟସ୍ତ ହେଲା। କରଣ କିଛି ଦେଶ



କରୋନା ସଂକ୍ରମଣର ସଙ୍କେତକୁ ହାଲୁକା ଭାବେ ନେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଲୋକଙ୍କୁ ଚାହିଁଥିଲେ, ଏ ଦିଗରେ ସତର୍କ କରାଇ ପାରିଥାଆନ୍ତା ବୋଲି ଏଥିରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି, ବର୍ତ୍ତମାନ ମହାମାରୀକୁ ମାତ୍ ଦେବାକୁ ହେଲେ ବିତ୍ତଶାଳୀ ରାଷ୍ଟ୍ର ଗୁଡିକ ଗରିବ ଦେଶ ଗୁଡିକୁ ୧ ବିଲିୟନ ଲେଖାଏ ଟିକା ଦାନ କରନ୍ତୁ। ଏଥିସହ ଆଗାମୀ ମହାମାରୀର ମୁକାବିଲା ପାଇଁ ବିତ୍ତଶାଳୀ ରାଷ୍ଟ୍ର ଗୁଡିକ ଏବେଠାରୁ ନୂଆ ନୂଆ ସଂଗଠନ ଗୁଡିକ ଅର୍ଥ ଦାନ କରିବା ଆରମ୍ଭ କରନ୍ତୁ। କୋଭିଡ୍-୧୯, ମେକ୍ ଇଟ୍ ଦ ଲାଷ୍ଟ ପାଡାମିକ୍ ନାଁରେ ପ୍ରସ୍ତୁତ ରିପୋର୍ଟରେ କୁହାଯାଇଛି, ଆଜି ଆମେ ଯେଉଁ ଭଳି ସ୍ଥିତିରେ ଅଛୁ ଏହାକୁ ରୋକା ଯାଇ ପାରିଥାଆନ୍ତା। ଆଗୁଆ ସଙ୍କେତ, ତତ୍ପରତା ଓ ପ୍ରସ୍ତୁତିରେ ଅଭାବ ଯୋଗୁ ଆମକୁ ପରିଣାମ ଭୋଗିବାକୁ ପଡୁଛି। କୋଭିଡ୍-୧୯ର ବେଗକୁ ହ୍ରାସ କରିବା ପାଇଁ କିଛି ପଦକ୍ଷେପ ନିଆଯାଇଥିଲା। କିନ୍ତୁ ସେଥିରେ ବିଳମ୍ବ, ସଙ୍କୋଚ ଓ ପ୍ରତ୍ୟାଖ୍ୟାନ ଥିବାରୁ କିଛି ବି ଲାଭ ମିଳିଲାନି। ମହାମାରୀର ବିପଦକୁ ସମସ୍ତେ ଅଣଦେଖା କରିଥିଲେ। କୌଣସି ଦେଶ ଏହାର ମୁକାବିଲା ପାଇଁ ପୂର୍ବରୁ ପ୍ରସ୍ତୁତି କରି ନଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୨୦ ମସିହା ୨୨ ଜାନୁଆରୀର ସ୍ଥିତିକୁ ଦେଖି ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀ କାଳୀନ ସ୍ଥିତି ଘୋଷଣା କରିପାରିଥାଆନ୍ତା। କିନ୍ତୁ ଏପରି ଘୋଷଣା କରିବା ପାଇଁ ହୁ’ ଆଉ ୮ଦିନ ସମୟ ନେଇଥିଲା। ମାର୍ଚ୍ଚ ମାସରେ ହୁ’ ଏହାକୁ ମହାମାରୀ ଘୋଷଣା କରିଥିଲା। ଚୀନ୍ ପକ୍ଷରୁ ଆଲର୍ଟ କରିବାରେ ନିଶ୍ଚୟ ବିଳମ୍ବ ହୋଇଛି। ହେଲେ ବିଳମ୍ବ ସବୁ ଆଡେ ମଧ୍ୟ ଦେଖିବାକୁ ମିଳିଛି। ଏହି କାରଣରୁ ଆମକୁ ଦୀର୍ଘ ୧୫ ରୁ ୧୬ମାସ ହେଲାଣି କରୋନା କବଳରେ ରହିବାକୁ ପଡିଛି ବୋଲି ପ୍ୟାନେଲ କହିଛନ୍ତି। କରୋନା କବଳରୁ ମୁକୁଳିବା ପାଇଁ ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରାଯିବା ଉଚିତ ବୋଲି ପ୍ୟାନେଲ ପରାମର୍ଶ ଦେଇଛି।

## କେମିତି କଟିବ ଏ ସପ୍ତାହ

**ମେଷ** — ଶାରୀରିକ ଓ ମାନସିକ ସ୍ତରରେ ଖଉସି ଅନୁଭବ କରିବେ। ଅର୍ଥ ବିନିଯୋଗ ପୂର୍ବରୁ ଯାଞ୍ଚ କରି ନିଅନ୍ତୁ। ପରିସ୍ଥିତି ପାଇଁ ଏକା ରହିବା ପାଇଁ ଇଚ୍ଛା କରିବେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ ନାହିଁ। ଜୀବନ ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ।

**ବୃଷ** — ସ୍ୱାସ୍ଥ୍ୟ ସମସ୍ୟା ଆସିପାରେ। ଅର୍ଥ ପ୍ରାପ୍ତି ଯୋଗ ଅଛି। କିନ୍ତୁ ସତର୍କ ରହନ୍ତୁ। ସମାଜରେ ଲୋକପ୍ରିୟତା ବଢ଼ିବ। ଗୁରୁଜନଙ୍କ ସହ ତର୍କ କରନ୍ତୁ ନାହିଁ ପ୍ରେମରେ ସଫଳତା ମିଳିବ। ବିଦେଶ ଭ୍ରମଣ ରହିଛି। ରାଜନୀତିରେ ପାଦ ଥାପିପାରନ୍ତି।

**ମିଥୁନ** — ଆଖପାଖ ଲୋକଙ୍କ ପାଇଁ ଅନେକ କାର୍ଯ୍ୟ କରିପାରନ୍ତି। ବନ୍ଧୁଙ୍କ ସହ କିଛି ସମୟ ବିତାନ୍ତୁ ଲାଭହେବ। ପରିବାରର ଲୋକମାନଙ୍କ ଧ୍ୟାନ ନିଜ ଆଡକୁ କରିପାରନ୍ତି। ଉତ୍ତମ ଭୋଜନର ସମ୍ଭାବନା ଅଛି।

**କର୍କଟ** — ଅନେକ ମହତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଇପାରନ୍ତି। ସେଥିପାଇଁ ମନ ଅସ୍ଥିର ରହିବ। କ୍ଷତି ହେଉଥିବା ଦିଗରୁ ଲାଭ ମିଳିବ। ନୂତନ ବାହନ କିଣିପାରନ୍ତି। ପରିବାର ପ୍ରତି ଧ୍ୟାନ ଦିଅନ୍ତୁ। ପଦୋନ୍ନତି ହୋଇପାରେ।

**ସିଂହ** — ଖେଳକୁଦରେ ଭାଗ ନିଅନ୍ତୁ। ଧନହାନୀର ସମ୍ଭାବନା ଅଛି। ପରିବାରରେ ଖୁସିର ପରିବେଶ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ନିଶ୍ଚିତ। ଛାତ୍ରମାନେ କମ ପରିଶ୍ରମରେ ଅଧିକ ନମ୍ବର ପାଇବେ।

**କନ୍ୟା** — ବ୍ୟାୟାମରୁ ଦିନ ଆରମ୍ଭ କରନ୍ତୁ। ପୂର୍ବାନୁମାନ ଅନୁସାରେ ଧନପ୍ରାପ୍ତି ହେବ। ପରିବାରରେ ଶାନ୍ତି ଅନୁଭବ କରିବେ। ବ୍ୟବସାୟ ପାଇଁ ଦୂରଯାତ୍ରା ଯୋଗ ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରମାନେ ସୁଖରେ ପାଇବେ।

**ତୁଳା** — ନିୟମିତ ବ୍ୟାୟାମ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ବିତରଣ ବ୍ୟବସାୟରେ ସଫଳତା ମିଳିବ। ପରିବାର ପାଇଁ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗହଣା ବା ମୂଲ୍ୟବାନ ଦ୍ରବ୍ୟ କଣିପାରନ୍ତି।

**ବିଛା** — ମାନସିକ ସ୍ଥିତି ଉତ୍ତମ ରହିବ। ବ୍ୟୟ ତୁଳନାରେ ଆୟ ଅଧିକ ରହିବ। ପରିବାର ସହ ଭଲ ସମୟ ବିତାଇବେ। ସାଧାରଣରେ ଗଣ୍ଡଗୋଳଠାରୁ ଦୂରେଇ ରହନ୍ତୁ। ଛାତ୍ରମାନେ ସଫଳ ହେବେ।

**ଧନୁ** — ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ ଆତ୍ମଚିନ୍ତନ କରନ୍ତୁ। କାହାକୁ ଉଧାର ଦିଅନ୍ତୁ ନାହିଁ। ଉଧାର ନିଅନ୍ତୁ ନାହିଁ। କୌଣସି ଆତ୍ମୀୟଙ୍କୁ ସାକ୍ଷାତ କରିପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ଆପଣଙ୍କ ଗୁରୁତ୍ୱ ବଢ଼ିବ। ଛାତ୍ରମାନେ ପାଠରେ ମନ କେନ୍ଦ୍ରୀତ କରନ୍ତୁ।

**ମକର** — ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ବ୍ୟବସାୟରେ ପରୀକ୍ଷା ନିରୀକ୍ଷା କରି ନିବେଶ କରନ୍ତୁ। ପରିବାରରେ ସପ୍ତାହର ଶେଷ ଭାଗରେ ଶାନ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଆସିବ। ଛାତ୍ରମାନେ ପଢ଼ାରୁ ବାହାରି ମନ ଅନ୍ୟ କାର୍ଯ୍ୟରେ ଦେବେ।

**କୁମ୍ଭ** — ମନକୁ ଦୃଢ଼ କରନ୍ତୁ ଓ ନିଜର ଜ୍ଞାନ ପ୍ରତି ଭରସା ରଖନ୍ତୁ। ବ୍ୟବସାୟରେ ବଡ କ୍ଷତି ହୋଇପାରେ। ବନ୍ଧୁ ଓ ପରିବାର ସହ ସମୟ ବିତାଇବେ। ଛାତ୍ରମାନେ ଅନଲାଇନ ପାଠପଢ଼ି ପାରନ୍ତି। ଦମ୍ପତିମାନେ ବିଳାସବ୍ୟସନରେ ଅଧିକ ମନ ଦେବେ।

**ମୀନ** — ଅଯଥା ଚିନ୍ତା ଯୋଗୁଁ ସ୍ୱାସ୍ଥ୍ୟ ହାନୀ ହେବ। ବ୍ୟବସାୟରେ କ୍ଷତି ହେବାର ଯୋଗ ଅଛି। ପ୍ରେମୀମାନେ ଏ ସପ୍ତାହରେ ବିବାହ ପ୍ରସ୍ତାବ ରଖନ୍ତୁ ନାହିଁ। ବିଭିନ୍ନ ପ୍ରକାର ଦିଗରୁ କିଛି କିଛି ଆୟର ଯୋଗ ଅଛି। ଛାତ୍ରମାନେ ପାଠରେ ମନ ଦେବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ସବୁ ଜିଲ୍ଲାପାଳଙ୍କୁ ଏସିଏସ୍‌ଙ୍କ ଚିଠି

# ପରିଚୟ ପତ୍ର ନଥିଲେ ବି ମିଳିବ ଟିକା



**ଭୁବନେଶ୍ୱର :** ପରିଚୟ ପତ୍ର ନଥିଲେ ବି ଟିକାକରଣରୁ କେହି ବଞ୍ଚିତ ହେବେ ନାହିଁ। ସେଥିପାଇଁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାରୟ ପରିଚା। ପତ୍ର ନଥିବା ବକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ କିଭଳି ଟିକାକରଣ ପ୍ରକ୍ରିୟାରେ ସାମିଲ କରାଯାଇପାରିବ, ସେଥିଲାଗି ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସ୍ୱାସ୍ଥ୍ୟ ବିଭାଗ) ପ୍ରଦୀପ୍ତ ମହାପାତ୍ର। ଏନେଇ ସେ ସମସ୍ତ ଜିଲ୍ଲାପାଳ ଏବଂ ମହାନଗର ନିଗମ କମିଶନରମାନଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଏସିଏସ୍ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ଟିକା ପାଇଁ ପଞ୍ଜିକରଣ କରିବାକୁ ହେଲେ ୭ଟି ପରିଚୟ ପତ୍ର ମଧ୍ୟରୁ ଗୋଟିଏ ଦେଖାଇବାକୁ ପଡୁଛି। ହେଲେ ରାଜ୍ୟରେ ଏମିତି ବହୁ ବର୍ଗର ଲୋକ ଅଛନ୍ତି, ଯେଉଁମାନଙ୍କ ନିକଟରେ ଏହି ପରିଚୟ ପତ୍ର ଗୁଡ଼ିକ ମଧ୍ୟରୁ କୌଣସିଟି ବି ନାହିଁ। କିନ୍ତୁ ସେମାନେ ବି କୋଭିଡ ସଂକ୍ରମିତ ହୋଇପାରନ୍ତି। ବିଭିନ୍ନ ଧର୍ମର ସାଧୁ, ସନ୍ଥ, ଯାଯାବର ଜୀବନ ବିତାଉଥିବା ନିରାଶ୍ରୟ, ଭିକାରୀ, ମାନସିକ ଚିକିତ୍ସା ଅନୁଷ୍ଠାନ ଏବଂ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀମାନଙ୍କୁ ଏହି ବର୍ଗରେ ତାଲିକାଭୁକ୍ତ କରାଯାଇଛି। ଏହି ବର୍ଗର ୧୮ ବର୍ଷରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଏସିଏସ୍ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶାରେ ବ୍ଲାକ ଫଙ୍ଗସ ପରୀକ୍ଷା ଓ ଚିକିତ୍ସା ସମ୍ଭବ

**ଭୁବନେଶ୍ୱର :** କରୋନା କାଳରେ କଳାଦାଗ (ବ୍ଲାକ୍ ଫଙ୍ଗସ ବା ମ୍ୟୁକୋର୍ମାଇକୋସିସ୍) ରୋଗକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ହେଲେ ଏହାକୁ ନେଇ ଜନସାଧାରଣ ଆତଙ୍କିତ ନହେବାକୁ ରାଜ୍ୟ ଭେଷଜ ଶିକ୍ଷା ତାଲିମ ନିର୍ଦ୍ଦେଶକ ଡାକ୍ତର ସି.ବି.କେ ମହାନ୍ତି କହିଛନ୍ତି। ଡାକ୍ତର କହିଛନ୍ତି ଏହା କରୋନା ଭଳି ସଂକ୍ରାମକ ନୁହେଁ। ଏହି ରୋଗ ପୂର୍ବରୁ ଥିଲା ଏବଂ ଏବେ ମଧ୍ୟ ରହିଛି। ତଫାତ ଏତିକି ପୂର୍ବରୁ ମଧୁମେହ, କର୍କଟ, ବୃକକ ଏବଂ ଅଙ୍ଗ ପ୍ରତିରୋପଣ କରାଯାଇ ଥିବା ରୋଗୀଙ୍କ ପାଖରେ ବ୍ଲାକ ଫଙ୍ଗସ ଦେଖାଯାଉଥିଲା। ଏହି ରୋଗଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ ଥିବାରୁ ବେଳେବେଳେ ବ୍ଲାକ ଫଙ୍ଗସରେ ଆକ୍ରାନ୍ତ ହୁଅନ୍ତି। କିନ୍ତୁ ବହୁତ କମ ରୋଗୀଙ୍କ ପାଖରେ ଦେଖାଯାଏ। ଏବେ ମଧୁମେହ ରୋଗୀ କରୋନା ସଂକ୍ରମିତ ଥାଇ ଷ୍ଟେରଏଡ ନେଲେ ବ୍ଲାକ ଫସଙ୍ଗ ହେବାର ସମ୍ଭାବନା ଅଧିକ। ବ୍ଲାକ ଫଙ୍ଗସ ରୋଗର ପରୀକ୍ଷା ନିରୀକ୍ଷା ସୁବିଧା ଓଡ଼ିଶାର ମାଇକ୍ରୋଲାବ୍ରୋଟୋରୀ (ପରୀକ୍ଷାଗାର)ରେ ରହିଛି। ଏହାର ଉପଯୁକ୍ତ ଚିକିତ୍ସା ରାଜ୍ୟରେ ସମ୍ଭବଏବଂ ଔଷଧ ମଧ୍ୟ ବଜାରରେ ଉପଲବ୍ଧ। ରାଜ୍ୟ ସରକାର ଏହା ଉପରେ ନଜର ରଖିଛନ୍ତି। ଜନସାଧାରଣ ଭୟଭୀତ ହେବାର କାରଣ ନାହିଁ। ବରିଷ୍ଠ ସ୍ୱାସ୍ଥ୍ୟ ପରାମର୍ଶଦାତା ଡ. ସୁଶାନ୍ତ କୁମାର ସେଠୀ କହିଛନ୍ତି, ମଧୁମେହ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ରୋଗୀଙ୍କ ପାଖରେ ଏହି ପ୍ରକାର ରୋଗ ଦେଖାଦେବା ସମ୍ଭାବନା ଅଧିକ। ଭାରତରେ ୫୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ। ମଧୁମେହ ରୋଗୀ କରୋନାରେ ସଂକ୍ରମିତ ହୋଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସା ଥିବା ସମୟରେ ଷ୍ଟେରଏଡ୍ ନେଉଥିଲେ ସେମାନଙ୍କ କ୍ଷେତ୍ରରେ ବ୍ଲାକ ଫଙ୍ଗସ ହେବା ସମ୍ଭାବନା ରହୁଛି। ଷ୍ଟେରଏଡ୍ ରୋଗ ପ୍ରତିରୋଧକ ଶକ୍ତି କମାଏ। ମଧୁମେହ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି କମ କରେ ଏବଂ କରୋନା ବି ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରୁଛି। ଭାରତରେ ଦେଖାଯାଉଛି ଯେଉଁ ରୋଗୀ ମଧୁମେହ ଥାଇ କରୋନା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କୁ ବ୍ଲାକ ଫଙ୍ଗସ ସଂକ୍ରମିତ କରୁଛି। ଏହି ରୋଗ ନାକ, ଆଖିଡୋଳା, ମସ୍ତିଷ୍କ, ଶ୍ୱାସନଳୀ ଏବଂ ଫୁସ୍‌ଫୁସ୍ ଆକ୍ରାନ୍ତ କରେ। ନାକ ଏବଂ ଆଖିରୁ କଳାପାଣି ବାହାରେ। ଆଣ୍ଟିଫଙ୍ଗାଲ ଏବଂ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା ସମ୍ଭବ। ବ୍ଲାକ ଫଙ୍ଗସରେ ଯେଉଁ ଅଂଶ ସଂକ୍ରମିତ ହୋଇଥିବ ସେହି ଅଂଶକୁ ଅସ୍ତ୍ରୋପଚାର କରାଯାଏ। କରୋନା ଆକ୍ରାନ୍ତଙ୍କୁ ବ୍ଲାକ ଫଙ୍ଗସ ହେଲେ ରୋଗୀ ଜଟିଳ ଅବସ୍ଥାକୁ ଚାଲିଯାଏ। ଏହି ରୋଗ ପୂର୍ବରୁ ଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ମାନସରଞ୍ଜନ ପଟ୍ଟନାୟକ କହିଛନ୍ତି, ଗୁରୁତର ଏବଂ ମଧ୍ୟମ ଧରଣ କରୋନା ସଂକ୍ରମିତ ଚିକିତ୍ସା କିମ୍ବା ଆରୋଗ୍ୟ ପରେ ବ୍ଲାକ୍ ଫଙ୍ଗସରେ ପୀଡିତ ହୋଇପାରନ୍ତି। ଗୁଜରାଟ ଏବଂ ମହାରାଷ୍ଟ୍ରରେ ସଂକ୍ରମିତ ଆରୋଗ୍ୟ ହେବା ପରେ ବ୍ଲାସ ଫଙ୍ଗସରେ ଆକ୍ରାନ୍ତ ହେଉଥିବା ଚିକିତ୍ସାରୁ ଜଣାପଡିଛି। କିନ୍ତୁ ଚିକିତ୍ସା ସମୟରେ ସର୍ବାଧିକ ସଂକ୍ରମିତ ବ୍ଲାକ ଫଙ୍ଗସରେ ପୀଡିତ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ବ୍ଲାକ ଫଙ୍ଗସ ପାଇଁ ଆଣ୍ଟିଫଙ୍ଗାଲ ଚିକିତ୍ସା ଉପଲବ୍ଧ। ରୋଗୀ ଏହାକୁ ସାଧାରଣ ରୋଗ ଭାବେ ନେବା ଉଚିତ ନୁହେଁ। ମୁତ୍ର ଦ୍ୱାର ଏବଂ ମଳ ଦ୍ୱାରାରେ ବେଶି ଦେଖାଯାଏ। ଆଖି ନଷ୍ଟ କରିଦିଏ। ଚର୍ମରେ ଆଲର୍ଜୀ ଦେଖାଦେବ ପରେ ଆସ୍ତେ ଆସ୍ତେ ରୋଗୀର ଶରୀର ରଙ୍ଗ ବଦଳିବା ଆରମ୍ଭ କରିବ। ଚର୍ମର ଯେଉଁ ଅଂଶରେ ବ୍ଲାକ ଫଙ୍ଗସ ଆରମ୍ଭ ହୁଏ ସେହି ସ୍ଥାନଟି ଫୁଲିଯାଏ। କିଛି ସମୟ ପରେ ଜାମୁକୋଳି ରଙ୍ଗ ପରି ଦେଖାଯାଏ। ବାହାର ରାଜ୍ୟରେ କରୋନାରେ ସଂକ୍ରମିତ ହେବା ପରେ ବ୍ଲାକ ଫଙ୍ଗସରେ ପୀଡ଼ିତ ରୋଗୀ ମୃତ୍ୟୁବରଣ କରିଛନ୍ତି। ହେଲେ କରୋନା ନାଁ ବ୍ଲାକ ଫଙ୍ଗସରେ ମୃତ୍ୟୁ ହୋଇଛି ତା' ଉପରେ ଗବେଷଣା ଚାଲିଛି। କରୋନାକୁ ଯେଉଁଭଳି ଗୁରୁତ୍ୱ ଦିଆଯାଇ ଚିକିତ୍ସା କରାଯାଉଛି, ବ୍ଲାକ ଫଙ୍ଗସକୁ ମଧ୍ୟ ଅନୁରୂପ ଗୁରୁତ୍ୱ ଦେଇ ଚିକିତ୍ସା କରିବା ଉଚିତ।

## ଶିକ୍ଷକଙ୍କୁ କରୋନା ଯୋଦ୍ଧା ଘୋଷଣା ପାଇଁ ଶିକ୍ଷକ ସଂଘର ଦାବି



**ଭଦ୍ରକ :** ବର୍ତ୍ତମାନ କରୋନା ମହାମାରୀ ସମୟରେ କରୋନା ବିରୋଧରେ ଲଢ଼ିବା ପାଇଁ ଏକ ନିର୍ଣ୍ଣାୟକ ଯୁଦ୍ଧ ଆରମ୍ଭ ହୋଇଛି। ଯେଉଁଥିରେ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀମାନେ ଆଗଧାଡିର ଯୋଦ୍ଧା ସାଜିଥିବା ବେଳେ ଓଡ଼ିଶାର ଶିକ୍ଷକମାନେ ପ୍ରମୁଖ ଯୋଦ୍ଧା ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ସୀମା ଜଗିବା ଠାରୁ ଆରମ୍ଭ କରି ଶ୍ମଶାନରେ ଡ୍ୟୁଟି କରିବା ସହ ବିଭିନ୍ନ ରେଳ ଷ୍ଟେସନରେ ୨୪ ଘଣ୍ଟା କୋଭିଡ୍ ଡ୍ୟୁଟି କରୁଛନ୍ତି। ପ୍ରତିଦିନ ଅନେକ ଶିକ୍ଷକଙ୍କୁ କରୋନା ଡ୍ୟୁଟି ଯୋଗୁଁ ସଂକ୍ରମିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିବା ଖବର ମିଳୁଛି। ଯାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏ ସଂକ୍ରାନ୍ତରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ସମ୍ପାଦକ ହାଜୀ ତବରେଜ୍ ଖାନ୍, ଭଦ୍ରକ ଜିଲ୍ଲା ସଭାପତି ଅରବିନ୍ଦ ଦୀକ୍ଷିତ, ଜିଲ୍ଲା ଶିକ୍ଷକ ନେତା ଜାବେଦ ଅଖତର, ଶିକ୍ଷାବିତ୍ ତଥା ନାରୀ ନେତ୍ରୀ ତାହେରା ଖାତୁନ ପ୍ରମୁଖ ଶିକ୍ଷକଙ୍କୁ ପ୍ରମୁଖ କରୋନା ଯୋଦ୍ଧା ଘୋଷଣା କରିବା ସହ ଡ୍ୟୁଟି ସମୟରେ ମାସ୍କ, ସାନିଟାଇଜର ଓ ପିପିଇ କିଟ୍ ଇତ୍ୟାଦି ପ୍ରଦାନ କରିବା ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ସଚିବ, ଗଣଶିକ୍ଷା ବିଭାଗ ସଚିବ ଓ ଭଦ୍ରକ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି।

## ବିନା ଭକ୍ତରେ ଆଖଣ୍ଡଳମଣିଙ୍କ ଚନ୍ଦନ ଯାତ୍ରା

**ଭଦ୍ରକ :** ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଛି ବାବ ଆଖଣ୍ଡଳମଣିଙ୍କ ଚନ୍ଦନ ଯାତ୍ରା। ଏହା ୨୧ ଦିନ ଧରି ଚାଲିବ। ହେଲେ ମହାମାରୀ କରୋନାର ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ବିନା ଭକ୍ତରେ କୋଭିଡ୍ କଟକଣା ମଧ୍ୟରେ ଆଖଣ୍ଡଳମଣିଙ୍କ ଚନ୍ଦନଯାତ୍ରା ନୀତି ସଂପନ୍ନ କରିବା ପାଇଁ ଉଭୟ ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଶିବଗଙ୍ଗା ପୁଷ୍କରିଣୀରେ ଚାପନୀତି କରାନଯାଇ ମନ୍ଦିର ଭିତର ବେଢାରେ ସୀମିତ ସେବାୟତଙ୍କ ମଧ୍ୟରେ ସଂପନ୍ନ କରାଯିବା ପାଇଁ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ନଟକା ଜାରି କରିଛନ୍ତି।

### କରୋନା ମୁକାବିଲା ନେଇ ନବୀନଙ୍କ ସହ କଥା ହେଲେ ଧର୍ମେନ୍ଦ୍ର

# ଗଠନ ହେଉ 'କୋଭିଡ୍ କ୍ରାଇସିସ ମ୍ୟାନେଜମେଣ୍ଟ କମିଟି'

**ଭୁବନେଶ୍ୱର :** ରାଜ୍ୟରେ ଗାଁ ଓ ୱାର୍ଡ଼ ସ୍ତରରେ କୋଭିଡ- ୧୯ର ମୁକାବିଲା ପାଇଁ ସମସ୍ତ ରାଜନୈତିକ ଦଳର ନେତା ମାନଙ୍କୁ ନେଇ 'କୋଭିଡ୍ କ୍ରାଇସିସ ମ୍ୟାନେଜମେଂଟ୍ କମିଟି' ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାରେ କୋଭିଡ୍-୧୯ର ସଠିକ୍ ମୁକାବିଲା କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ବିଷୟରେ ଆଜି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବା ପରେ ଶ୍ରୀ ପ୍ରଧାନ ଏହା ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଆଗାମୀ ୧୫ ଦିନ ଆମ ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜିଂ ସମୟ ରହିବ। ତେଣୁ ତୃଣମୂଳ ସ୍ତରରେ କୋଭିଡ୍ -୧୯ର ମୁକାବିଲାରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତି, ସ୍ୱେଚ୍ଛାସେବୀ ତଥା ସମସ୍ତ ରାଜନୈତିକ ଦଳର ନେତା ମାନଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲି।



ଏହାସହ କୋଭିଡ୍- ୧୯ ମୁକାବିଲା ତଥା ସଠିକ୍ ପରିଚାଳନା ପାଇଁ ରାଜ୍ୟର ସବୁ ଗାଁ ଓ ୱାର୍ଡ଼ ସ୍ତରରେ ସମସ୍ତ ରାଜନୈତିକ ଦଳର ନେତୃତ୍ୱ ମାନଙ୍କୁ ନେଇ ଏକ 'କୋଭିଡ୍ କ୍ରାଇସିସ ମ୍ୟାନେଜମେଂଟ୍ କମିଟି' ଗଠନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। ଓଡ଼ିଶାରେ କିପରି ଭ୍ୟାକସିନ୍ ଉପଲବ୍ଧି ହୋଇପାରିବ ସେ ନେଇ ମୁଖ୍ୟମନ୍ତ୍ରୀ ମୋତେ ଅବଗତ କରାଇଲେ। ରାଜ୍ୟକୁ କିପରି ଭ୍ୟାକସିନ୍, ରେମଡ଼େସିଭର ଡ୍ରଗ୍ସ, ରାପିଡ୍ ଆଂଟିଜେନ୍ ଟେଷ୍ଟ କିଟ୍ ଅଧିକରୁ ଅଧିକ ଯୋଗାଯାଇ ପାରିବ ସେ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ହର୍ଷବର୍ଦ୍ଧନ ଏବଂ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟଙ୍କ ସହ କଥା ହୋଇଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲି। ବର୍ତ୍ତମାନ କୋଭିଡ୍ ମହାମାରୀର ସଂକଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ରାଜ୍ୟ ସରକାରଙ୍କୁ ଯଥାସମ୍ଭବ ସହଯୋଗ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ମିଳିତ ସହଯୋଗ ଏବଂ ସମନ୍ୱୟ ବଳରେ ଓଡ଼ିଶା ଏବଂ ଭାରତ ଏହି ମହାମାରୀ ବିରୁଦ୍ଧ ଲଢ଼େଇରେ ବିଜୟୀ ହୋଇପାରିବ। ଆମେ ଏକାଠି ହୋଇ ଜିତିପାରିବା ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ଦିନ ତଳେ ଓଡ଼ିଶାରେ ପରିଚାଳିତ କେନ୍ଦ୍ରୀୟ ରଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଂଗଠନ, ବ୍ୟାଙ୍କିଂ ଏବଂ ରେଳ କ୍ଷେତ୍ରର ପ୍ରମୁଖ ଅଧିକାରୀଙ୍କ ସହ କଥା ହୋଇ ରାଜ୍ୟରେ ଟେଷ୍ଟି, ଭେଂଟିଲେଟର, ଟିକାକରଣ ଓ ଅକ୍ସିଜେନ ବ୍ୟବସ୍ଥା ବଢାଇବା ସହ ସ୍ୱାସ୍ଥ୍ୟ ଭିତିଭୂମି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

## 'ଭୟଭୀତ ହେଲେ ଅଧିକ ବିପଦ'




**ଭୁବନେଶ୍ୱର :** ବର୍ତ୍ତମାନ କୋଭିଡ୍ ସମୟରେ ଲୋକଙ୍କ ମଧ୍ୟରେ ଅହେତୁକ ଭୟ ରହୁଛି। ଆଗରୁ ମାନସିକ ରୋଗ ଥିଲେ ପ୍ରଭାବିତ ହେବାର ଆଶଙ୍କା ରହିଛି। ସବୁବେଳେ ନିଜକୁ ନିୟୋଜିତ କରି ରଖିବାକୁ ଚେଷ୍ଟା କରନ୍ତୁ ବୋଲି ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଛନ୍ତି। କୋଭିଡ୍ ସମ୍ପର୍କିତ ସୂଚନାମୂଳକ କାର୍ଯ୍ୟକ୍ରମରେ ମାନସିକ ରୋଗ ବିଶେଷଜ୍ଞ ସାରଦା ସ୍ୱାଇଁ କହିଛନ୍ତି ଯେ, ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିଲେ କୋଭିଡ୍ ଔଷଧ ସହ ମାନସିକ ରୋଗର ଔଷଧ ଖାଇପାରିବେ। ମାସ୍କ ବ୍ୟବହାର ଓ ସାମାଜିକ ଦୂରତା ପାଳନ କରିବେ। ସବୁ ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଯାନ ଯୋଗାଯାଇଛି। ସାକ୍ଷାତ ଓ ଭିଡିଓ କଲରେ ବିଶେଷଜ୍ଞ ପରାମର୍ଶ ଦେଉଛନ୍ତି। ଭ୍ରାମ୍ୟମାଣ ଯାନ ମାନସିକ ରୋଗୀଙ୍କ ନିକଟରେ ଔଷଧ ପହଞ୍ଚାଇବାର ବ୍ୟବସ୍ଥା ରହିଛି। କରୋନା ରୋଗୀ ଭୟଭୀତ ହେଲେ ରୋଗ ଅଧିକ ଆକ୍ରାନ୍ତ କରିବାର ଆଶଙ୍କା ରହିଛି। ଭୟଭୀତ ହେଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇପାରେ। ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ କରୋନା ଅଧିକ ଆକ୍ରମକ ହୁଏ। ତେଣୁ ଭୟ ନକରି ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରନ୍ତୁ। ନିଜକୁ ବିଭିନ୍ନ କାମରେ ନିୟୋଜିତ କରନ୍ତୁ ଓ ଶାରୀରିକ ପରିଶ୍ରମ କରନ୍ତୁ। ଡାକ୍ତର ଔଷଧ ସହ ଯୋଗ, ପ୍ରାଣାୟମ, ପାଦରେ ଚାଲନ୍ତୁ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

# ସଭିଙ୍କୁ ଟିକା ପ୍ରଦାନ ନେଇ ସରକାର ସଂକଳ୍ପବଦ୍ଧ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍-୧୯ ମହାମାରୀ ବିରୁଦ୍ଧରେ ଆମର ଲଢ଼େଇରେ ଆମର କୋଭିଡ ଯୋଦ୍ଧାମାନେ ଯେପରି ନିଷ୍ଠା ଓ ତ୍ୟାଗ ମନୋଭାବ ନେଇ କାମ ଜାରି ରଖିଛନ୍ତି, ସେଥିପାଇଁ ରାଜ୍ୟ କ୍ୟାବିନେଟ୍ କୋଭିଡ୍ ଯୋଦ୍ଧାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। କୋଭିଡ୍ ବିରୁଦ୍ଧରେ ଚାଲିଥିବା ଲଢ଼େଇରେ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଯଥା ଟେଷ୍ଟିଂ, ଟ୍ରାକିଙ୍ଗ ଏବଂ ଟିକାକରଣ ଇତ୍ୟାଦିରେ ଓଡ଼ିଶାବାସୀ ଯେଉଁଳି ସହଯୋଗ ଯୋଗାଇ ଆସିଛନ୍ତି ସେଥିପାଇଁ ରାଜ୍ୟ କ୍ୟାବିନେଟ୍ ରାଜ୍ୟବାସୀଙ୍କ ନିକଟରେ କୃତଜ୍ଞ ବୋଲି କୁହାଯାଇଛି। ଭବିଷ୍ୟତରେ କୋଭିଡ୍ ସଂକ୍ରମଣୁ ରାଜ୍ୟବାସୀଙ୍କୁ ସୁରକ୍ଷା ଦେବା ତଥା ଅମୂଲ୍ୟ ଜୀବନ ରକ୍ଷା କରିବା ନିମନ୍ତେ ଟିକାକରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲ ପରି ଦେଶ ଯେଉଁମାନେ କି ତାଙ୍କ ଜନସଂଖ୍ୟାର ବୃହତର ଭାଗର ଟିକାକରଣ କରିସାରିଛନ୍ତି, ସେମାନେ ଏବେ ସ୍ୱାଭାବିକତା ଆଡକୁ ଫେରୁଛନ୍ତି। ରୋଗର ଜଟିଳତା ହ୍ରାସ କରି ରୋଗୀର ଜୀବନ ରକ୍ଷା ଦିଗରେ ଟିକାକରଣ ବହୁତ ଫଳପ୍ରଦ ହେଉଥିବା ଜଣାପଡିଛି। ବିପଦପୂର୍ଣ୍ଣ କାର୍ଯ୍ୟ ପରିବେଶ ସତ୍ତ୍ୱେ କୋଭିଡ୍ ଯୁଦ୍ଧରେ ନିୟୋଜିତ ଆମର ଆଗ ଧାଡି କର୍ମଚାରୀ ତଥା ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀମାନେ ଯେଉଁ ମାନଙ୍କର ସମ୍ପୂର୍ଣ୍ଣ ଟିକାକରଣ ହୋଇଯାଇଛି। ଟିକା ନେଇଥିବା ବ୍ୟକ୍ତି ମାନଙ୍କର ସଂକ୍ରମଣ ହେଲେ ବି ତାହା ବହୁତ କମ ଲକ୍ଷଣ ଯୁକ୍ତ ହେଉଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାବାସୀଙ୍କ ପାଇଁ ଟିକା ସଂଗ୍ରହ ନିମନ୍ତେ ସର୍ବୋତ୍ତମ ଚେଷ୍ଟା କରିବା, ଟିକା ଯୋଗାଣକୁ ସୁନିଶ୍ଚିତ କରି ରାଜ୍ୟବାସୀଙ୍କୁ ସୁରକ୍ଷିତ ରଖିବା ଏବଂ ଶୀଘ୍ର ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି କୁହାଯାଇଛି। ଏହି ଉଦ୍ଦେଶ୍ୟରେ ଓଡ଼ିଶାବାସୀ ଯେପରି ସୁବିଧାରେ ଟିକା ପାଇପାରିବେ ସେଥିପାଇଁ ବିଶ୍ୱର ବିଭିନ୍ନ ପ୍ରମୁଖ ଟିକା କମ୍ପାନୀରୁ ଟିକା ସଂଗ୍ରହ ନିମନ୍ତେ ପଦକ୍ଷେପ ନିଆଯିବ। ଏଥିପାଇଁ ଏକ ଗ୍ଲୋବାଲ ଟେଣ୍ଡର ଜାରି କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି କରିଛନ୍ତି। ଏହା ଫଳରେ ରାଜ୍ୟ ଅର୍ଥନୀତି ଉପରେ କମ୍ ଚାପ ପଡିବ ଏବଂ ସାର୍ବଜନୀନ ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମର ଏହା ବିଶେଷ ସହାୟକ ହେବ। କୋଭିଡ୍ ବିରୁଦ୍ଧରେ ଚାଲିଥିବା ଏ ଲଢ଼େଇ ଏକ ବହୁତ ଲମ୍ବା ଲଢ଼େଇ। ତେଣୁ କେନ୍ଦ୍ର ସରକାର ବିଭିନ୍ନ ସେସ୍ ଓ ସରଚାର୍ଯ୍ୟ ଜରିଆରେ ଆଦାୟ କରୁଥିବା ଅତିରିକ୍ତ ସମ୍ବଳକୁ ରାଜ୍ୟ ମାନଙ୍କ ମଧ୍ୟରେ ଉପଯୁକ୍ତ ଭାବରେ ବଣ୍ଟନ କରାଯିବାର ଆବଶ୍ୟକତା ରହିଛି। ଏହି ଜଟିଳ ପରିସ୍ଥିତିରେ କୋଭିଡ୍ ଲଢ଼େଇରେ ରାଜ୍ୟମାନଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ କରିବାରେ ଏହା ଶକ୍ତି ଯୋଗାଇବ। ଏହି ଅବସରରେ ରାଜ୍ୟ କ୍ୟାବିନେଟ୍ କୋଭିଡ୍ ନିୟମାବଳୀ ଯଥା ଠିକ୍ ଭାବେ ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ଭଲ ଭାବେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା, ଘରେ ରହିବା ଏବଂ ଆବଶ୍ୟକତା ନ ଥିଲେ ବାହାରକୁ ନ ଯିବା ଆଦିକୁ କଡାକଡି ଭାବରେ ପାଳନ କରିବା ସହ କୋଭିଡ୍ ଯୋଦ୍ଧାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସଂକଳ୍ପବଦ୍ଧ ବୋଲି କହିଛନ୍ତି।

# ତୃତୀୟ ଲହର ପାଇଁ ପ୍ରସ୍ତୁତ ରୁହ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ କୋଭିଡ୍ ପରିଚାଳନା ସମ୍ପର୍କିତ ବୈଠକରେ ଅଧକ୍ଷତା କରି ରାଜ୍ୟ ପ୍ରଶାସନକୁ ୭ ସୂତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋ ସରକାର କାର୍ଯ୍ୟକ୍ରମରେ କୋଭିଡ୍ ପରିଚାଳନା ସମ୍ପର୍କରେ ରାଜ୍ୟ ସରକାର ଫିଡ୍‌ବ୍ୟାକ୍ ସଂଗ୍ରହ କରିଛନ୍ତି। ଏହି ତଥ୍ୟ ଭିତ୍ତିରେ ଜିଲ୍ଲାସ୍ତରରେ କୋଭିଡ୍ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ସବୁଠାରୁ ବଡ ପ୍ରାଥମିକତା। ଏହା ଉପରେ ୨୪ ଘଣ୍ଟିଆ ତଦାରଖ କରାଯିବା ଆବଶ୍ୟକ। ସେହିପରି ଅଧିକ କୋଭିଡ୍ ସଂଖ୍ୟା ଥିବା ଅଞ୍ଚଳ ଗୁଡିକରେ ଟେଷ୍ଟିଂ, ଟ୍ରାକିଂ ଓ କମେଣ୍ଟନମେଣ୍ଟକୁ ଜୋରଦାର କରାଯିବ। ଆଇସିୟୁ, ଏଚ୍‌ଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତ୍ତିରେ ପଦକ୍ଷେପ ନିଆଯିବା ସହ ଟିକାକରଣ କାର୍ଯ୍ୟକ୍ରମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ତ୍ରୁଟିଶୂନ୍ୟ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ଦିଆଯାଉ। ଯେତେଶୀଘ୍ର ସମ୍ଭବ ଅଧିକ ସଂଖ୍ୟକ ଟିକା ସଂଗ୍ରହ ପାଇଁ ଆମର ଉଦ୍ୟମ ଜାରି ରହିଛି। କୋଭିଡ୍ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖାଯିବା ସହ ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ। ଯଦି ସେମାନେ ଏହା ନ କରନ୍ତି, ତେବେ ସମ୍ପୃକ୍ତ ହସ୍ପିଟାଲ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି କୋଭିଡ୍ ହସ୍ପିଟାଲ ଗୁଡିକରେ ହେଲ୍‌ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯିବ। ସେହିଭଳି ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଏକମାସ ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କୋଭିଡ୍ ସଂଖ୍ୟା ବହୁ ପରିମାଣରେ ବଢ଼ିଥିଲେ ମଧ୍ୟ କୋଭିଡ୍ ଯୋଦ୍ଧା ମାନଙ୍କର ଦୃଢ଼ ପରିଶ୍ରମ ଓ ଜନସାଧାରଣଙ୍କ ସହଯୋଗ ଯୋଗୁ ପରିସ୍ଥିତିକୁ ଠିକ୍ ଭାବରେ ପରିଚାଳନା କରାଯାଇପାରିଛି। ତଥାପି ଆହ୍ୱାନ ବହୁତ ବଡ ଏବଂ ଏହି ଯୁଦ୍ଧ ବହୁତ ଲମ୍ବା। ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକଡାଉନ୍ ଲାଗୁ କରାଯାଇଛି। ଏହା ଠିକ୍



ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ୍ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା। ତେଣୁ ସହରାଞ୍ଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଞ୍ଚଳରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରାଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ଅଳ୍ପ କେତେକ ରାଜ୍ୟଙ୍କ ମଧ୍ୟରେ ଓଡ଼ିଶା ହେଉଛି ଏକ ରାଜ୍ୟ ଯେଉଁଠାରେ କି କୋଭିଡର ପରୀକ୍ଷା ଠାରୁ ଆରମ୍ଭ କରି ଚିକିତ୍ସା, ରହିବା ସୁବିଧା, ଖାଦ୍ୟ ଓ ଔଷଧ ପର୍ଯ୍ୟନ୍ତ ସବୁ କିଛି ସରକାର ମାଗଣାରେ ଦେଉଛନ୍ତି। ଏହାଦ୍ୱାରା ସବୁବର୍ଗର ଲୋକ, ବିଶେଷକରି ଗରିବ ଲୋକମାନେ ଭଲ ଭଲ ଡାକ୍ତରଖାନାରେ ଚିକିତ୍ସିତ ହେବା ପାଇଁ ନିର୍ଭୟରେ ଆଗେଇ ଆସୁଛନ୍ତି। ଏଥିପାଇଁ ସରକାର ତାଙ୍କ ସମ୍ବଳର ଏକ ବଡ ଅଂଶ ଖର୍ଚ୍ଚ କରୁଛନ୍ତି। ତେଣୁ ଲୋକଙ୍କୁ ଉତ୍ତମ ମାନର ସେବା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟିକାକରଣ ହେଉଛି ଆମର ମୁଖ୍ୟ ରଣନୀତି। ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପୁରୀରେ ଯଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍ ହସ୍ପିଟାଲ ଗୁଡିକରେ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। କୋଭିଡ୍ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅକ୍ସିଜେନ ବ୍ୟବସ୍ଥାର ୨୪ ଘଣ୍ଟିଆ ତଦାରଖ କରାଯାଉଛି। କୋଭିଡ୍ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଣ୍ଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର କୋଭିଡ୍ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ, ସାରା ବିଶ୍ୱରେ ବର୍ତ୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪% ରହିଛି। ଓଡ଼ିଶାରେ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଓଡ଼ିଶାର କୋଭିଡ୍ ସଂଖ୍ୟା ବର୍ତ୍ତମାନ ଦେଶର କୋଭିଡ୍ ସଂଖ୍ୟାର ୨.୭ ପ୍ରତିଶତ ରହିଛି। ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର (ସିଏଫଆର) ୧.୦୯ ଥିବା ବେଳେ, ଓଡ଼ିଶାରେ ଏହା ୦.୪୦ ରହିଛି। ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ ରହୁଛି ବୋଲି ସେ କହିଥିଲେ। ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ୍ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହିତ କହିଥିଲେ ଯେ, କୋଭିଡ୍ ନିୟମାବଳୀର ଉଲ୍ଲଙ୍ଘନ ପାଇଁ ବର୍ତ୍ତମାନ ସୁଦ୍ଧା ୨୮ କୋଟି ୯୧ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭିନ୍ନ କୋଭିଡ୍ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ। ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ୍ ପରିଚାଳନା ସମ୍ପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ମଇ, ୨୦୨୧

# ଜନତାଙ୍କ ସହଯୋଗ ଜରୁରୀ

ସମ୍ପାଦକୀୟ



ତାରକ ମହାନ୍ତି

ସମୟ ଏବେ ଦ୍ରୁତ ପରିବର୍ତ୍ତନ ଅଭିମୁଖେ। ପ୍ରକୃତି ବୋଧେ ନିଜ ଉପରେ ହେଉଥିବା ଅତ୍ୟାଚାର ଆଉ ସହିବା ପାଇଁ ପ୍ରସ୍ତୁତ ନୁହେଁ। ଉଚ୍ଚ ଅଭିଳା ପୂରଣ ନିମନ୍ତେ ମଣି ଯେତେ ଯେତେ ଯୋଜନା କରୁଥିଲା ବା କରୁଛି, ସେଥିରେ ଜୀବସତ୍ତା ବଞ୍ଚିବା ଭଳି ଉପାଦାନ ଅଧିକ ଥିଲେ ହୁଏତ ଆଜିର ଏ କରୋନା ମହାମାରୀ ସମଗ୍ର ବିଶ୍ୱରେ ତାଣ୍ଡବ ରଚି ପାରିନଥାନ୍ତା। ବିକଶିତ ଓ ବିକାଶଶୀଳ ଭିତରେ ଏବେ ଆଉ ବିଶେଷ ପାର୍ଥକ୍ୟ ନାହିଁ କହିଲେ ଚଳେ। କାରଣ ଗୋଟେ ଭୂତାଣୁ ଯେତେବେଳେ ସମସ୍ତଙ୍କୁ ଆକ୍ରାନ୍ତ କରି ମୃତ୍ୟୁମୁଖକୁ ନେଇଯାଉଛି ଓ ଆମେ ଅସହାୟ ହୋଇପଡୁଛେ, ସେଠାରେ କିଏ କି ବିକାଶ କରିଛି କହିହେବ! ଗତବର୍ଷ କରୋନାର ପ୍ରଥମ ଲହର ଅପେକ୍ଷା ଚଳିତବର୍ଷର ଦ୍ୱିତୀୟ ଲହର ଅତ୍ୟନ୍ତ ସାଙ୍ଘାତିକ ରୂପ ଧାରଣ କରିଛି। ଦ୍ୱିତୟ ଲହର ସମୟରେ କରୋନା ଭୂତାଣୁ ବାରମ୍ବାର ରୂପ ବଦଳାଇ ନିଜ କାୟା ବିସ୍ତାର କରିଚାଲିଛି। ଭାରତରେ ଆତଙ୍କ ସୃଷ୍ଟି କରିଥିବା ରୂପାନ୍ତରିତ କରୋନା ଭୂତାରୁ ବି.୧.୬୧୭ ବିଶ୍ୱର ଅନ୍ୟ ୪୪ଟି ଦେଶରେ ମଧ୍ୟ ଠାବ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏନେଇ ସ୍ପଷ୍ଟ କରିଥିଲା ବେଳେ ସମ୍ପ୍ରତି ମହାମାରୀ କରୋନାର ଦ୍ୱିତୀୟ ଲହର ଭାରତରେ ସଂକ୍ରମଣର ବିସ୍ଫୋରକ ସ୍ଥିତି ପାଇଁ ଦାୟୀ। ଭାରତ ବାହାରେ ବ୍ରିଟେନ ହିଁ ଏହି ପ୍ରଜାତି ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିବା ହୁ’ କହିଛି। ମୂଳ ଭୂତାଣୁ ଠାରୁ ଅଧିକ କ୍ଷିପ୍ର ଏବଂ ସଂକ୍ରମଣଶୀଳ। ଏଭଳି ପରିସ୍ଥିତିରେ ଆମ ଦେଶରେ ଟିକାକରଣ ଉପରେ ଅଧିକ ଧ୍ୟାନ ଦେବା, ଅକ୍ସିଜେନ ଅଭାବ ଦୂର କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଯାଇଛି। ହେଲେ ଏକ ବୃହତ ଜନବହୁଳ ରାଷ୍ଟ୍ର ପାଇଁ କୋଭିଡ ନିୟନ୍ତ୍ରଣ ଆହ୍ୱାନ ସୃଷ୍ଟି କରିଥିଲା ବେଳେ ଭାରତକୁ ବିଦେଶରୁ ସହାୟତା ମିଳିବା ଆରମ୍ଭ ହୋଇଛି। ଅନେକ ରାଷ୍ଟ୍ର ଚିକିତ୍ସା ଉପକରଣ ଠାରୁ ଆରମ୍ଭ କରି ଅକ୍ସିଜେନ ପ୍ଲାଣ୍ଟ ପ୍ରସ୍ତୁତ ପାଇଁ ମଧ୍ୟ ସହାୟତା ଦେଉଛନ୍ତି। ସମସ୍ତଙ୍କୁ ମାଗଣା ଟିକା ପରିପ୍ରେକ୍ଷୀରେ ଟିକା ଉତ୍ପାଦନ ଯଥେଷ୍ଟ ହେଉନଥିବାରୁ ବିଶ୍ୱ ବଜାରରୁ ଟିକା କିଣିବା ନେଇ ନିଷ୍ପତ୍ତି ନେବାକୁ ଦେଶର ୧୨ ବିରୋଧୀ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ମାଧ୍ୟମରେ ଦାବିପତ୍ର ଦିଆଯାଇଛି। କାରଣ ଭାରତରେ ଟିକାକରଣ ପ୍ରକ୍ରିୟା ତ୍ୱରାନ୍ୱିତ ନହେବା ଯାଏ କରୋନା ଉପରେ ଲଗାମ ଲାଗିବା କଷ୍ଟ ବୋଲି ଜଣାପଡେ। ଦେଶରେ କରୋନା ସଂକ୍ରମଣ ଏବେ ଶୀର୍ଷରେ ରହିଥିଲା ବେଳେ ଏହି ମହାମାରୀରୁ ରକ୍ଷା ପାଇବାର କବଚ ହେଉଛି ଟିକା। ଯେତେ ଅଧିକ ଲୋକଙ୍କୁ ଟିକା ଦିଆଯାଇପାରିବ, ସେତେ ଅଧିକ ଲୋକ ସୁରକ୍ଷିତ ରହିବେ। ବିଶେଷଜ୍ଞମାନେ ଏଭଳି ମତ ଦେବା ଦ୍ୱାରା ଟିକାକରଣ ଉପରେ ନିହାତି ଗୁରୁତ୍ୱ ଦେବାକୁ ପଡିବ। ଟିକା ଅଭାବ କାରଣରୁ ଦେଶର ଅନେକ ରାଜ୍ୟରେ ଟିକାକରଣ ବାଧାପ୍ରାପ୍ତ ହେବା ଫଳରେ ସଂକ୍ରମଣ ହାର ଅଧିକ ରହି ଚିନ୍ତା ବଢ଼ାଉଛି। ଆମ ରାଜ୍ୟରେ ମଧ୍ୟ ଟିକା ଅଭାବ କାରଣରୁ ଅନେକ ଜିଲ୍ଲାରେ ଟିକାଦାନ ବନ୍ଦ ରହିଛି। ପ୍ରାୟ ୨୨ଲକ୍ଷ ଲୋକ ଦ୍ୱିତୀୟ ଡୋଜ ଅପେକ୍ଷାରେ ରହିଥିଲା ବେଳେ ୧୮ରୁ ୪୫ ବର୍ଷର ବ୍ୟକ୍ତିଙ୍କୁ ଟିକାଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିନାହିଁ। ମହାମାରୀ କରୋନା ସମଗ୍ର ବିଶ୍ୱକୁ କବଳିତ କରିଛି। ଦିନକୁ ଦିନ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏହାରି ମଧ୍ୟରେ ବ୍ଲାକ ଫଙ୍ଗସ ନାମକ ଆଉ ଏକ ଭୂତାଣୁ ଦେଖାଦେବା ନିଶ୍ଚିତ ଚିନ୍ତାଜନକ। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଯେଉଁଠି ଉଭୟ ଜୀବନ ଓ ଜୀବିକା ବିପନ୍ନ ହୋଇପଡୁଛି, ସେତେବେଳେ ଯଥେଷ୍ଟ ସତର୍କ ରହି ପରିସ୍ଥିତିକୁ ସାମ୍ନା କରିବାର ସାହସ ସଞ୍ଚୟ କରିବାକୁ ପଡିବ। କାରଣ ଏହି ସଙ୍କଟ ଗୋଟିଏ ରାଷ୍ଟ୍ର ବା ଗୋଟିଏ ଅଞ୍ଚଳର ନୁହେଁ। ସମଗ୍ର ବିଶ୍ୱ ଏବେ ମହାମାରୀ କରୋନାକୁ ମୁକ୍ତି ପାଇଁ ପଥ ଖୋଜୁଛି। ସରକାରୀ ଭାବେ ବିଭିନ୍ନ ରାଷ୍ଟ୍ର ଯେତିକି କ୍ଷତ ଦେଖାଉଛନ୍ତି, ବାସ୍ତବ କ୍ଷତ ଏହାଠାରୁ କେତେଗୁଣ ଅଧିକ।

ନିକଟରେ ପ୍ରକାଶ ପାଇଥିବା ଏକ ତଥ୍ୟ ଅନୁସାରେ କରୋନାର ପ୍ରଥମ ଲହର ବେଳେ ଆମେରିକାରେ କିଛି ଭ୍ୟାନ ଭିତରେ ହଜାରେ ପାଖାପାଖି ମୃତ ଦେହ ଏଯାଏ ପଡିରହିଛି। ଏ ସମସ୍ତ ମୃତଦେହ କରୋନା ଆକ୍ରାନ୍ତଙ୍କର ବୋଲି ଜଣାପଡିଛି, ଯାହାକି ଯେତେବେଳେ ପରିବାର ଲୋକ ନେଇ ଦାହ ସଂସ୍କାର କରିପାରିନଥିଲେ। ଏଥିରୁ ଅନୁମାନ କରନ୍ତୁ, ମହାମାରୀ କରୋନା ବିକଶିତ ରାଷ୍ଟ୍ରରେ ନିଜର କାୟା ବିସ୍ତାର କରିଥିଲା। ଏବେ କରୋନାର ଦ୍ୱିତୀୟ ଲହର ପ୍ରଥମ ଲହର ଅପେକ୍ଷା ଅଧିକ ଭୟଙ୍କର। କାରଣ ପ୍ରଥମ ଲହର ବେଳେ ସଂକ୍ରମଣର ଗତି ତୁଳନାରେ ଦ୍ୱିତୀୟ ଲହର ଖୁବ୍ କ୍ଷିପ୍ର। ଯାହାଫଳରେ ସଂକ୍ରମଣ ଅଣାୟତ୍ତ ହୋଇଚାଲିଛି। ଏହି ସମୟରେ କରୋନା ଚିନ୍ତାରୁ କେହି ମୁକ୍ତି ପାଇନଥିଲା ବେଳେ ମ୍ୟୁକୋରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ପୁଣି ଏକ ନୂଆ ଚିନ୍ତା ବଢ଼ାଇ ଦେଇଛି। କରୋନାରୁ ସୁସ୍ଥ ହେଉଥିବା କେତେକ ବ୍ୟକ୍ତିଙ୍କ ଠାରେ ବ୍ଲାକ ଫଙ୍ଗସ୍ ସଂକ୍ରମଣ ଦେଖିବାକୁ ମିଳୁଛି। ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ ଭଳି ରାଜ୍ୟରେ ଏହି ରୋଗ ବ୍ୟାପୁଥିବା ବେଳେ ଓଡ଼ିଶାରେ ମଧ୍ୟ ବ୍ଲାକ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଗାଇଡଲାଇନ୍ ପ୍ରସ୍ତୁତ କରିବା ନିମନ୍ତେ ଏକ କମିଟି ମଧ୍ୟ ଗଠନ କରିସାରିଛନ୍ତି। ଏଥିସହିତ ପ୍ରତ୍ୟେକ ସରକାରୀ ମେଡିକାଲ କଲେଜରେ ବ୍ଲକ ଫଙ୍ଗସ୍ ରୋଗର ଚିକିତ୍ସା ପାଇଁ ଏକ୍ସପର୍ଟ କମିଟି ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ଘରୋଇ ଓ ସରକାରୀ ହସ୍ପିଟାଲ ନିୟମିତ ଭାବେ ବ୍ଲାକ ଫଙ୍ଗସ୍ ରୋଗୀଙ୍କ ଆଡମିଶନ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ରିପୋର୍ଟ ପ୍ରଦାନ କରିବା ନିମନ୍ତେ କୁହାଯାଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ କରୋନା ସହିତ ଅଧିକ ଚର୍ଚ୍ଚାର ବିଷୟ ହେଉଛି ବ୍ଲାକ ଫଙ୍ଗସ୍। ଯାହାର ଲକ୍ଷଣ ହେଉଛି ମୁଣ୍ଡବ୍ୟଥା, ଜ୍ୱର, ଆଖିରେ ପୀଡା ଓ ନାକ ରୁନ୍ଧିହେବା ଭଳି ଲକ୍ଷଣ। ଏହି ରୋଗରେ ବିଶେଷ ଶିକାର ହେଉଛନ୍ତି ଯେଉଁମାନେ କରୋନା ରୋଗରୁ ଆରୋଗ୍ୟ ଲାଭ କରିଛନ୍ତି। ଯେଉଁ ବ୍ୟକ୍ତିଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ, ସେମାନଙ୍କୁ ବ୍ଲାକ ଫଙ୍ଗସ୍ ଅଧିକ ହେବାର ଆଶଙ୍କା ରହିଛି। ଦେଶରେ କରୋନା ପାଇଁ କୋଭାକ୍ସିନ୍ ଓ କୋଭିସିଲ୍ଡ ଟିକା ଦିଆଯାଉଥିଲା ବେଳେ ତୃତୀୟ କୋଭିଡ୍ ଟିକା ଭାବେ ସ୍ପୁଟନିକ୍-ଭି’ ସାମିଲ ହୋଇଛି। ଆଗାମୀ ମାସରେ ଅଧିକ ପରିମାଣରେ ସ୍ପୁଟନିକ୍-ଭି’ ଟିକା ଭାରତରେ ପହଞ୍ଚିବ ବୋଲି ଜଣାପଡିଛି। ପୂର୍ବରୁ ଋଷିଆ ପଠାଇଥିବା ପ୍ରଥମ ପର୍ଯ୍ୟାୟ ସ୍ପୁଟନିକ୍-ଭି’ ଟିକା ମେ’ ୧ ତାରିଖରେ ଭାରତରେ ପହଞ୍ଚିଥିଲା ଏବଂ ୧୩ ତାରିଖରେ କେନ୍ଦ୍ରୀୟ ଡ୍ରଗ୍ସ ଲାବରେଟୋରୀ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ଯଦିଓ ଦେଶରେ ଗତ ସପ୍ତାହେ ହେଲା ସଂକ୍ରମଣ ହାର ତଳମୁହାଁ ହୋଇଛି ତଥାପି ଓଡ଼ିଶାରେ ଏହା ରେକର୍ଡ କରିଛି। କେବଳ ଖୋର୍ଦ୍ଧା ଜିଲ୍ଲାକୁ ହିସାବକୁ ନେଲେ ଏଠାରେ ମୁମ୍ବାଇ ଠାରୁ ଅଧିକ ସଂକ୍ରମଣ ହୋଇଥିବା ସାମ୍ନାକୁ ଆସିଛି। ସଂକ୍ରମଣକୁ ରୋକିବା ଲାଗି ରାଜ୍ୟ ପ୍ରଶାସନ ଯେତେ ଗୁଡିଏ ପଦକ୍ଷେପ ନେଉଛନ୍ତି ସେଥିରେ ସାଧାରଣ ଜନତାଙ୍କ ସହଯୋଗ ଜରୁରୀ ହୋଇପଡିଛି।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ତାଲା ବନ୍ଦ, ଗୃହ ବନ୍ଦୀ ଓ ମୂଲ୍ୟ ବୃଦ୍ଧି



ପ୍ରଦୀପ୍ତ ଆଚାର୍ଯ୍ୟ

ବିଚିତ୍ର ଏ ସୃଷ୍ଟି ଏବଂ ସ୍ରଷ୍ଟାର ବିଚିତ୍ର ଏ ସୃଷ୍ଟିରେ ସବୁଠାରୁ ବିଚିତ୍ର ହେଉଛି ମନୁଷ୍ୟର ମନ।ସର୍ପର ମୁଖ ଗହ୍ୱର ମଧ୍ୟରେ ମଣ୍ଡୁକ ଅର୍ଦ୍ଧଭୁକ୍ଷ ଅବସ୍ଥାରେ ଥାଇ,ଜୀବନ ପ୍ରଦୀପ ନିର୍ବାପିତ ହେବାକୁ ଯାଉଛି ଅନୁଭବ କରି ମଧ୍ୟ,ସମ୍ମୁଖରେ ଉଡିଯାଉଥିବା ପତଙ୍ଗ ଉପରକୁ ଲମ୍ଫ ପ୍ରଦାନ କରିବା ପରି,ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା,ମନୁଷ୍ୟର ମଧ୍ୟ ସମାବସ୍ଥା। କରୋନାର ଭୟଙ୍କର ଦ୍ୱିତୀୟ ଲହର ପରେ ଅତି ଭୟଙ୍କର ତୃତୀୟ ଲହର ଆସିବାର ଭବିଷ୍ୟତ ବାଣୀ, ଆବାଳ ବୃଦ୍ଧ ବନିତାଙ୍କ ମନରେ ଭରି ଦେଇଛି ମୃତ୍ୟୁର କରାଳ ଛାୟା।ତଥାପି କେତେକଙ୍କର ଏଯାବତ୍ ଚେତନା ଜାଗ୍ରତ ହୋଇନାହିଁ। ସାଧାରଣତଃ ମନୁଷ୍ୟ ବିପଦ ବା ଅସୁବିଧାରେ ପଡିଗଲେ,ତାର କ୍ରୁରତା ଓ ଦୁର୍ଗୁଣ ଅନେକାଂଶରେ ପ୍ରଶମିତ ହୋଇ ଯାଇଥାଏ। କିନ୍ତୁ ଅଦ୍ଭୁତ କଥା,ପିମ୍ପୁଡି ମନ୍ଦାରେ ପାଣି ଢାଳିଦେଲେ,ସେମାନଙ୍କର ଅବସ୍ଥା ଯାହା ହୋଇଥାଏ, କରୋନାର ଭୟଙ୍କର ସ୍ଥିତିରେ,ମନୁଷ୍ୟର ଅବସ୍ଥା ଠିକ୍ ସେୟା ହୋଇଥିଲେ ମଧ୍ୟ,ପ୍ରକୃତିରେ ପରିବର୍ତନ ଆସୁନାହିଁ।ବିପର୍ଯ୍ୟସ୍ତ ଅର୍ଥନୈତିକ ଅବସ୍ଥା।ଶ୍ରମିକ ଠାରୁ ଶିଳ୍ପପତି ପର୍ଯ୍ୟନ୍ତ,ଭିକ୍ଷୁକ ଠାରୁ କୋଟିପତି ପର୍ଯ୍ୟନ୍ତ ସମସ୍ତେ କ୍ଷତିଗ୍ରସ୍ତ।ରୋଜଗାର ହ୍ରାସ ଯୋଗୁଁ,ସମସ୍ତଙ୍କର କ୍ରୟ କ୍ଷମତା ହ୍ରାସ ପାଇଅଛି। ଗୃଧ୍ର, ମୃତ ପ୍ରାଣୀ ମାନଙ୍କର ମାଂସ ଭକ୍ଷଣ କରିବା ପରି,ତାଲା ବନ୍ଦ,ଗୃହବନ୍ଦୀର ସୁଯୋଗ ନେଇ କେତେକ ଅସାଧୁ,ଲାଭଖୋର ବ୍ୟବସାୟୀ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି କରି,ଅସହାୟ ଜୀବନ୍ତ ମନୁଷ୍ୟ ମାନଙ୍କର ମାଂସକୁ ନିର୍ଦ୍ଦ୍ୱନ୍ଦରେ ଭକ୍ଷଣ କରି ଚାଲିଛନ୍ତି।ମାନବିକତା ଲୋପ ପାଇଯାଇଛି।ଦରଦାମ ନିୟନ୍ତ୍ରଣରେ ସରକାରୀ କଳ ବିଫଳ। ଏପଟେ ଲକ୍ ଡାଉନ ଫଳରେ, ସତେ ଯେପରି ଆଉ କିଛି ମିଳିବନି ଏବଂ ଏଇ କେତେ ଦିନ ଭିତରେ ଖାଦ୍ୟ ବିନା ଆମେ ଜୀବନ ଧାରଣ କରି ପାରିବୁ ନାହିଁ ପରି ଭ୍ରାନ୍ତ ଚିନ୍ତାରେ,ହଜାର ହଜାର ଲୋକ ବଜାରରେ ଏକତ୍ରିତ।ଲୋକ ମାନଙ୍କର ଏହି ବ୍ୟାକୁଳତାକୁ ଲକ୍ଷ କରି,ଅସାଧୁ ବ୍ୟବସାୟୀ ମାନେ ଚଳଚଂଚଳ, ସେମାନଙ୍କର ଗୋଟି ଚଳାଇବା ପାଇଁ। ସୁବର୍ଣ ସୁଯୋଗର ସଦ୍‌ବ୍ୟବହାର କରି, ଅପର୍ଯ୍ୟାପ୍ତ ଅର୍ଥ ଠୁଳ କରିଦେବାରେ ବ୍ୟାକୁଳତା ସମ୍ମୁଖରେ, ବିବେକ ଓ ମାନବିକତା ଅସହାୟ। ଅନ୍ୟାୟୋପାର୍ଜିତ ଅର୍ଥକୁ ଉପଭୋଗ କରିବା ପୁର୍ବରୁ, କରୋନାର ସର୍ବଗ୍ରାସୀ ପଞ୍ଝାରେ କବଳିତ ହୋଇନଥିବା ମଧ୍ୟ ସନ୍ଦିହାନ। ମାୟା ସଂସାରରେ କେହି ନିଜର ନୁହନ୍ତି ,ତାହା କରୋନା ପ୍ରମାଣିତ କରିଦେଇଛି। ସ୍ୱାମୀର ଶବକୁ ସ୍ତ୍ରୀ,ପୁତ୍ରର ଶବକୁ ପିତା ମଧ୍ୟ ସ୍ପର୍ଶ କରିବାକୁ କୁଣ୍ଠିତ।ତାହେଲେ କଣ ପାଇଁ? କଣ ପାଇଁ ଏ ଧନାର୍ଜନର ଦୁର୍ବାର ଆକାଂକ୍ଷା। ବିବେକକୁ ଜଳାଞ୍ଜଳି ଦେଇ, ଏ ବିପଦଗ୍ରସ୍ତ ମନୁଷ୍ୟର ଅସହାୟତା ର ସୁଯୋଗରେ ଅର୍ଥ ଉପାର୍ଜନ କରିବା କେତେଦୁର ଯୁକ୍ତିଯୁକ୍ତ ?ଜନ ସାଧାରଣଙ୍କ ଜୀବନ ଉପରେ ପରୋକ୍ଷ ପ୍ରଭାବ ପକାଉଥିବା,ପରିବହନ ଇନ୍ଧନ,ଯଥା-ପେଟ୍ରୋଲ,ଡିଜେଲ, ଏବଂ ପ୍ରତ୍ୟକ୍ଷ ପ୍ରଭାବ ପକାଉଥିବା ଅତ୍ୟାବଶକୀୟ ଖାଦ୍ୟ ଦ୍ରବ୍ୟ ଯଥା-ଖାଇବା ତେଲ,ଡାଲି, ଅଟା,ଆଳୁ ପିଆଜର ଅହେତୁକ ମୂଲ୍ୟବୃଦ୍ଧି ଜନ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି। ଲକ୍‌ଡାଉନ୍ ଯୋଗୁଁ,କଳ କାରଖାନା ବନ୍ଦ ରହୁଥିବାରୁ,ସେଥିରେ କାର୍ଯ୍ୟରତ କର୍ମଚାରୀ ମାନେ ଦରମା ପାଇବାରୁ ବଂଚିତ ହେଉଛନ୍ତି।ଏପଟେ ରୋଜଗାର ବନ୍ଦକୁ,ସେପଟେ ମୂଲ୍ୟବୃଦ୍ଧି ଯେଉଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି,ତାହା ଅକଳ୍ପନୀୟ। ଏହି ପରିପ୍ରେକ୍ଷୀରେ ସରକାର,କୋଭିଡ ପରିସ୍ଥିତି ନିୟନ୍ତ୍ରଣ ସହିତ, ଅତ୍ୟାବଶକୀୟ ସାମଗ୍ରୀର ଦରଦାମ ନିୟନ୍ତ୍ରଣ କ୍ଷେତ୍ରରେ ବଳିଷ୍ଠ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ।ସାଧାରଣ ଲୋକ ମାନେ ମଧ୍ୟ,ସାଂପ୍ରତିକ ପରିସ୍ଥିତକୁ ଅନୁଭବ କରି,ନିଜର ଆବଶ୍ୟକତାକୁ ସଙ୍କୁଚିତ କରାଇ, ସୀମିତ ସମ୍ବଳର ଉପଯୋଗ ଦ୍ୱାରା ଶୃଙ୍ଖଳିତ ଜୀବନ ଅତିବାହିତରେ, ଅଭ୍ୟସ୍ତ ହେବା ଉଚିତ୍। ଆଜି ବିପଦ ଆସିଛି,କାଲି ନିଶ୍ଚୟ ଚାଲିଯିବ।ପ୍ରାକୃତିକ ବିପର୍ଯ୍ୟୟ ଉପରେ କାହାରି ନିୟନ୍ତ୍ରଣ ନାହିଁ।ଏ ବିପଦ ସମୟରେ ଧୈର୍ଯ୍ୟ ହିଁ ଏକମାତ୍ର ଲୋଡା। ବଂଚିବାର ଏକମାତ୍ର ଭରଷା ଆଶା। ତେଣୁ ଆସନ୍ତୁ,ଆମେ ସମସ୍ତେ ମିଳିମିଶି, ଧୈର୍ଯ୍ୟର ସହିତ,ଆଶାବାଦୀ ହୋଇ, ସଂଯମତା ଓ ଶୃଙ୍ଖଳତା ଆଚରଣ ପୂର୍ବକ,ଏ ଘୋର ବିପଦର ମୁକାବିଲା କରିବା।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଈଶାଣୀବ୍ରହ୍ମପୁର,କଟକ*
*ମୋ-୬୩୭୧୫୯୩୨୨୦*

# ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା



କୃଷ୍ଣଚନ୍ଦ୍ର ସୁଆଁସିଆ

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ହେଉଛି ଭାରତ ଏବଂ ଏହି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହେଉଛି ଗଣମାଧ୍ୟମ। ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ଅତୁଳନୀୟ। ଗଣମାଧ୍ୟମ ହେଉଛି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସଂପର୍କର ସେତୁ। ସାଧାରଣ ଅର୍ଥରେ ଗଣମାଧ୍ୟମ କହିଲେ ଗଣ ଶବ୍ଦର ଅର୍ଥ- ‘ଜନସାଧାରଣ ’ ଏବଂ ମାଧ୍ୟମର ଅର୍ଥ ହେଉଛି-‘ଯେଉଁ ପ୍ରକ୍ରିୟା ଦ୍ୱାରା ଏକ ଦୈନିକ ଖବର ତଥା ସୂଚନା ଅନ୍ୟମାନଙ୍କ ପାଖରେ ପହଞ୍ଚିଥାଏ ତାହାକୁ ସାଧାରଣ ଭାବେ ମାଧ୍ୟମ କୁହାଯାଏ’। ଅର୍ଥାତ ଜନସାଧାରଣଙ୍କ ମତର ପରିପ୍ରକାଶରେ ମୂଖ୍ୟଭୂମିକା ତୁଲାଉଥିବା ମାଧ୍ୟମକୁ ଗଣମାଧ୍ୟମ କୁହାଯାଏ। ବୃହତର ଅର୍ଥରେ ଗଣମାଧ୍ୟମ ଅର୍ଥ ହେଉଛି ସୂଚନା, ତଥ୍ୟ ଓ ସମ୍ବାଦ ପରିବେଷଣ ଏବଂ ପ୍ରସାରଣ କରୁଥିବା ମାଧ୍ୟମ ଗୁଡିକୁ ଗଣମାଧ୍ୟମ ବୋଲି କୁହାଯାଏ। ଏହି ମାଧ୍ୟମ ଦୁଇ ପ୍ରକାର, ଯଥା- ବୈଦ୍ୟୁତିକ ଗଣମାଧ୍ୟମ ଓ ଛପା ଗଣମାଧ୍ୟମ। ଜନତାଙ୍କ ସୁବିଧା, ଅସୁବିଧା ଓ ବିଭିନ୍ନ ଦାବି ଗୁଡିକୁ ସମ୍ବାଦପତ୍ର ଓ ଗଣମାଧ୍ୟମ ମାଧ୍ୟମରେ ସରକାରଙ୍କ ପାଖରେ ପହଞ୍ଚାଇଥାଏ। ଅପରପକ୍ଷେ ସରକାରଙ୍କ ନୀତି, ନିୟମ ଓ ଯୋଜନା ଗୁଡିକୁ ଗଣମାଧ୍ୟମ ଜରିଆରେ ଲୋକମାନଙ୍କ ପାଖରେ ପହଞ୍ଚାଇଥାଏ। ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ସର୍ବଦା ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଥାଏ। ଗଣମାଧ୍ୟମର ଅନୁପସ୍ଥିତରେ ଦେଶରେ ଅନ୍ଧକାର ଖେଳିଯାଇଥାଏ। ପ୍ରତି ମୂହୁର୍ତ୍ତରେ ଗଣମାଧ୍ୟମ ଦ୍ୱାରା ସାଧାରଣ ଲୋକ ଦେଶ ବିଦେଶର ଟିକିନିଖି ଘଟଣାବଳୀ ଜାଣି ପାରୁଛନ୍ତି।

ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ବିଶେଷ ଭୂମିକା ଥିବାରୁ ଏହାକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଅଭିହିତ କରାଯାଇଅଛି। ସମାଜରେ ଯାହା ଘଟୁଛି ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ହେଉଛି ଗଣମାଧ୍ୟମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଭାରତରେ ୧୭୮୦ ମସିହାରେ ବେଙ୍ଗଲ ଗେଜେଟ୍ ନାମରେ ପ୍ରଥମ ଖବର କାଗଜ ପ୍ରକାଶ ପାଇଥିଲା। ସେହିପରି ଓଡ଼ିଶାରେ କର୍ମବୀର ଗୌରୀଶଙ୍କର ରାୟ ୧୯୬୬ ମସିହାରେ ଓଡିଆ ଖବରକାଗଜ ‘ଉତ୍କଳ ଦୀପିକା’ ପ୍ରକାଶ କରିଥିଲେ। ଯାହା କାଳକ୍ରମେ ଗଣମାଧ୍ୟମର ଚାହିଦା ବଢିବା ସହ ଗଣମାଧ୍ୟମ ପ୍ରତି ଉତ୍ତରଦାୟିତ୍ୱ ବଢିଚାଲିଛି। ଯାହା ସମ୍ପ୍ରତି ଖବରକାଗଜ ଛାପିବାରେ ପୃଥିବୀରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଅଛି। ପ୍ରତିଦିନ ଏଠାରେ ୧୧ କୋଟି ଖବରକାଗଜ ଛପାଯାଏ ବୋଲି ଏକ ସର୍ବେକ୍ଷଣରୁ ଜଣାପଡିଛି। ତତ୍‌ସହିତ ଖବରକାଗଜର ଚାହିଦାକୁ ନଜରରେ ରଖି ମାଳମାଳ ଖବରକାଗଜ ପ୍ରକାଶିତ ହେବା ଦେଖିବାକୁ ମିଳୁଛି।

ଭାରତରେ ଗଣମାଧ୍ୟମର ସ୍ୱାଧିନତା ଅନେକ। ସମ୍ବିଧାନର ୧୯ ଧାରାରେ ଗଣମାଧ୍ୟମ ମାନେ ସ୍ୱାଧିନ ଭାବରେ ଖବର ସଂଗ୍ରହ କରିବା, ମତବ୍ୟକ୍ତ କରିବା, ଭାବ ପ୍ରକାଶ କରିବାର ଅଧିକାର ଉପଭୋଗ କରିଥାନ୍ତି। ବାକ୍ ସ୍ୱାଧିନତା ଗଣତନ୍ତ୍ରର ମୂଳନୀତି। ପୁରାଣର ଆଧାରରେ ବିଶ୍ୱର ପ୍ରଥମ ସାମ୍ବାଦିକ ଥିଲେ ମହାଭାରତ ଯୁଗର ସଂଜୟ ବୋଲି କୁହାଯାଏ। ସେ କୌରବ ଓ ପାଣ୍ଡବମାନଙ୍କୁ ସମ୍ବାଦ ପ୍ରେରଣ କରୁଥିଲେ। ସେବେଠାରୁ ସାମ୍ବାଦିକମାନେ ଦିନରାତି କଷ୍ଟକରି ଖବର ସଂଗ୍ରହ କରିବାର ରାହା ପାଇଥିବା କୁହାଯାଏ। ସାମ୍ବାଦିକ ସର୍ବଦା ସତ୍ୟନିଷ୍ଠ ଭାବେ କାର୍ଯ୍ୟ ତୁଲାଇଥାନ୍ତି। ଗଣମାଧ୍ୟମ ଉପରେ ଜନସାଧାରଣଙ୍କ ପ୍ରଗାଢ ବିଶ୍ୱାସ ରହିଅଛି। ସେଥିପାଇଁ ଲୋକମାନେ ସମସ୍ତ ଖବର ଜାଣିବା ପାଇଁ ଗଣମାଧ୍ୟମ ଉପରେ ନିର୍ଭର କରନ୍ତି। ସମ୍ବାଦପତ୍ର ସମାଜର ଆଖି ଓ କାନ ହୋଇଥିବା ବେଳେ ସାମ୍ବାଦିକ ତାହାର ହୃଦୟ ବୋଲି ସାଧାରଣରେ ବିଶ୍ୱାସ ରହିଅଛି। ଜଣେ ସାମ୍ବାଦିକ ସାମ୍ବାଦିକତାକୁ ଧର୍ମ କରି ଜନସାଧାରଣଙ୍କୁ ସତ୍ୟନିଷ୍ଠ ଖବର ପ୍ରସାରଣ ପାଇଁ ଚେଷ୍ଟିତ ଥାଏ। ସାମ୍ବାଦିକତା ଗୋଟିଏ କ୍ଷେତ୍ର ଯେଉଁଥିରେ ସାମ୍ବାଦିକକୁ ପ୍ରତି ବିଭାଗ ବିଷୟରେ ଜ୍ଞାନ ଅର୍ଜନ କରିବାକୁ ପଡିଥାଏ। ସମାଜରେ ନୂତନ,ପୁରାତନ ପ୍ରଥା ପରମ୍ପରା ଠାରୁ ଆରମ୍ଭ କରି ଆଇନ୍, ନୀତି ଓ ନିୟମ ପର୍ଯ୍ୟନ୍ତ ତାକୁ ଜ୍ଞାନ ଅର୍ଜନ କରିବାକୁ ପଡେ। ଘାତପ୍ରତିଘାତ ସହ ଅକ୍ଳାନ୍ତ ପରିଶ୍ରମ ଦ୍ୱାରା କାର୍ଯ୍ୟ ତୁଲାଇଥାଏ। ସାମ୍ବାଦିକ ତା’ର ଦକ୍ଷତା ବଳରେ ନିଜ କଲମ ଚାଳନା କରି ଦୁର୍ନୀତୀ, ଭ୍ରଷ୍ଟାଚାର, ଅପାରଗତାକୁ ପଦାରେ ପକାଇଥାଏ। ସାମ୍ବାଦିକ ସର୍ବଦା ସକ୍ରିୟ ରହିବା ସହ ଚତୁର୍ଦ୍ଦିଗକୁ ନଜରରେ ରଖିଥାଏ। ଲୋକଙ୍କୁ ବ୍ରେକିଙ୍ଗ ନ୍ୟୁଜ ଦେବାକୁ ଜଣେ ସାମ୍ବାଦିକ ସର୍ବଦା ପ୍ରସ୍ତୁତ ଥାଏ। ପ୍ରତିଦିନ ଖବରକାଗଜରେ ପ୍ରକାଶିତ ଖବର ଏହାର ଜ୍ୱଳନ୍ତ ଉଦାହରଣ। ପୂର୍ବାପେକ୍ଷା ବର୍ତ୍ତମାନ ସାମ୍ବାଦିକତାରେ ଅନ୍ୟ ବିଭାଗ ଭଳି ଉଚ୍ଚ ଦରମା, ସମ୍ମାନ ଓ ଅନ୍ୟାନ୍ୟ ସୁବିଧା ମିଳୁଥିବାରୁ ଏହି କ୍ଷେତ୍ରକୁ ପ୍ରବେଶ ନିମନ୍ତେ ବହୁ ଛାତ୍ରଛାତ୍ରୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ସାମ୍ବାଦିକ ଛାତ୍ରଛାତ୍ରୀ ଏବଂ ଅଧ୍ୟୟନ କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ଏହାର ଉଦାହରଣ। ପୂର୍ବରୁ ସାମ୍ବାଦିକତା ପାଇଁ ଯଦିଓ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନଥିଲା କିନ୍ତୁ କିଛି ବର୍ଷ ହେବ ସାମ୍ବାଦିକତା ପାଇଁ ଆବଶ୍ୟକ ମାନଦଣ୍ଡ ପୂରଣ କରିବା ସହ ଏହାର ଗୁରୁତ୍ୱ ବଢିବାରେ ଲାଗିଛି। ସାମ୍ବାଦିକର ଖବର ପ୍ରକାଶ ଫଳରେ ସମାଜର ବହୁବିଧ ମଙ୍ଗଳସାଧନ ହୋଇପାରୁଛି। ମାତ୍ର ଅନେକ ସମୟରେ ସାମ୍ବାଦିକଙ୍କ ଖବର ପ୍ରକାଶ ଫଳରେ ବେଆଇନ୍ ଭାବେ କାର୍ଯ୍ୟ କରୁଥିବା ଖଣିମାଫିଆ, ମଦ ବ୍ୟବସାୟୀ, ପ୍ରଶାସନିକ ଅଧିକାରୀ, ଦାଗୀ ରାଜନେତାଙ୍କ ଗଳାବାଟ ବନ୍ଦ ହୋଇଯାଏ। ଫଳରେ ସେମାନେ ରକ୍ତମୁଖା ହୋଇ ସାମ୍ବାଦିକ ମାନଙ୍କୁ ଆକ୍ରମଣ, ଧମକ ଦେବା, କଣ୍ଠରୋଧ ପାଇଁ ପ୍ରୟାସ କରିବା ପାଇଁ ପଛାଉନାହାନ୍ତି ନାହିଁ। ବେଳେବେଳେ ସେମାନେ ଆଇନକୁ ହାତକୁ ନେଇ ଦଣ୍ଡିତ ହେବାପରେ ସାମ୍ବାଦିକଙ୍କ ଗୁରୁତ୍ୱ ବୁଝନ୍ତି। ମାତ୍ର ସେତେବେଳକୁ ନେଡି ଗୁଡ କହୁଣିକୁ ବୋହି ଯାଇଥାଏ। ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ, ଧମକ, କଣ୍ଠରୋଧ ପାଇଁ ପ୍ରୟାସ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥାଏ। ଏଣୁ ଏହାକୁ ବିଶ୍ୱ ସ୍ତରରେ ଘୋର ନିନ୍ଦା କରାଯାଇଥାଏ।

ରାଷ୍ଟ୍ର ଗଠନରେ ମୂଖ୍ୟ ଆୟୁଧ ଗଣମାଧ୍ୟମର ପ୍ରତିନିଧି/ସାମ୍ବାଦିକ ମାନଙ୍କୁ ସହଯୋଗ କରିବା ସମସ୍ତଙ୍କର କର୍ତ୍ତବ୍ୟ ହେଲେ ସମାଜର ବହୁବିଧ ମଙ୍ଗଳ ହେବା ସହ ଆଦର୍ଶ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଭୂମିକା ବଳିଷ୍ଠ ହୋଇପାରିବ। ଆଉ ସମାଜରୁ ରାଷ୍ଟ୍ର ପର୍ଯ୍ୟନ୍ତ ଏକ ଉନ୍ନତ, ବିକଶିତ ଶାନ୍ତିପ୍ରିୟ ପରିବେଶ ମଧ୍ୟରେ ସୁଶାସନ ପ୍ରତିଷ୍ଠିତ ହେବାରେ ସହାୟକ ହୋଇପାରିବ। ତେଣୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକ ଓ ଶାସିତ ମଧ୍ୟରେ ଉତ୍ତମ ଯୋଗସୂତ୍ର ସ୍ଥାପନ କରିବା ସକାଶେ ଗଣମାଧ୍ୟମ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗଣମାଧ୍ୟମର ମର୍ମକୁ ସର୍ବସାଧାରଣ ଅନୁଭବ କରିବା ସହ ଉଚି ସମ୍ମାନ ପ୍ରଦାନ କରିବାର ଆବଶ୍ୟକତା ରହିଛି। ସେହିପରି ଗଣମାଧ୍ୟମ ଗୁଡିକ ରାଷ୍ଟ୍ର ଓ ଜନତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ମଧ୍ୟ ଆହ୍ୱାନ ରହିଛି। ଏପରିକି ଅନେକ ରାଜନେତାଙ୍କ ହାତବାରିସି ଭାବେ ଖବର ପରିବେଷଣ କରିବାରୁ ନିବୃତ୍ତ ରହିବା ହିଁ ଗଣମାଧ୍ୟମ ଓ ରାଷ୍ଟ୍ର ପାଇଁ ଶୁଭଦାୟକ ହୋଇପାରିବ।

*ଗୋଠଗାଁ,ଶେରଗଡ଼ ,ଗଞ୍ଜାମ*
*ଦୂରଭାଷ : ୬୩୭୦୯୧୨୪୦୨*

# ‘ଗ୍ରାମ୍ୟସଂସ୍କୃତି’ ବଞ୍ଚିଥିଲେ ଆଜିର ମହାମାରୀକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା



ସିତାଂଶୁ ଶେଖର ମିଶ୍ର

ଭାରତ ଏକ ଗ୍ରାମ ବହୁଳଦେଶ। ୯୦ଦଶକ ପୂର୍ବରୁ ଗ୍ରାମର ଚିତ୍ର ଖୁବ ସୁନ୍ଦରଥିଲା, ଓ ଜନସାଧାରଣ ନିଜ ନିଜ କୌଳିକବୃତ୍ତି ଓ ଚାଷ କାମକୁନେଇ ବହୁତ ଭଲ ଭାବରେ ଥିଲେ। ଏବେ ୨୦୨୦ ଦଶକ ବେଳକୁ ଆଜି ଗ୍ରାମର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି ଓ ସମସ୍ତେ ସହରାଭିମୁଖି ହୋଇ ଗାଁ ଖାଁ ଖାଁ ଲାଗୁଛି, ଏହି ସତ୍ୟକୁ କେହି ଅସ୍ୱୀକାର କରିପାରିବାନାହିଁ।

ମହାଜଗତିକରଣର ପ୍ରଭାବ ସହରରୁ ଯାଇ ଗ୍ରାମ ଭିତରେ ପ୍ରବେଶ କରିଛି, ଫଳ ଯଦି ଉତ୍ତମ ହୋଇ ଗ୍ରାମରୁ ଜନସାଧାରଣ ସହରଆଡ଼କୁ ମୁହାଇଁନଥାନ୍ତେ ତାହାହେଲେ ଭଲହୋଇଥାନ୍ତା। ସେଥିପ୍ରତି କାହାର ନଜର ରହିଲା ନାହିଁ ଓ ଆଜି ଗ୍ରାମ ଗୁଡ଼ିକ ଶ୍ରୀହୀନ ଭଳିଆ ଅବସ୍ଥାକୁ ଆସିଗଲା।

ଆମ ଗାଁ ପାଇଁ କଣ ଯୋଜନା ରହିଲେ ଗାଁ ରହିବ ତାହା ଠିକ ଭାବରେ ଶାସକ ବୁଝି ପାରିଲେ ନାହିଁ ଓ ନିଜର କ୍ଷମତା ହାସଲ ପାଇଁ ଯୋଜନା ପରେ ଯୋଜନା କରିଲେ ସିନା ଯାହାଫଳରେ ସହର ସଂଖ୍ୟାରେ ନବକଳେବର ହୋଇଚାଲିଲା ଓ ଗ୍ରାମ ଗ୍ରାମ ହୋଇ ରହିଲାନାହିଁ। ପୂର୍ବରୁ ବାରମାସରେ ତେରଯାତ୍ରା ଅନୁଷ୍ଠିତ ହୋଇ ଭାଇଚାରର ଏକ ବନ୍ଧନ ସୃଷ୍ଟି ହୋଇରହୁଥିଲା। ଗାଁ ଦାଣ୍ଡରେ ବସିବା ଖୁସି ଏକ ନିଆରା ଥିଲା। ଆଜି ତାହା ଇତିହାସ ହୋଇଯାଇଛି। ମଜାରେ ଦିନ ଗୁଡିକ କଟୁଥିଲା ,କିନ୍ତୁ ଆଜି ଏହି ଘୃଣ୍ୟ ରାଜନୀତି ଗ୍ରାମ ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ିଦେଲା। ଯାହାଫଳରେ ଜନସାଧାରଣ ସହରରେ ଆସି ରହିବାକୁ ମନସ୍ଥ କଲେ। ଗୋଟାଏ ପଟେ ସର୍ ନିମ୍ନ ସୁବିଧାରୁ ବଞ୍ଚିତ ଓ ଅନ୍ୟ ପଟେ ଘୃଣ୍ୟ ରାଜନୀତିରେ ଅତିଷ୍ଠ ଏହା ହିଁ ଗ୍ରାମ୍ୟ ସଂସ୍କୃତି କୁ ନଷ୍ଟ କରିଦେଲା। ଗାଁ କହିଲେ ଆଗ କେତେ ଖୁସି ଲାଗୁଥିଲା, ଏବଂ ଆମ ସ୍ମୃତି ପଟରେ ସବୁଜ କ୍ଷେତ୍ର,ବାଡ଼ି ବଗିଚା, ବୃକ୍ଷଲତା, ପୋଖରୀ, ଜଳାଶୟ ପରିବେଷ୍ଟିତରେ ଭରପୁରର ଛବି ନିଜ ମନରେ ଉଙ୍କି ମାରୁଥିଲା ଓ ଯେତେବେଳେ ଖରା ଛୁଟି ହୋଇ ଗଲେ ମାମୁଁ ଗାଁ କଥା କହିଲେ କେତେ ଖୁସି ଲାଗୁଥିଲା।

ସେହିସମୟରେ ସେହି ଗାଁ ରେ ବିନା ବିଜୁଳୀ ,ବିନା ଚଟ୍ ପଟ୍ ଖାଦ୍ୟରେ ମନରେ ଅପାର ଶାନ୍ତି ଓ ଖୁସି ମିଳୁଥିଲା କିନ୍ତୁ ଆଜିର ସମୟ ସମ୍ପୂର୍ଣ୍ଣ ଓଲଟି ଯାଇଛି, ଗାଁ କହିଲେ ପିଲା ନାକ ଟେକୁଛି।

ଆଜି ସ୍ୱାଧୀନତାର ୭୩ ବର୍ଷ ଅତିକ୍ରମ କରିସାରିଛେ, କିନ୍ତୁ ଗ୍ରାମ୍ୟ ସଂସ୍କୃତି କିପରି ବଞ୍ଚି ପାରିବ ସେ ବିଷୟରେ ଏବେ ମଧ୍ୟ ଠିକଣା ନିଷ୍ପତ୍ତି ନେଇ ପାରିନାହୁଁ ଓ ଏହା ଆମ ପାଇଁ ଚିନ୍ତା ଓ ବିଡ଼ମ୍ବନାର ବିଷୟ ଅଟେ।

ଗ୍ରାମ ତଥା ଗାଁକୁ ପୁନରୁଦ୍ଧାର ବା ବଞ୍ଚାଇବାକୁ ହେଲେ ସେହି ଅଞ୍ଚଳର ଭୌଗଳିକ ସ୍ଥିତି କୁ ନେଇ ଯୋଜନା ପ୍ରଣୟନ କରିବାକୁ ପଡ଼ିବ। ଏହାର କୃଷିଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, କଳା, ସଂସ୍କୃତି, ପଶୁସମ୍ପଦର ବିକାଶ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ଗମନାଗମନ ଏବଂ ସର୍ବୋପରି ସବୁଥିରୁ ମୁଖ୍ୟ ହୋଉଛି ବ୍ୟବସ୍ଥିତ ଢଙ୍ଗରେ ବିଜୁଳି ଯୋଗାଣ। ବର୍ତ୍ତମାନ ପର୍ଯ୍ୟନ୍ତ ସେଥିରେ ସୁଧାର ଆମେ ଆଣିପାରିଲା ନାହିଁ। ସୁତରାଂ ଏଥିପାଇଁ ରାଜନୈତିକ ଦୃଷ୍ଟି ଭଙ୍ଗୀରୁ ଉର୍ଦ୍ଧ୍ୱକୁ ଯାଇ ଏକସୁଚିନ୍ତିତ ଯୋଜନା ପ୍ରଣୟନର ଆବଶ୍ୟକତା ରହିଛି।

ଏହି ସବୁ ଯୋଜନା ଆରମ୍ଭ କରାଯାଇପାରିଲେ ଗାଁ ନିକଟରେ ଛୋଟ ଛୋଟ କୁଟୀର ଶିଳ୍ପ ଗଢିଉଠିବ ଓ ଗ୍ରାମ ସଂସ୍କୃତି ପୁଣି ହସିଉଠିବ ଓ ଗ୍ରାମରୁ ସହାରା ମୁଖି ହଉଥିବା ଜନସାଧାରଣ ଗ୍ରାମରେ ରହିବାକୁ ଉଚିତ ମଣିବେ। ଯଦ୍ୱାରା ଏହା କରାଯାଇପାରିଲେ ଗ୍ରାମସବୁ ଛୋଟ ଛୋଟ ସହର ହୋଇସାରିଥିବ। ଆଜି ଆମେ ଏ କ୍ଷେତ୍ରରେ ଜାପାନକୁ ଯଦି ଉଦାହରଣ ସ୍ୱରୂପ ନେବା ତାହାହେଲେ ଆମେ ଆମର ପୂର୍ବନିଷ୍ପତ୍ତି ସବୁ ବିଷୟରେ ଅବଗତ ହୋଇ କଣ ପାଇଁ ଆମେ ଆଜି ବିକାଶ ପାଇଁ ସଂଘର୍ଷ କରୁଛେ ତାହା ବୁଝିପାରିବା। କାରଣ ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏତେ ମାତ୍ରାରେ କ୍ଷତିଗ୍ରସ୍ତ ହୋଇ ମଧ୍ୟ ଆଜି ବିକାଶର ଶୀର୍ଷରେ ରହିଛି। ତାଙ୍କର ୯୦ ଭାଗ ସହରାଞ୍ଚଳ ରହିଥିବା ବେଳେ ମାତ୍ର ୧୦ ଭାଗ ଆଉ ଗ୍ରାମାଞ୍ଚଳ ରହିଛି। ତାଙ୍କର ବଳିଷ୍ଠ ଯୋଜନା ଯୋଗୁଁ ଦେଶରେ ଗ୍ରାମ ମଧ୍ୟ ସହରରେ ପରିଣତ କରି ପାରିଛନ୍ତି। କିନ୍ତୁ ଆମର ଯୋଜନା ରୂପାୟନର ଭୁଲ ଯୋଗୁଁ ଅଯଥାରେ ସହରରେ ଗ୍ରାମାଂଚଳରୁ ଆସି ଜନସାଧାରଣଙ୍କ ଭିଡ଼ ଓ ସରକାରୀ ଜମି ଜବରଦଖଲ ସମସ୍ୟା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଆମ ଆଗରେ ଆସି ଛିଡା ହେଲାୟଯାହାକି ଆମର ନେତୃବର୍ଗଙ୍କ ଦୃଷ୍ଟି ଭଙ୍ଗୀର ଅଭା ବାରି ହୋଇ ପଡୁଛି।

ଏହି କଥାକୁ ମାନ୍ୟବର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ହୃଦୟଙ୍ଗମ ସ୍ୱରୂପ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଆରମ୍ଭ କରିଥିଲେ। କାରଣ ବିକାଶ ପାଇଁ ଯୋଗାଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ କଥାକୁ ସେ ବୁଝିପାରିଥିଲେ। ଏହା କରାଯାଇପାରିଲେ ଗ୍ରାମ ଓ ସହର ମଧ୍ୟରେ ଦୂରତ୍ୱ ହଟିବ ଓ ଗ୍ରାମ ମଧ୍ୟ ବିକାଶ ଧାରାରେ ସାମିଲ ହୋଇପାରିବ।

ତାପରେ ଖାଲିତ ଯୋଗାଯୋଗର ଉନ୍ନତି କରଣ କଲେ ହେବ ନାହିଁ ତାହା ସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିବା କଥା କିନ୍ତୁ ସେଥିପ୍ରତି ଆଉ ଆମେ ଗୁରୁତ୍ୱ ଦେଲେନାହିଁ। ସୁତରାଂ ଏବେ ଯୋଉ ସମୟ ଆମ ଆଗରେ ଆସି ଛିଡ଼ା ହୋଇଛି ଏହି ସମୟ ହେଉଛି ଉପଯୁକ୍ତ ସମୟ ଆମ ଗ୍ରାମ ସଂସ୍କୃତିକୁ ବଞ୍ଚାଇବା ପାଇଁ, ଏହାଦ୍ୱାରା ସେହି ପାଖାପାଖି ଅଞ୍ଚଳସବୁରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଉପରେ ନଜର ଦେବାକୁ ହେବ। ଏହିସବୁ ଜିନିଷ କରାଯାଇପାରିଲେ ଆଜି ଆମ ଆଗରେ ଦେଖା ଦେଇଥିବା ମହାମାରୀ ରୂପୀ ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ମିଳିପାରିବ। କାରଣ ଏବେ ଏହି ମହାମାରୀର ଦ୍ୱିତୀୟ ଲହର ସମୟରେ ଜନସାଧାରଣ ଅମ୍ଳଜାନ ଅଭାବରୁ ମୃତ୍ୟୁ ବରଣ କରୁଛନ୍ତି।

ବର୍ତ୍ତମାନ ସାରାଦେଶର ଜଙ୍ଗଲର ଅବକ୍ଷୟ ଓ ଶିଳ୍ପାୟନର ବୃଦ୍ଧି ସାଙ୍ଗକୁ, ଦ୍ରୁତସଂଖ୍ୟାରେ ଯାନବାହାନ ଚଳାଚଳ ସାଙ୍ଗକୁ ଆଜିର ପ୍ରଯୁକ୍ତି ବିଦ୍ୟା ହିଁ ଆଜି ଘାତକ ସାଜୁଥିବା ମନେହୁଏ। ଏତଦ୍ ବ୍ୟତୀତ କଳକାରଖାନା ଯୋଗୁଁ ନିର୍ଗତ ଧୂଆଁ ଓ ବର୍ଜ୍ୟବସ୍ତୁର ସଠିକ ଭାବରେ ପରିଚାଳନା ନହେବା ଫଳରେ ଆମମାନଙ୍କୁ ସୁସ୍ଥ ଅମ୍ଳଜାନ ଆଉ ମିଳିଲା ନାହିଁ।

ଉକ୍ତ କାର୍ଯ୍ୟ ସବୁକୁ ଦେଖିବା ସକାଶେ ବିଭିନ୍ନ ବିଭାଗ ରହିଥିଲେ ମଧ୍ୟ ଆନ୍ତରିକତା ଅଭାବ ସହିତ ଭାରତରେ ଦୁର୍ନୀତି ଏକ ମୁଖ୍ୟ ସମସ୍ୟା ହୋଇ ଉଭା ହେଲାଣି। ଯାହାଫଳରେ ବିଭାଗ ରହିଥିଲେ ମଧ୍ୟ ତାଙ୍କ କାର୍ଯ୍ୟ ସବୁ ଠିକ ଭାବରେ ସଞ୍ଚାଳନ କରି ପାରୁନାହାନ୍ତି। ସେଥିପାଇଁ ଅନ୍ତରାୟ ସବୁବେଳେ ରହୁଛି ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ। ଏହାକୁ ପ୍ରତିହିତ କରିବା ପାଇଁ ଦୃଢ଼ ରାଜନୈତିକ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି।

ତେଣୁ ଶାସକ ଏହାକୁ ଗମ୍ଭୀରତା ସହିତ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇପାରିଲେ ଭାରତର ଗ୍ରାମ୍ୟ ସଭ୍ୟତା ପୁଣି ହସିଉଠିବ ଓ ଆଜିର ସମସ୍ୟାକୁ ମଧ୍ୟ କିଛି କାଂଶରେ ପ୍ରତିହିତ କରିହେବ ବୋଲି ନିଶ୍ଚୟ ହୃଦବୋଧ କରିବା।

*ସୋନପୁର*
*ଦୂରଭାଷ : ୮୧୪୪୮ ୭୦୭୨୯*



ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

ଚେତା ଆସିବା ପରେ ସେ ଅନୁଭବ କରିଛି ତା' ହାତ ଗୋଡ ସବୁ ଭାଙ୍ଗି ଯାଇଛି ବୋଲି, ଯେତେ ଚେଷ୍ଟା କରି ମଧ ହାତ ଗୋଡ ଉଠାଇ ପାରିନି। ଘୋଷାରି ଘୋଷାରି ହୋଇ ଆସିଛି ରାସ୍ତା କଡ ଯାଏ। ସେଇଟା ତ ଜଙ୍ଗଲିଆ ଘାଟି ରାସ୍ତାଟିଏ, ସେଠି ଗାଡି ଘୋଡାର ଯାତାୟତ କମ। କେବଳ ସଂଧ୍ୟାରେ ବ୍ଲକ ମହକୁମାକୁ ଯାଉଥିବା ବସ୍‌ଟି ସେଠି ରାତିରେ ରହି ସକାଳକୁ ଫେରେ। ସେହି ବସ୍‌ଟିକୁ ଅପେକ୍ଷା କରି ସେ ପଡି ରହିଲା ରାସ୍ତା କଡରେ। ବସ୍‌ଟା ବି ଆସିଲା। ଏ ହାତ ଠାରି ବସ୍‌କୁ ଡାକିଲା। ବସ୍‌ଟା ଘଡିଏ ଅଟକିଲା। ଏହାର ଅବସ୍ଥା ଦେଖି କଣ୍ଡକ୍ଟର କହିଲା- ଇଏ ଆକ୍ସିଡେଣ୍ଟ କେସ୍ ପରି ଲାଗୁଛି। ଯାକୁ ନେଇକରି ଗଲେ ପୋଲିସ ଦୁନିଆଁ ଝମେଲା ଲଗାଇବ। ବରଂ ଭଲ ହେବ ଯାଇ ପୋଲିସକୁ ଇନଫରମେସନ ଦେଲେ। ୟା'ର ସମସ୍ତ ଅନୁରୋଧ ସତ୍ତ୍ୱେ ବସ୍ ଯାକୁ ନଆଣି ଚାଲିଗଲା।

ମେ' ମାସର ଖରା, ଇଏ ଅବା ଆଉ ରାସ୍ତା କଡରେ କେତେ ସମୟ ପଡି ରହି ପାରିଥାଆନ୍ତା। ପୁଣି ଘୁଷୁରି ଘୁଷୁରି ଭାଗ୍ୟକୁ ଭରସା କରି ଯାଇ ଗୋଟେ ଗଛ ଛାଇରେ ପଡି ରହିଲା।

ବହୁ ସମୟ ପରେ ଦୁଇଜଣ ମଟର ସାଇକେଲରେ ସେବାଟେ ଆସିଲେ। ସେମାନଙ୍କୁ ହାତ ଠାରି ଡାକି ହାତ ଯୋଡି ଅନୁରୋଧ କଲା। ସେ ଚଣ୍ଡାଳ ଦୁଇଜଣ ବି ଅଟକିଲେ। ସେମାନେ ବି ସେହି ପୋଲିସ କେସର ଝମେଲାରେ ନ ପଡିବା ପାଇଁ ଚିନ୍ତା କଲେ। କେବଳ ତାକୁ ଆଶ୍ୱାସନା ଦେବାକୁ ଯାଇ କହିଲେ- ଆମ ମଟର ସାଇକେଲରେ ତ ତମକୁ ନେଇ ହେବନାହିଁ, ଆମେ ଯାଉଛୁ ପୋଲିସରେ ଖବର ଦେଇ ତମ ପାଇଁ କିଛି ଗୋଟେ ବ୍ୟବସ୍ଥା କରିବୁ। ସେମାନେ ସେଠାରୁ ନୈତିକ ଦାୟିତ୍ୱମୁକ୍ତ ହୋଇ ଚାଲିଆସିବା ପରେ ଆଉ ଖବର ଦେବା କିଏ ନା ସେମାନେ କିଏ। ତାଙ୍କ ଭିତରୁ ଜଣେ ପୋଲିସ ଷ୍ଟେସନ ଯାଇ ଖବରଟା ଦେଇ ଦେବାକୁ କହିବାରୁ ଆଉ ଜଣେ ତାକୁ ବାରଣ କରି କହିଲା - ପୋଲିସ ଷ୍ଟେସନରେ ଖବର ଦେବା ଅର୍ଥ ବାହାରେ ବାହାରେ ଯାଉଥିବା କିଳାକୁ ହ୍ୱିସିଲ ମାରି ପାଖକୁ ଡାକିବା ସାର ହେବ। ଏତେ ଯଦି ତୋ'ର ମନ ଅଛି ସାହାଯ୍ୟ କରିବାରେ, ତେବେ ଗୋଟିଏ କାର୍ଯ୍ୟ କରାଯାଇ ପାରେ ଯେକୌଣସି ପାନ ଦୋକାନରେ ଏ ଦୁର୍ଘଟଣା ବିଷୟରେ ଉଡା ଖବରଟିଏ ଛାଡଇ ଦିଆଯାଇପାରେ, ଯାହା କାନରୁ କାନ ହୋଇ ନିଶ୍ଚୟ ପୋଲିସ ପାଖରେ ପହଞ୍ଚିବ। ଯାହାର ଲୋକ ସିଏ ସେମାନେ ତ ନିଶ୍ଚୟ ଖୋଜୁଥିବେ ନା, ଖବର ପାଇଲେ ସେମାନେ ଯାଇ ପହଞ୍ଚିବେ।

ପୋଲିସକୁ ଖବର ଦେବାକୁ କହୁଥିବା ଲୋକଟି ମନକୁ ଏକଥା ପାଇଲା ଓ ସେମାନେ ବି ସେଇୟା କଲେ। ଗୋଟେ ପାନ ଦୋକାନରେ ବାଟରେ ଗୋଟେ ଦୁର୍ଘଟଣା ଘଟିଛି ବୋଲି ଖବରଟିଏ ଛାଡି ଦେଇ ସେମାନେ ଦାୟିତ୍ୱ ମୁକ୍ତ ହୋଇଗଲେ।

ସିଏ ତ ବାହାସାହା ହୋଇନଥିଲା, କେଉଁ ପରିବାର ଥିଲେ ଯେ କାହିଁକି ଫେରିଲାନି ବୋଲି କିଏ ଖୋଜିବ। ଲେବର ପେମେଣ୍ଟ ପାଇଁ କ୍ୟାମ୍ପକୁ ଯାଇଛି ବୋଲି ଅଫିସ ବାଲା ଜାଣନ୍ତି। ଥରେ କ୍ୟାମ୍ପକୁ ଗଲେ ଦୁଇ ଚାରିଦିନ ରହି ଫେରେ। ତେଣୁ ଅଫିସ ବାଲା ବି କାହିଁକି ଖୋଜିଥାଆନ୍ତେ ? ପିଲାଟା ଦୁଇଦିନ କାଳ ସେମିତି ଯନ୍ତ୍ରଣାରେ ଛଟପଟ ହୋଇ ପାଣି ଟୋପାଏ ନ ପାଇ ମରିଗଲା।

ଆଉ କେତେ ଦିନ ଯାଇଥାଆନ୍ତା ତା'ର ଖୋଜା ପଡିନଥାନ୍ତା କିଏ ଜାଣେ ! ମାତ୍ର ଚାରିଦିନ ପରେ ଗୋଟିଏ ବାଇ ଇଲେକ୍ସନ ପାଇଁ ତା'ର ଡ୍ୟୁଟି ପଡିଥିବାରୁ ତାକୁ ଖୋଜା ପଡିଲା। ଯେହେତୁ ସେ ଇଲେକ୍ସନ ଡ୍ୟୁଟି ପାଇଁ ରିପୋର୍ଟ କରି ନଥିଲା ତାକୁ କଲେକ୍ଟର ସସ୍‌ପେଣ୍ଡ କରିବାରୁ ତା' ଅଫିସ ବାଲା କ୍ୟାମ୍ପକୁ ଲୋକ ପଠାଇଲେ ତାକୁ ଡାକି ଆଣିବା ପାଇଁ। କ୍ୟାମ୍ପରେ ସେ ପହଞ୍ଚି ନଥିବା ଖବର ପାଇ ତାକୁ ଖୋଜାଖୋଜି କଲେ। କୌଣସି ଖବର ନ ପାଇ ପୋଲିସରେ ଖବର ଦେଲେ।

ପୋଲିସବାଲା ତା' ମୃତ ଦେହକୁ ଠାବ କଲା ବେଳକୁ ତାକୁ ଚିହ୍ନିବା ପାଇଁ ତା' ଶରୀରରେ ଆଉ କୌଣସି ଅଂଶ ନଥିଲା। କେବଳ ତା' ପ୍ୟାଣ୍ଟ ଓ ଜୋତା ଦେଖି ତା' ସହକର୍ମୀମାନେ ଯାହା ତାକୁ ଚିହ୍ନଟ କଲେ।

ଓଃ-କି କରୁଣ ସେ ମୃତ୍ୟୁ।

ହଁ ଗୋଲେଖ ଭାଇ-ସେ ତ ଗୋଟେ କରୁଣ ମୃତ୍ୟୁର ଶିକାର ହେଲା ମାତ୍ର ମୋତେ ଦୁଃଖ ଲାଗୁଛି ମାନବିକ ମୂଲ୍ୟବୋଧର ଦାରୁଣ ମୃତ୍ୟୁକୁ ଦେଖି। ଯଦି ଠିକ୍ ସମୟରେ ତାକୁ ସାହାଯ୍ୟ ମିଳିନଥାନ୍ତା, ଅନ୍ତତଃ ତା' ଜୀବନଟା ରକ୍ଷା ହୋଇଯାଇ ପାରିଥାଆନ୍ତା ବୋଲି ମୋର ବିଶ୍ୱାସ, ମାତ୍ର ପୋଲିସ ଚକ୍‌କରରେ ଫଶିବାକୁ ଭୟ କରି କେହିବି ତାକୁ ସାହାଯ୍ୟ କରିବାକୁ ଆଗଭର ହେଲେନି।

(କ୍ରମଶଃ)

# କିଶୋର କବିତା



## ଗପଟିଏ କହିବାର ଥିଲା



**ଡା. ବିଜୟ କୁମାର ପାତ୍ର**





ଗପଟିଏ କହିବାର ଥିଲା !
ନିମନ୍ତ୍ରିତ ରାତିକୁ
ବାଟ ଓଗାଳି ଆଣିଥିଲି
ଦିଗବଳୟ ପଞ୍ଜାରୁ,
ଜହ୍ନ ତାରାଙ୍କୁ
ଯେଝା ଯେଝା ଜାଗାରେ ଖଞ୍ଜି;
ପ୍ରିୟ କିଛି ନାଁ ଗୁଡ଼ାଙ୍କୁ
ପେଡ଼ିରେ ସଜେଇ ରଖିଥିଲି,
ମୋ କାହାଣୀର
ଚରିତ୍ର ହେବାପାଇଁ,
ରାତି ଅନ୍ଧାରରେ
ଶ୍ରୋତା ସାଜି; ଦୁଇଟା ଖଦ୍ୟୋତ,
ଗର୍ଜିଗର୍ଜି ବେସୁରା ପାଳଟିଥିବା
ଗୋଟେ ଝିଙ୍କାରି,
ହରିବୋଲ ପକାଉଥିବା
ଦଳେ ବୁଲା କୁକୁର
ଓ ମଝିରେ ମଝିରେ
କାହାଣୀକାରକୁ ନିନ୍ଦାକରୁଥିବା
ଗଣ୍ଡାଏ ଶୃଗାଳ,
ସବୁକିଛି ଠିକଥିଲା...
ଭାବୁଥିଲି ଆରମ୍ଭ କରିବି,
ହେଲେ କାହାଣୀର ମୁଖ୍ୟ ଚରିତ୍ରଟି
କେତେବେଳୁ ଶୋଇ ପଡିଥିଲା;
ପୁଳାଏ ସ୍ୱପ୍ନଙ୍କ ଉପରେ ଗୋଡ ଲଦି......
ପୋଖରୀ ହୁଡାରେ
ଘାସର ଚାଦରଟା ବିଂଚିଦେଇ,
ନିମନ୍ତ୍ରିତ ଗୋଧୂଳିକୁ
ଅଡେଇ ଆଣିଥିଲି
ସୂର୍ଯ୍ୟଙ୍କ ଆଖି ଉହାଡ଼ରୁ,
ଅନ୍ୟମନସ୍କ ପିଲାଙ୍କୁ ହାତୀ ଘୋଡାର
ବାହାନା ଶୁଣାଇ ଧରିରଖିଥିଲି;
ଗୁଡ଼ାଏ ତାଳି ଆଶାରେ,
ବାଟବଣା ବାଟୋଇକୁ
ଆଶ୍ରୟର କଥାଦେଇ
ଡାକି ଥିଲି ଖାସ....
ଗପଟିଏ କହିବା ପାଇଁ ,
କାହାଣୀର ପେଡି ଖୋଲୁଖୋଲୁ
ମୁଖ୍ୟ ଚରିତ୍ରଟା ;
କେତେବେଳୁ ଯାଇଥିଲା,
ଆର ଗାଁ ଫୁଲହାଟ ଆଡେ
ଗୋଲାପର କଢି କିଣିବାକୁ.......
ଗପଟିଏ କହିବାର ଥିଲା ବୋଲି;
ଶୀତୁଆ ସଂଜରେ ନିଶ୍ୱାସର ଉଷ୍ମତାକୁ
ଖୋଜି ଆଣିଥିଲି;
ମାଝିଟାକୁ ଲାଞ୍ଚଦେଇ
ବିଶ୍ୱାସର ଡଙ୍ଗାଟିଏ ବାନ୍ଧିଥିଲି
ଆମ ଗାଁ ନଈ କୂଳେ,
ଅନ୍ଧାର ଗୁଡୁଗୁଡ଼ିରୁ ମେଞ୍ଚେ
ଏବଂ ଶୂନ୍ୟତାକୁ ଜଗେଇଥିଲି,
କାହାଣୀ ପେଡି ଖୋଲିା ବେଳକୁ....
ସବୁ ଚରିତ୍ରଗୁଡା ସନ୍ତର୍ପଣରେ ମଜିଥିଲେ;
ମା ଚରିତ୍ରକୁ ବିଦାୟ ଦେବାକୁ.....
ବାସ.......
ଗପଟିଏ କହିବାର ଥିଲା
ଯାଙ୍କୁ ତାଙ୍କୁ, ସମସ୍ତଙ୍କୁ......
ଯାଙ୍କୁ, ତାଙ୍କୁ, ସମସ୍ତଙ୍କୁ......

*ଚୌଦ୍ୱାର, କଟକ*

## ମଧୁର ଚଇତାଳୀ

**ସସ୍ମିତା ମହାପାତ୍ର**





ଚଇତରେ ଚଇତାଳୀ
କେତେ ଖେଳେ ଲୁଚକାଳି
ବିରାମ ମନରେ ଭରି ବିଶେଷ ଆଶା।
ବିକର୍ଷଣେ ଆକର୍ଷଣ
ବକୁଳ କୁଞ୍ଜେ କର୍ଷଣ
ବିହିତ ବହିତ କର୍ମେ ବିଶେଷ ଭାଷା।
ମଧୁପ ମଧୁରେ ଗାଇଲା
ସଞ୍ଜ ସଳିତାର ବାସ ବାସ ମୋହିଲା।
ସୁଦୂରେ ଶୁଭେ ଶବଦ
ସୁନ୍ଦର ଦିଶେ ପ୍ରମୋଦ
ଉଦ୍ୟାନ ଶୋଭିତ ପୁଷ୍ପ ଲତା ତମାଳେ।
ତମସା ଆଗମ ଆଶେ
ତିମିର ବାସ ପ୍ରକାଶେ
ପ୍ରବେଶ ହୁଅଇ ଯୁବା ମାନ ମନ୍ଦିରେ।
ବିଭାବରୀ ବେଶେ ସାଜଇ
ବହୁ ବେଶ ବାସେ ବାସ ବରିବା ପାଇଁ।
ନଦୀରେ ସାରି ସ୍ନାହାନ
କରି ଦେବତା ତର୍ପଣ
ଉଦିତେ ମୁଦିତ ନେତ୍ରେ ପୀୟୁଷ ଢାଳି।
କରମେ କରମ ତେଜି
ପାର୍ଥିବ ପଥ ବରଜି
ପ୍ରକାରାନ୍ତେ ପରମରେ ପ୍ରଦୀପ ଜାଳି।
ପ୍ରତ୍ୟୟେ ପ୍ରତ୍ୟୟ ପ୍ରଣାମି
ପରମ କରୁଣା ବ୍ରତେ ବସି ସକାମୀ।
ରଜନୀର ପରବେଶେ
ଶିଉଳି ପତନେ ହସେ
ଚଉଦିଗେ ମଧୁ ବାସ ଯାଏ ମିଳାଇ।
ମଉଳା ମନର ତଳେ
କେ ଡାକେ କୁଞ୍ଜ ଗହଳେ
ବଂଶୀସ୍ୱନର ଉଚ୍ଚାଟେ ଆସଇ ରାଇ।
ବସନ୍ତର ବାସ ଦହିଲା
ବ୍ରଜବାଳୀ ପଦବ୍ରଜ ବାରେ ଶୁଭିଲା।
ହସ୍ତରେ ଅବିର ଧରି
ଲତାକୁଞ୍ଜେ ବନମାଳୀ
ଚଉଦ ଭୂବନ ତେଜି ଏକଇ ଢଙ୍ଗେ।
ମନ ପବନ ସଂଯୋଗ
କରେ କରିବାକୁ ରଙ୍ଗ
ଅରୂପରେ ଅବଲୋକେ ଯେହ୍ନେ ବିହଙ୍ଗେ।
ଅନିଶା ନିଶାରେ ଆଚରି
ଆବୋରିବେ ଅବାରିତେ ଅବିର ବୋଳି।
ଏମନ୍ତ କରି ଗୁହାରୀ
କରେ ସୁମନ ଅଞ୍ଜଳୀ
ଘେନି ଉଭା ଶ୍ରୀ ପଦରେ ଲଗାଇ ଲୟ।
ଉତ୍ତମରେ ଅନୁପମ
ଉପମାନରେ ବିରାମ
ଅନ୍ତରେ ପ୍ରଦୀପ ଜାଳି କରେ ଅନ୍ୱୟ।
ସମର୍ପଣେ ଅର୍ପଣ କରି
ସ୍ତୁତିକରେ ବାସରେ ଗଞ୍ଜନ ବଇରୀ।
ନାନା ସୁମନ ପଲ୍ଲବେ
ରଖିଣ ସମ୍ମୁଖ ଭାଗେ
ଅର୍ପିତ ଫଳକୁ ସିଧ କରି ଲୋତକେ।
ବିଷୟ ଆଶାର ତ୍ୟାଗ
ବିଶ୍ୱ କରତାର ଯୋଗ
ବିରାମ ବିହୁନେ ବାଣୀ ଗାଇ ପୁଲକେ।
ବିଷୟୁ ବିମୁଖ ହୋଇଲା
ବ୍ରଜବାଳୀ ପ୍ରାଣପ୍ରିୟ ମନେ ଧାୟିଲା।

*ପୁରୁଣା ଭୁବନେଶ୍ୱର*

ଚିଠିଟାକୁ ବାରମ୍ବାର ପଢୁଥିଲେ ଡାକ୍ତର ସତ୍ୟଜିତ୍ ମହାପାତ୍ର। ପ୍ରତିଥର ପଢି ସାରିବା ପରେ ସେ ଚଷମା କାଚ ସଫା କରଥିଲେ ସନ୍ଦେହ ମୁକ୍ତ ହେବା ପାଇଁ, ଖଣ୍ଡେ ଲଫାପା ଭିତରେ ଥିଲା ଠିକଣା ବିହୀନ ପ୍ରେରିକାର ଛୋଟ ଚିଠିଟିଏ।

"ମୋର ଶୁଭେଚ୍ଛା ଗ୍ରହଣ କରିବ। ତମେ କେମିତି ଅଛ ତା ତ ଜାଣିବାର ମୋର ଉପାୟ ନାହିଁ। ତଥାପି ସବୁବେଳେ ତୁମ କଥା ମନେ ପଡେ ପ୍ରାକ୍ଟିକାଲ କ୍ଲାସରେ ଏକାଠି ଚୁଇଁଗମ୍ ଖାଇବାର ଅନୁଭୂତି ଆଉ ସାର୍ ପଶି ଆସିଲେ ପାଟିରୁ ବାହାର କରି ଫୋପାଡି ଦେବାର ସ୍ମୃତି। ଗୋଟାଏ ଝିଅର ହୃଦୟକୁ ବୁଝିବା ପାଇଁ ତମେ କାହିଁକି ଏତେ ଭୀରୁ ହେଲ। ଏବେ ଭାବୁଛି ତୁମ ପାଖକୁ ଦୌଡି ଦୌଡି ପଳାଇ ଯାଇପାରନ୍ତି କି ସମସ୍ତେ କ'ଣ ଖାଲି ପ୍ରେମିକ ହୋଇପାରନ୍ତି ଆଉ କ'ଣ କିଛି ବି ସମ୍ପର୍କ ନାହିଁ ?"

ମିତାର ଚିଠି ପାଖାପାଖି କୋଡିଏ ବର୍ଷ ପରେ, ମିତାର ହାତ ଲେଖା ଅକ୍ଷରଗୁଡ଼ିକୁ ସତ୍ୟଜିତ୍ ଏ ପର୍ଯ୍ୟନ୍ତ ଭୁଲି ପାରି ନାହାଁନ୍ତି ଚିଠିଟିକୁ ପଢିବା ପରେ ସେ ନିଜକୁ ଅନୁଭବ କଲେ ପ୍ରାଣବନ୍ତ ଉଦ୍‌ଭ୍ରାନ୍ତ ପ୍ରଜାପତି ପରି। ଦୀର୍ଘ କୋଡିଏ ବର୍ଷ ପରେ ସେ ନିଜକୁ ଆବିଷ୍କାର କଲେ, ଏକ ସୌମ୍ୟ ସୁନ୍ଦର ସତେଜ ପୁରୁଷର ଚେହେରାରେ। ସେ ଯେ ଏତେ କର୍ମଚଞ୍ଚଳ ହୋଇପାରନ୍ତି ଏ କଥା ସେ କଳ୍ପନା କରିପାରୁ ନଥିଲେ।

ମିତା ରାୟ ଥିଲା, ଏକ ବ୍ୟାଙ୍କ୍ ଅଫିସରଙ୍କର ଏକମାତ୍ର ଅଲିଅଳି କନ୍ୟା, ଦେଖିବାକୁ ଠିକ୍ ଏକ କଣ୍ଢେଇଟିଏ ପରି ମୋଟ ଉପରେ କହିବାକୁ ଗଲେ ଅହଙ୍କାର ଥିଲା ତାର ରକ୍ତଗତ। ଇଂରାଜୀ ସାହିତ୍ୟ ଓ ଓଡିଆ ସାହିତ୍ୟ ପ୍ରତି ତାର ଥିଲା ଚରମ ଦୁର୍ବଳତା ସେମାନେ ଦୁଇଜଣ ସାଙ୍ଗ ହୋଇ ପଢୁଥିଲେ ଗୋଟିଏ କ୍ଲାସରେ। କଲେଜର ସମସ୍ତ ବକ୍ତୃତା ପ୍ରତିଯୋଗିତା ଇଂରାଜୀ କିମ୍ବା ଓଡିଆ, ସତ୍ୟଜିତ୍ ସବୁ ସମୟରେ ପ୍ରଥମ ସ୍ଥାନରେ ରହିଥିଲେ। ମିତା ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରେ ରହୁଥିଲା।

## ସମ୍ପର୍କ ଏକ ଆବେଗର

**ଡଃ. ସ୍ମୃତି ପଟ୍ଟନାୟକ**





ସତ୍ୟଜିତ୍‌ଙ୍କର ବାପା ଥିଲେ ଜଣେ ସ୍କୁଲ ମାଷ୍ଟର ସେ ନିକଟରେ ଭଡାରେ ରହୁଥିଲେ ସପରିବାର। ଦିନେ ଏକ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଦୁଇଜଣ ଯାକ ଭାଗ ନେବା ପାଇଁ ରବିନ୍ଦ୍ର ମଣ୍ଡପ ଯାଇଥିଲେ। ସେହି ଦିନର ପ୍ରତିଯୋଗିତା ପରେ ସତ୍ୟଜିତ୍ ପ୍ରଥମ ହେବା ମିତା କୌଣସି ପୋଜିସନ୍ ନ ପାଇବା ଦୁଇଜଣଙ୍କୁ ପରସ୍ପର ପ୍ରତି ନିକଟତର କରିଥିଲା।

ସେଇଦିନ ଠାରୁ ସତ୍ୟଜିତ୍‌ଙ୍କ ମନ, ମଧରେ ଭଲ ପାଇବାର ବୀଜ ବୁଣି ହୋଇ ସାରିଥିଲା। ପ୍ରତିଦିନ କଲେଜରେ ଦେଖା, ପ୍ରାକ୍ଟିକାଲ କ୍ଲାସରେ ଏକା ଗ୍ରୁପ୍ ସବୁ ଯେମିତି ସେମାନଙ୍କୁ ନିକଟରୁ ନିକଟତର କରିଥିଲା। ଅବଶ୍ୟ ସେଭଳି କୌଣସି ପ୍ରେମିକ ଅଭିବ୍ୟକ୍ତି ସେ ମିତା ନିକଟରୁ ଲାଭ କରି ପାରି ନଥିଲେ ଚିଠି କିମ୍ବା କୌଣସି ଉପହାର, ହିସାବରେ, ସେତେବେଳେ ସତ୍ୟଜିତ୍ ଭାବିଥିଲେ ପରସ୍ପରର ନିକଟତର ହେବା ଏବଂ ପ୍ରେମ କରିବା ଏକା କଥା ନୁହେଁ। ତଥାପି ସେ ନିଜର କଳ୍ପନା ରାଇଜରେ ମିତା ପାଇଁ ଏକ ଜାଗା ଠିକ୍ କରି ସାରିଥିଲେ ମନେ ମନେ।

ସେ ଦିନର ଅବିସ୍ମରଣୀୟ ସନ୍ଧ୍ୟା ଏବେ ବି ମନକୁ ରୋମାଞ୍ଚିତ କରୁଛି ସତ୍ୟଜିତ୍‌ଙ୍କର। କଲେଜ ବାର୍ଷିକ ଉତ୍ସବ ଚାଲିଥାଏ। ସତ୍ୟଜିତ୍ କଲେଜ୍ ଡ୍ରାମାରେ ହିରୋର ଭୂମିକା କରୁଥାନ୍ତି। ଦର୍ଶକମାନଙ୍କର ତାଳିରେ ଗ୍ୟାଲେରୀ ଫାଟି ପଡୁଥାଏ। ସତ୍ୟଜିତ୍ ନିଜକୁ ନିଜେ ଗୌରବାନ୍ୱିତ ମନେ କରୁଥାନ୍ତି। ତାଙ୍କ ଶିରାପ୍ରଶିରାରେ ଚମକ ସୃଷ୍ଟି ହେଉଥାଏ ସୁଖକର, ମୂର୍ଚ୍ଛନାମୟ। କିନ୍ତୁ କାଇଁ, ସବୁ ଶେଷ ହେଲା ପରେ ମିତାକୁ ଖୋଜି ଖୋଜି ସେ ଆଉ ପାଇ ନଥିଲେ ସେଦିନ। ତା ପରଦିନ ମିତା ସହ ଦେଖା ହେଲା କେମିଷ୍ଟ୍ରି ପ୍ରାକ୍ଟିକାଲ ଲାବୋରୋଟୋରୀରେ। ତା ଠାରୁ ସମ ପରିମାଣର ମଧୁର ପ୍ରତିକ୍ରିୟାଟିଏ ହାସଲ କରିବା ଆଶାରେ ସେ ଦିଶୁଥିଲେ ହସ ହସ।

(କ୍ରମଶଃ)

## କବିତାର କଥା

(ଭାଗ-୧୯)



**ଉମାକାନ୍ତ ରାଉତ**



### ସ୍ଥାନ-କାଳ-ପାତ୍ରର କରିସ୍ମା

ସ୍ଥାନ କାଳ ପାତ୍ରର ସମସ୍ୟା ସମ୍ପର୍କିତ ପ୍ରସଙ୍ଗରେ ପୂର୍ବ ଭାଗରେ ମାଟିର ମହାକବି ସାରଳା ଦାସଙ୍କ ମାଟି ପ୍ରେମର କଥା କୁହାଯାଇଥିଲା। ଏବେ ସେ ବିଷୟରେ ଚିନ୍ତା କଲାବେଳେ ପଞ୍ଚସଖା ଶ୍ରେଣୀର ଆଉ ଏକ ପ୍ରମୁଖ ଓ ଶକ୍ତିଶାଳୀ କବି ଅତିବଡ଼ି ଜଗନ୍ନାଥ ଦାସଙ୍କ ସ୍ୱର ମନରେ ଗୁଞ୍ଜରଣ ସୃଷ୍ଟି କରେ।

ଅତିବଡ଼ି ଜଗନ୍ନାଥ ଦାସଙ୍କର ଶ୍ରୀମଦ୍ଭାଗବତକୁ ଅନୁଧ୍ୟାନ କଲେ ପୂର୍ବୋକ୍ତ ପ୍ରସଙ୍ଗ ଆହୁରି ପ୍ରାଞ୍ଜଳ ଭାବେ ବୁଝିହୁଏ। ସ୍ଥାନ କାଳ ପାତ୍ରର ଗୁରୁତ୍ୱକୁ ସେ ଏତେ ମାତ୍ରାରେ ହୃଦୟଙ୍ଗମ କରିଥିଲେ ଯେ ନବାକ୍ଷରୀ ଛନ୍ଦରେ ରଚିତ ତାଙ୍କର ଓଡ଼ିଆ ଭାଗବତ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ପ୍ରବଳ ଆଦୃତି ଲାଭ କରିଥିଲା। ଗାଁ ଗାଁରେ ଭାଗବତ ଟୁଙ୍ଗି ସ୍ଥାପିତ ହେବାସହ ଭାଗବତ ଗ୍ରନ୍ଥର ଜନ୍ମଦିନ ଏକ ପର୍ବଭାବେ ପାଳିତ ହେବାକୁ ଲାଗିଲା।

ତାଙ୍କ ମାଆ ପଦ୍ମାବତୀ ଦେବୀଙ୍କର ଭାଗବତ ଶୁଣିବାର ପ୍ରବଳ ଅଭୀପ୍ସା ଥିଲା। ହେଲେ ସେ ସଂସ୍କୃତ ବୁଝିବାକୁ ଅକ୍ଷମ ଥିବାରୁ ତାହା ସମ୍ଭବ ହେଉ ନଥିଲା। ପୁତ୍ର ଜଗନ୍ନାଥ ସ୍ଥାନ କାଳ ପାତ୍ରକୁ ବିଚାରକୁ ନେଇ ସାଧାରଣ ମଣିଷର ବୋଧଗମ୍ୟ ଭାଷା ଓ ଭାବରେ, ତାଙ୍କ ମାଆଙ୍କର ଅଭିଳାଷ ପରିପୂରଣ କରିଥିଲେ। ସେଥିରେ ସ୍ଥାନ କାଳ ପାତ୍ର ଆଧାରିତ ଅନୁଭବସୃଷ୍ଟ ଅନ୍ତର୍ଧ୍ୱନିର ଉଚ୍ଚାରଣ ଏଭଳି ଭାବେ ଚିତ୍ରାୟିତ ହୋଇଥିଲା ଯେ ମାଆ ପାଇଁ ସୃଷ୍ଟ ପଦ୍ୟାମୃତ ଜଗତର ସାହାଭାବେ ଠିଆ ହୋଇ ସଭିଙ୍କ ହୃଦୟକୁ ଛୁଇଁଲା। ମାଟି ଓ ମାଆ ସହ ତାହା ଏଭଳି ଓତଃପ୍ରୋତଭାବେ ସଂଶ୍ଳିଷ୍ଟ ଥିଲା ଯେ ତାର ଅନେକ ପଂକ୍ତି ଆପ୍ତବାକ୍ୟ କିମ୍ବା ପ୍ରବଚନ ଭାବେ(କ୍ସ୍ୱକ୍ଟଙ୍ଖରକ୍ସଭଗ୍ସ) ପ୍ରତିଷ୍ଠିତ ହେଲେ। ଏଇ ଯେମିତି ....

ଆପଣା ହସ୍ତେ ଜିହ୍ୱା ଛେଦି
କେ' ଅଛି ତାର ପ୍ରତିବାଦୀ
ଅମୃତ ବିନୟ ବଚନ
କହି ତୋଷିବ ପ୍ରାଣୀ ମନ
କାଳର ବଶ ଏ ଜଗତ
ସର୍ବେ ସେ କାଳର ଆୟତ୍ତ
ସେ କାଳ ବଳେ ସର୍ବେ ଚଳି
ପବନେ ଯେହ୍ନେ ଘନାବଳୀ
ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହେଲେ ବି ମରଇ ..... ଇତ୍ୟାଦି.....

କହିବା ବାହୁଲ୍ୟ ଯେ ସ୍ଥାନ କାଳ ପାତ୍ରକୁ ଗୁରୁତ୍ୱ ଦେବାର କରିସ୍ମା ପାଇଁ ଏସବୁ ସମ୍ଭବ ହୋଇଥିଲା ଏବଂ ସେହି ହେତୁରୁ ଏହା ସଂସ୍କୃତ ଭାଗବତ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ମୌଳିକ ରଚନା ଥିଲା।

ଅନୁରୂପ ଭାବେ ଚତୁର୍ଦ୍ଦଶ ଶତାବ୍ଦୀରେ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣର ନିଃଶ୍ୱାସ ପ୍ରଶ୍ୱାସରେ ଉକୁଟି ଉଠିଥିଲା ସ୍ଥାନ କାଳ ପାତ୍ରର ଭୂମିକା। ଉପରୋକ୍ତ ରଚନା ସମୂହ ମୁଖ୍ୟତଃ ଭକ୍ତି ଆଧାରିତ ହୋଇଥିଲେ ହେଁ ସେଥିରେ ସାଂସ୍କୃତିକ, ସାମାଜିକ, ରାଜନୈତିକ ଓ ପାରିପାର୍ଶ୍ୱିକ ପଟ୍ଟଭୂମି ପ୍ରଚ୍ଛନ୍ନ ଭାବେ ରହିଥିବାରୁ ଏବଂ ଅନେକାଂଶରେ ତାହା ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାର ବାର୍ତ୍ତା ପ୍ରଦାନ କରୁଥିବାରୁ ଅଦ୍ୟାପି କାଳଜୟୀ ସୃଷ୍ଟି ଭାବେ ବିବେଚିତ ହେଉଛି।

କବିତା ବିଶ୍ୱ ଚେତନାରେ ଦୀକ୍ଷିତ ହୋଇଛି ବୋଲି ଦାବି କରିବା, ଅଥଚ ସେଥିରେ ମାଟିର ମହକ ନଥିବ (ସ୍ଥାନ କାଳ ପାତ୍ରର ଅଣଦେଖା) ତାହା କସ୍ମିନକାଳେ କାଳଜୟୀ ସ୍ୱର ଉଚ୍ଚାରଣ କରିପାରିବ ନାହିଁ। କବି ବିଶ୍ୱ ବାତାୟନରୁ ଆହରଣ ଓ ବରଣ କରି ତାର ଜ୍ଞାନକୁ ଶାଣିତ କରୁ, ହେଲେ ତା'ର ସେଇ ଆହରିତ ଜ୍ଞାନକୁ ଯଦି ନିଜ ମାଟି ସମ୍ପର୍କିତ ଅନୁଭବସିଦ୍ଧ ବ୍ୟଞ୍ଜନା ସହିତ କକଟେଲ୍ ନକରିପାରିଲା ତେବେ ତାହା କାଳୋତ୍ତୀର୍ଣ୍ଣ ହୋଇପାରିବ ନାହିଁ। ସାରଳା, ଜଗନ୍ନାଥ ଓ ବଳରାମଙ୍କ ପରି ଯୋଗଜନ୍ମା କବିମାନେ ସଂସ୍କୃତ କାବ୍ୟମାନଙ୍କରୁ ଆହରଣ କରିଥିଲେ ହେଁ ଯଥାର୍ଥଭାବେ ସ୍ଥାନ କାଳ ପାତ୍ରକୁ ଗୁରୁତ୍ୱ ଦେଇଥିବାରୁ ସେମାନଙ୍କ ରଚନା ମୌଳିକ ଓ କାଳଜୟୀ ହୋଇଛି। ଆମେ ଏବର କବି , ଏଦିଗ ପ୍ରତି ଉଚିତ୍ ଧ୍ୟାନ ଦେଉଛୁ ତ !

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

## ଅବ୍ୟକ୍ତ



**ସ୍ମୃତି ରଞ୍ଜନ ତ୍ରିପାଠୀ**



ଆଉ ପିନ୍ଧାଅନି ମୋତେ ଚନ୍ଦ୍ରର ମୁକୁଟ
ଜୋଛନା ଅଳଙ୍କାରର ନୀରବ ରୁଣୁଝୁଣୁକୁ
ଗୋଟି ଗୋଟି କରି ରଖିସାରିଲିଣି ମୁଁ
ଲୁହ ସିନ୍ଦୁକରେ
ମଣିଷ, ଈଶ୍ୱର ସଭିଙ୍କ ପାଇଁ ଛାଡି ଯାଇଛି
ବେଲଗାମ ଅଗ୍ନିଶିଖାର ଚାରିପଟେ
ଇତସ୍ତତଃ ପାଉଁଶ ଗଛର କୋରଡ
ଯେ ଯାହା ଅନ୍ଧାରରୁ
ଏବେ ଠଉରେଇଚାଲ,
ଆଉ ଗୁଡାଅନି ମୋ ଦେହରେ
ଆକାଶ, ପାହାଡ଼ର ଧର୍ଯ୍ୟ ଶବ୍ଦକୁ
କିଏ ଜାଣେ କେବେ ଝଡି ପଡିବ
ଫଳନ୍ତି ଗଛରୁ ବିଶ୍ୱାସର ଡାଳ
ମିଛି ମିଛିକା କେତେ ଉଡେଇବ
ଭା ଆଉ ଭୋକର ଫର୍ଦ୍ଦ
ଯୋଉଠି ପୁରା ଶ୍ମଶାନ ହିଁ କବିତା।
ଲୁଚକାଳି ଖେଳରେ ପରା
ସେ ପୁରା ଅଭ୍ୟସ୍ତ
ଫେରି ଆସି ତା' ସାନିଧର
ହିସାବ ବି ନେଇପାରେ,
ସତର୍କତାର କୁହୁକ ବଂଶୀରେ
ମୋହିନେଇପାରେ କୋହ
ଆଉ ବିକଳପଣର ହରଷ
ହଁ କେବେ କେମିତି ଛଳନାର ମୁଖା ଭିତରୁ
ସମ୍ପର୍କର ଖିଅ ସବୁ ଉକୁଟିପାରେ।
ସାବଧାନ !
ଲୁଚକାଳି ଖେଳରେ ସେ ପୁରା ଅଭ୍ୟସ୍ତ
ତିରସ୍କାରର ପାହାଡ଼ ଚଢି
ପୁଣି ଉଙ୍କି ମାରିପାରେ
ତା ଅମାନବିକତାର ଐଶ୍ବର୍ଯ୍ୟ
ଫେରି ଆସି ମାଗିଦେଇପାରେ
ତା ଭାଗର ବାକିତକ ସୂର୍ଯ୍ୟାସ୍ତ।
ହଁ ଆଉ ପିନ୍ଧାଅନି ମୋତେ ସେ ଚନ୍ଦ୍ରର ମୁକୁଟ
କିଛି ଆଉ ତୁମ ମୋ ଓ ତା' ପାଇଁ ଅବ୍ୟକ୍ତ ଅବ୍ୟକ୍ତ।

*ଜଟଣୀ, ଖୋର୍ଦ୍ଧା*



# ଇଂ. ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ



**ଭୁବନେଶ୍ୱର :** ଭାରତୀୟ ଜନତା ପାର୍ଟୀର ପୂର୍ବତନ ରାଜ୍ୟ ଉପସଭାପତି ତଥା ବରିଷ୍ଠ ନେତା ଇଂ. ବୃନ୍ଦାବନ କଳସଙ୍କ ବିୟୋଗରେ ରାଜ୍ୟ ସଭାପତି ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ କଳସଙ୍କ (୦୮-୦୫-୨୦୨୧, ଶନିବାର) ରାତିରେ ୮୫ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଛି। ସ୍ୱର୍ଗତଃ କଳସ ୧୯୯୦ ମସିହାରୁ ପାର୍ଟୀ ସହ ଜଡିତ ରହି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ତୁଲାଇଥିଲେ। ୧୯୯୫ ମସିହାରେ ଖୋର୍ଦ୍ଧା ବିଧାନସଭା ଏବଂ ୧୯୯୬ ମସିହାରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରରୁ ବିଜେପିର ପ୍ରାର୍ଥୀ ଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ମଧ ଦାୟିତ୍ୱ ନିର୍ବାହ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟ ଦାୟିତ୍ୱ ସହ ରାଜ୍ୟ ଅଭିଯୋଗ ପ୍ରକୋଷ୍ଠ ଦାୟୀତ୍ୱରେ ବହୁ ଦିନ ଧରି ଥିଲେ । ଓସକାର୍ଡ ବ୍ୟାଙ୍କ ସଭାପତି, ପୁରୀ ଗ୍ରାମ୍ୟ ବ୍ୟାଙ୍କ ସଭାପତି ଭାବେ ନିଜ ଦାୟିତ୍ୱ ତୁଲାଇଥିଲେ । ଗତ ୨୦୧୯ ମସିହାରେ ସ୍ୱର୍ଗତଃ କଳସଙ୍କୁ ରାଜ୍ୟସ୍ତରୀୟ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଲ୍ଲେଖଯୋଗ୍ୟ, ୧୯୯୯ ମହାବାତ୍ୟା ସମୟରେ ଲୋକଙ୍କ ପୁନର୍ବାସ ଓ ଥଇଥାନ ପାଇଁ ସ୍ୱର୍ଗତଃ କଳସ ଅଦମ୍ୟ ଚେଷ୍ଟା କରିଥିଲେ। ଫଳସ୍ୱରୂପ ଏମ୍‌ଏସ୍‌ଏମ୍‌ଇର ଏକ ପ୍ରତିନିଧି ଦଳ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ସ୍ୱର୍ଗତଃ କଳସଙ୍କ ଧର୍ମପତ୍ନୀ, ୩ ପୁଅ ଓ ବୋହୂ, ୧ ଝିଅ ଓ ଜ୍ୱାଇଁ, ନାତିନାତୁଣୀ ଅଛନ୍ତି। ଗତ ଏପ୍ରିଲ ୬ ତାରିଖ ବିଜେପି ପ୍ରତିଷ୍ଠା ଦିବସ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱର୍ଗତଃ କଳସଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଆଲୋଚନା କରିଥିଲେ। ମିଷ୍ଟଭାଷୀ, ପରୋପକାରୀ ସ୍ୱର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପି ଜଣେ ନିଷ୍ଠାବାନ କାର୍ଯ୍ୟକର୍ତ୍ତା ହରାଇଛି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ସ୍ୱର୍ଗତଃ କଳସଙ୍କ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଶ୍ରୀ ମହାନ୍ତି ପ୍ରାର୍ଥନା କରିଛନ୍ତି। ସ୍ୱର୍ଗତଃ କଳସଙ୍କ ବିୟୋଗରେ ରାଜ୍ୟ ବିଜେପିର ଅନେକ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୃନ୍ଦାବନ କଳସଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଆମ ଦଳକୁ ସଂଗଠିତ ଓ ସୁଦୃଢ଼ କରିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଇମ୍ଫା ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ପାଇଁ ଏକଲବ୍ୟ ପୁରସ୍କାର ନିମନ୍ତେ ଆବେଦନ

**ଜଗତସିଂହପୁର :** ଇମ୍ଫା ଟ୍ରଷ୍ଟ ପକ୍ଷରୁ ଦୀର୍ଘ ବର୍ଷ ଧରି ମେଧାବି ଯୁବ କ୍ରୀଡାବିତ୍ ମାନଙ୍କୁ ଏକଲବ୍ୟ ପୁରସ୍କାର ଦେଇ ଆସି ନିଜର ଗୌରବ ବଜାୟ ରଖିଥିବା ବେଳେ ଚଳିତ ବର୍ଷ ୨୦୨୧ ପୁରସ୍କାର ନିମନ୍ତେ ଏକଲବ୍ୟ ପୁରସ୍କାର ପାଇଁ ଆବେଦନ କରିବାକୁ ଆହ୍ୱାନ କରିଛନ୍ତି । ଜଗତ୍‌ସିଂହପୁର ଜିଲ୍ଲାର ଇଚ୍ଛୁକପ୍ରାର୍ଥୀମାନେ ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏକଲବ୍ୟ ପୁରସ୍କାର ଏକ ବାର୍ଷିକ କ୍ରୀଡା ପୁରସ୍କାର ଯାହାକି କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ କ୍ରୀଡାବିତ୍ ମାନଙ୍କୁ ପାଞ୍ଚଲକ୍ଷ ଟଙ୍କାର ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥାଏ । ଏହା ବ୍ୟତୀତ ଦୁଇଗୋଟି ମୁଖ୍ୟ ପୁରସ୍କାର (ପ୍ରତ୍ୟେକ ୫୦ ହଜାର ଟଙ୍କା) ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି। ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କର ନୋମିନେସନ୍ ସେମାନଙ୍କର କ୍ରୀଡା ସଂଗଠନ, ବୋର୍ଡ, ଆସୋସିଏସନ, ବିଶ୍ୱବିଦ୍ୟାଳୟ, କଲେଜ ଏବଂ ସ୍କୁଲ ମାଧ୍ୟମରେ ପଠାଇ ବି ପାରିବେ । ୩୧ ମାର୍ଚ୍ଚ-୨୦୨୧ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ ଉର୍ଦ୍ଧ ହୋଇ ନଥିବା ଆବଶ୍ୟକ । ଆବେଦନ ପତ୍ରରେ ବୟସ ପ୍ରମାଣ ପତ୍ର,ଏପ୍ରିଲ-୨୦୧୯ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ହାସଲ କରିଥିବା ବିସ୍ତୃତ ବିବରଣୀ,ରାଜ୍ୟ ସ୍ତରରେ ହାସଲ କରିଥିବା କ୍ରୀଡା କ୍ଷେତ୍ରରେ ବିଭିନ୍ନ ଉଲ୍ଲେଖ୍ୟନୀୟ କାର୍ଯ୍ୟର ବିବରଣୀ ଦରଖାସ୍ତରେ ଉଲ୍ଲେଖ କରିବା ଉଚିତ। ନୋମିନେସନ ଗୁଡିକ ୩୧,ମେ-୨୦୨୧ ସୁଦ୍ଧା ଏକଲବ୍ୟ ପୁରସ୍କାର ଇମ୍ଫା ଟ୍ରଷ୍ଟ, ବମିଖାଲ, ଭୁବନେଶ୍ୱର - ୭୫୧୦୧୦ ଠିକଣାରେ ପଠାଇବା ଆବଶ୍ୟକ । ଏତଦ୍‌ବ୍ୟତୀତ ନୋମିନେସନ ଗୁଡିକ ଇ-ମେଲ୍ ଯଥା- **ekalabya@imfa.in** ରେ ପଠାଯାଇ ପାରିବେ।

# ଚଢାଉ ପରେ ବି ବଢୁଛି ଚୋରା ମଦ କାରବାର

## କରୋନାରେ ଏବେ ସଂକ୍ରମଣର ଚିନ୍ତା



**ସୋନପୁର :** ଏବେ କରୋନା ର ଦ୍ୱିତିୟ ଲହର ର ସଂକ୍ରମଣ ବେଶ ବଢିଥିବା ବେଳେ ଓ ସମଗ୍ର ରାଜ୍ୟ ରେ ଏବେ ଲକଡାଉନ ଚାଲିଥିବା ବେଳେ ସୋନପୁର ଜିଲ୍ଲାରେ ଦିନକୁ ଦିନ ବେଆଇନ ଓ ନକଲି ମଦର ଆସର ଜମିଜମି ଚାଲୁଥିବା ଦେଖାଯାଇଛି । ଅନ୍ୟ ପକ୍ଷେ ଜିଲ୍ଲା ଅବକାରି ବିଭାଗ ନିରବ ଥିବା ବେଳେ ବାହାଘର, ବିଲବାଡି କାମ ହେଉ ବା ଦଶାହ କାର୍ଯ୍ୟକ୍ରମ ସବୁଥିରେ ମଦର ବନ୍ୟା ହେଉଥିବାର ଦେଖାଦେଉଛି। ଅନ୍ୟପଟେ ଅବକାରି ନିରିକ୍ଷକ ସାମୁଏଲ ଏକ୍କା ନିର୍ଦ୍ଦେଶକ୍ରମେ ଇନିସପେକ୍ଟର ରାଧାକାନ୍ତ ଭୋଇ ,ଏସ ଆଇ ଗୋବର୍ଦ୍ଧନ ରଣା,ଏସ ଆଇ ସୁଧିର ମିଶ୍ର ଓ ଅବକାରି ବିଭାଗ ର କର୍ମଚାରି ମାନେ ଟିମ ଗଠନ କରି ଚଢାଉ ଜାରି ରଖିଥିବା ସୁଚନା ମିଳିଛି । ତେବେ ଗତ ମାସ ରୁ ସମୁଦାୟ ୪୬ ଟି ମାମଲା ଅବକାରି ବିଭାଗ ତରଫରୁ ରୁଜୁ କରାଯାଇଥିବା ବେଳେ ୩୫ ଜଣଙ୍କୁ ଗିରଫ କରାଯାଇଥିବା ସୁଚନା ମିଳିଛି । ସେହିପରି ୩୬୭୦ କେଜି ମହୁଲ ପୋଚ ନଷ୍ଟ କାଯାଇଥିବା ବେଳେ ୨୪୨ ଲି ଦେଶି ଚୋରା ମଦ ଜବତ ହୋଇଛି ସେହିପରି ୨୩ ଲିଟର ଭାଟି ମଦ ,୨୦ ଲିଟର ଖଜୁରି ତାଡି ,୮.୪୬୦ ଲି ବିଦେଶି ମଦ,୧୨୧.୩୮୦ ଲିଟର ବିୟର ସହ ୦.୮୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବିଭାଗ ପକ୍ଷ ରୁ ସୁଚାନା ମିଳିଛି ଓ ପ୍ରତିଦିନ ଚଢାଉ ଜାରି ରହୁଛି ବୋଲି ସୁଚନା ମିଳିଛି । ତେବେ ଅନ୍ୟ ପଟେ ଚୋରା ମଦ କାରବାର ଜିଲ୍ଲା ରେ ବଢୁଥିବା ଏଠାରେ ଗୋଷ୍ଠି ସଂକ୍ରମଣ ହେବା କଥା କୁ ମଧ୍ୟ ଏଡାଇ ଦିଆଯାଇନ ପାରେ । ତେବେ ଜିଲ୍ଲା ରେ ମଦ, ଗଞ୍ଜେଇ,ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ର ବୃଦ୍ଧିକୁ ଚିନ୍ତାରେ ଜନ ସାଧାରଣ ରେ ଚର୍ଚ୍ଚା ହେବା ସହ ତୁରନ୍ତ ଏଥି ପ୍ରତି ଜିଲ୍ଲା ଅବକାରି ବିଭାଗ ଦୃଷ୍ଟି ଦେବାକୁ ସଚେତନ ମହଲ ରେ ଦାବି ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ଲାକ୍ ଫଙ୍ଗସ୍ ...

ଆଡମିଶନ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍ ରୋଗୀଙ୍କ ମଧ୍ୟରେ ବ୍ଲାକ ଫଙ୍ଗସ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ଏସ୍‌ସିବି ମେଡିକାଲ କଲେଜର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ନିରୁପମା ଚଇନି ଥିବା ବେଳେ ସଦସ୍ୟ ଆବାହକ ଭାବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ରହିଛନ୍ତି। ଏସ୍‌ସିବି ମେଡିକାଲ କଲେଜର ଅନ୍ୟ ୫ଜଣ ପ୍ରଫେସରଙ୍କୁ ଏହି କମିଟିର ସଦସ୍ୟ ରଖାଯାଇଛି। ଏହି କମିଟି ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହେଉଥିବା ବ୍ଲାକ ଫଙ୍ଗସ୍ ରୋଗୀଙ୍କୁ ତଦାରଖ କରିବା ସହ ଏହି ରୋଗକୁ ତୁରନ୍ତ ଚିହ୍ନଟ ଓ ନିରାକରଣ ପାଇଁ ଏକ ଗାଇଡଲାଇନ ପ୍ରସ୍ତୁତ କରିବ। ଏହାସହିତ ରାଜ୍ୟର ସମସ୍ତ ସରକାରୀ ମେଡିକାଲ ମଧ୍ୟ ଏକ ଏକ୍ସପର୍ଟ କମିଟି ଗଠନ କରିବେ। କମିଟିରେ ମେଡିସିନ୍ କିମ୍ବା ପଲମୋନାରୀ ମେଡିସିନ, ଡର୍ମଟୋଲୋଜି, ଇଏନଟି, ଓପଥୋମୋଲୋଜି ଓ ନ୍ୟୁରୋଲୋଜି ବିଭାଗର ଡାକ୍ତରଙ୍କୁ ସାମିଲ କରାଯିବ। ସେମାନେ ମିଳିତ ଭାବେ ଏହି ବ୍ଲାକ ଫଙ୍ଗସ୍ ରୋଗୀଙ୍କ ଚିହ୍ନଟ ଓ ଚିକିତ୍ସା କରିବେ। କରୋନାରୁ ସୁସ୍ଥ ହୋଇଥିବା ଓ ଆରଟିପିସିଆର ନେଗେଟିଭ୍ ଥିବା ରୋଗୀଙ୍କ ଚିକିତ୍ସା ପାଇଁ ଇଏନ୍‌ଟି ଓ ଓପଥୋମୋଲୋଜି ବିଭାଗରେ ଚିକିତ୍ସା ସୁବିଧା କରାଯିବ। ଯଦି କୋଭିଡ୍ ସକ୍ରିୟ ସଂକ୍ରମିତଙ୍କ ଶରୀରରେ ବ୍ଲାକ ଫଙ୍ଗସ ରୋଗ ଚିହ୍ନଟ ହୁଏ ତା’ହେଲେ ସମ୍ପୃକ୍ତ ରୋଗୀଙ୍କୁ ଇଏନ୍‌ଟି ଓ ଓପଥୋମୋଲୋଜି ଡାକ୍ତରଙ୍କ ସହଯୋଗରେ ଚିକିତ୍ସା କରାଯିବ। ସମସ୍ତ ସରକାରୀ, କର୍ପୋରେଟ, ମିଶିନାରୀ ଓ ଘରୋଇ ହସ୍ପିଟାଲ ଗୁଡିକ ଏହି ବ୍ଲାକ ଫଙ୍ଗସ ରୋଗୀଙ୍କ ଭର୍ତ୍ତି ହେବାର ସୂଚନା ଓ ରୋଗୀଙ୍କ ଇନଭେଷ୍ଟିଗେସନ ରେକର୍ଡକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ନିଶ୍ଚିତ ପଠାଇବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

### ନିଆଁ ଭଳି ...

ସଂକ୍ରମଣ ହାର ସମୁଦାୟ ନମୁନା ପରୀକ୍ଷଣର ୨୦ ପ୍ରତିଶତ ଉପରେ ରହୁଛି। ଏଣୁ ରାଜ୍ୟ ସରକାର ଆଗକୁ କଡ଼ା ଆଭିମୁଖ୍ୟ ନେଇପାରନ୍ତି, ଅର୍ଥାତ୍ ଲକଡାଉନ ଆସନ୍ତା ଦିନରେ ଅଧିକ କଠୋର ହୋଇପାରେ। ରାଜ୍ୟ ସରକାରାଙ୍କ କୋଭିଡ୍ ଡ୍ୟାଶ୍ ବୋର୍ଡ଼ରେ ଦିଆଯାଇଥିବା ତଥ୍ୟ ଅନୁସାରେ ମେ ୧୫ରେ ୧୧ ହଜାର ୮୦୫ ପଜିଟିଭ୍, ମେ’ ୧୪ରେ ୧୨,୩୯୦ ପଜିଟିଭ୍, ମେ’ ୧୩ରେ ୧୦ ହଜାର ୬୪୯ ପଜିଟିଭ୍ ଚିହ୍ନଟ କରାଯାଇଥିଲା। ସେହିପରି ମେ ୧୨ ତାରିଖ ଦିନ ରାଜ୍ୟରେ ୫୧ ହଜାର ୪୫୧ଜଣଙ୍କ ନମୁନା ପରୀକ୍ଷଣ କରାଯାଇଥିଲା। ଏଥିରୁ ୧୦ହଜାର ୯୮୨ ଜଣ ପଜିଟିଭ୍ ଚିହ୍ନଟ ହୋଇଚନ୍ତି। ଅର୍ଥାତ୍ ଏହିଦିନ ପଜିଟିଭ୍ ହାର ୨୦.୬ ପ୍ରତିଶତ ରେକର୍ଡ଼ କରାଯାଇଛି। ଠିକ୍ ସେହିପରି ଲକଡାଉନ ଆରମ୍ଭ ଦିନର ତଥ୍ୟକୁ ଯଦି ଆକଳନ କରାଯାଏ ତେବେ ମେ ୫ ତାରିଖ ଦିନ ସମୁଦାୟ ସଂକ୍ରମଣ ହାର ଥିଲା ୨୧.୭ ପ୍ରତିଶତ। ଏହିଦିନ ବି ୧୮ହଜାର ୩୧୪ ନମୁନା ପରୀକ୍ଷଣ କରାଯାଇଥିଲା। ସେଥିରୁ ୧୦ହଜାର ୫୫୧ଜଣ କୋଭିଡ୍ ସଂକ୍ରମିତ ହୋଇଥିବା ଦର୍ଶାଯାଇଛି। ଏହି ସାତ ଦିନ ଭିତରେ ଯେତେବେଳେ ନମୁନା ପରୀକ୍ଷଣ ସଂଖ୍ୟା ବଢ଼ାଯାଉଛି ଯେତେବେଳେ ଅଧିକ ସଂଖ୍ୟାରେ ପଜିଟିଭ୍ ରୋଗୀଙ୍କୁ ଚିହ୍ନିଟ କରାଯାଉଥିବା ବେଳେ ଯେଉଁଦିନ କମ୍ ସଂଖ୍ୟାରେ ନମୁନା ପରୀକ୍ଷଣ କରାଯାଉଛି ସେଦିନ ପଜିଟିଭ୍ ସଂଖ୍ୟା ମଧ୍ୟ କମିଥିବା ଲକ୍ଷ୍ୟ କରାଯାଉଛି। ଗଲା ସାତଦିନର ତଥ୍ୟକୁ ସମୀକ୍ଷା କଲେ ଜଣାଯାଏ ଯେ, ୬ ତାରିଖ ଦିନ ସବୁଠାରୁ ଅଧିକ ପଜିଟିଭ୍ ହାର ଲକ୍ଷ୍ୟ କରାଯାଇଛି। ଏହିଦିନ ରାଜ୍ୟରେ ସର୍ବାଧିକ କୋଭିଡ୍ ପଜିଟଭ୍ ହାର ୨୪.୯ ପ୍ରତିଶତ ରହିଥିବା ବେଳେ ୭ ତାରିଖ ଦିନ ପଜିଟିଭ୍ ହାର ୨୩.୩ ପ୍ରତିଶତ ରହିଥିଲ। ସେହିପରି ୮ ତାରିଖ ଦିନ ସଂକ୍ରମଣ ପଜିଟିଭ୍ ହାର ୨୧.୮ ପ୍ରତିଶତ, ୯ ତାରିଖରେ ୨୦.୭୩, ୧୦ ତାରିଖ ଦିନ ୨୧.୧ ପ୍ରତିଶତ ପଜିଟିଭ୍ ହାର ରେକର୍ଡ଼ କରାଯାଇଥିଲା। ପୁଣି ଏହି କୋଭିଡ୍ ଡ୍ୟାଶ୍ ବୋର୍ଡ ତଥ୍ୟ ଅନୁସାରେ ଗଲା ଦୁଇମାସ ଭିତରେ ସଂକ୍ରମଣ ପଜିଟିଭ୍ ହାର ୯୦ ପ୍ରତିଶତରୁ ଅଧିକ ହୋଇଛି। ମାର୍ଚ୍ଚ ଆଠ ତାରିଖରେ ରାଜ୍ୟରେ ସମୁଦାୟ ୨୦ ହଜାର ୮୧ଟି ସାମ୍ପଲ୍ ପରୀକ୍ଷା ହୋଇଥିଲା। ହେଲେ ସେଥିରେ ପଜିଟିଭ୍ ଥିଲେ ମାତ୍ର ୫୭ ଜଣ। ଅର୍ଥାତ୍ ପଜିଟିଭ୍ ହାର ଥିଲା ୦.୨୮ ପ୍ରତିଶତ। ଏକ ମାସ ପରେ ଅର୍ଥାତ୍ ଏପ୍ରିଲ୍ ୮ ତାରିଖରେ ଏହି ସଂକ୍ରମଣ ହାର ୪.୪ ପ୍ରତିଶତ ହେଲା। ମେ ମାସ ୭ ତାରିଖକୁ ଏହି ପରିସଂଖ୍ୟାନ ସର୍ବକାଳୀନ ରେକର୍ଡ଼ ହୋଇଛି। ଯଦିଓ ରାଜ୍ୟ ସରକାର ଦୁଇଦିନ ହେଲା ଲକ୍‌ଡାଉନ ଲାଗୁ କରିଛନ୍ତି କିନ୍ତୁ ପଜିଟିଭ୍ ସଂକ୍ରମଣ ହାର ଉପରେ ଏହାର କୌଣସି ସୁପ୍ରଭାବ ଏଯାଏ ଲକ୍ଷ୍ୟ କରାଯାଇ ନାହିଁ। ଓଡ଼ିଶାରେ ବଢୁଥିବା କୋଭିଡ୍ ସଂକ୍ରମଣକୁ ଆଖିରେ ରଖି କୋଭିଡ୍ ଚିକିତ୍ସା କେନ୍ଦ୍ରର ସଂଖ୍ୟା ବୃଦ୍ଧି କରିବା ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି। ଭୁବନେଶ୍ୱର ସମେତ ଅନ୍ୟ ମ୍ୟୁନିସିପାଲ୍ କର୍ପୋରେସନ୍ ଅଞ୍ଚଳରେ ସରକାର ଟିକାକରଣକୁ ଗୁରୁତ୍ୱ ଦେଇଛନ୍ତି। ଏହା ସହ ରାଜ୍ୟକୁ କିପରି ଅଧିକ ଟିକା ଆସିପାରିବ ସେଥିଲାଗି ଅନ୍ତର୍ଜାତୀୟ ବଜାରରୁ ଟିକା କିଣିବାକୁ ଗ୍ଲୋବାଲ୍ ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏସବୁ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ କରୋନା ସଂକ୍ରମଣର ଶୃଙ୍ଖଳକୁ ଭଙ୍ଗ କରିବା ନିହାତି ଆବଶ୍ୟକ ହେଉଥିବାରୁ ନିଆଯାଇଛି ୧୪ ଦିନିଆ ଲକ୍‌ଡାଉନ୍ ପଦକ୍ଷେପ। ଏହି ଲକ୍‌ଡାଉନ୍‌ରେ ଲୋକଙ୍କ ସୁବିଧା ପାଇଁ ସକାଳ ୬ଟାରୁ ଦିନ ୧୨ଟା ଯାଏ କୋହଳ ଦିଆଯାଇଛି। ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲାଗି ଏହା ଉଦ୍ଦିଷ୍ଟ ଥିଲେ ମଧ୍ୟ ଯେଉଁ ଭାବରେ ଲୋକେ ସମସ୍ତ ନିୟମକୁ ଫୁ’ କରୁଛନ୍ତି ତାହା ଏବେ ସଂକ୍ରମଣ ସ୍ଥିତିକୁ ତଳକୁ ଖସାଇବାକୁ ଦେଉ ନାହିଁ। ଏହିପରି ପରିସ୍ଥିତିକୁ ଆୟତ୍ତ କରିବା ଲାଗି ଆହୁରି ଶକ୍ତ ପଦକ୍ଷେପ ନେବାକୁ କିଛି ବୁଦ୍ଧିଜୀବୀ ସରକାରଙ୍କୁ ସୋସିଆଲ୍ ମିଡିଆରେ ପରାମର୍ଶ ଦେଇଛନ୍ତି।

### ଋଷୀଙ୍କ ତ୍ୟାଗର ...

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ମୋ ରାଜ୍ୟର ଚାଷୀ ଭଲରେ ରହୁ। ତାର ରୋଜଗାର ବଢୁ ତା ପରିବାରରେ ସମୃଦ୍ଧି ଆସୁ। ଏଥିପାଇଁ ମୁଁ କାମ କରୁଛି ଓ କରିଚାଲିବି। କୋଭିଡ୍ ସମ୍ପର୍କରେ ସଚେତନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏବେ ଆମେ କୋଭିଡ୍ ସଂକ୍ରମଣର ଦ୍ୱିତୀୟ ଲହରର ସାମନା କରୁଛେ। ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଲକଡାଉନ ଚାଲିଛି। କିନ୍ତୁ କୃଷି କ୍ଷେତ୍ର ପାଇଁ କୌଣସି ଲକଡାଉନ ନାହିଁ। ତେଣୁ ଚାଷୀ ଭାଇମାନେ କୋଭିଡ୍ ନିୟମ ମାନି ଚାଷ କାମ ଜାରି ରଖିବା ସହିତ ସରକାରଙ୍କ ବିଭିନ୍ନ କୃଷି ବିକାଶ ଯୋଜନାର ସୁଯୋଗ ମଧ୍ୟ ନେବା ପାଇଁ ସେ ଆହ୍ୱାନ ଜଣାଇଥିଲେ। ଶେଷରେ ଚଳିତବର୍ଷ ପାଇଁ ଭଲ ପାଗ, ଭଲ ଫସଲ ଓ ଚାଷୀ ପରିବାରର ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ସରକାରଙ୍କ କୋଭିଡ୍ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ସମସ୍ତଙ୍କୁ ପୁଣିଥରେ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ, କାଳିଆ ଯୋଜନା ରାଜ୍ୟ ସରକାରଙ୍କ ଶ୍ରେଷ୍ଠ କୃଷି କଲ୍ୟାଣ ଯୋଜନା। ଏହି ଯୋଜନାରେ ଲକ୍ଷ ଲକ୍ଷ ଚାଷୀ, ନାମ ମାତ୍ର ଚାଷୀ ଓ ଭୂମିହୀନ ଚାଷୀ ପରିବାର ଉପକାର ପାଉଛନ୍ତି। କାଳିଆ ସହାୟତାରେ ଚାଷୀ କୃଷି ସାମଗ୍ରୀ କିଣିବା ବେଳେ ଭୂମି ହୀନ ଚାଷୀ ଛେଳି କୁକୁଡା ବତକ ପାଳନ ଆଦିରେ ବିନିଯୋଗ କରି ତା ପରିବାରର ରୋଜଗାର ବଢ଼ାଇଥାଏ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, କାଳିଆ ଯୋଜନା କିପରି କୋଭିଡ ସମୟରେ ଚାଷୀ ପରିବାର ପାଇଁ ଉପାଦେୟ ସାବ୍ୟସ୍ତ ହୋଇପାରିଛି ତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୯.୫ କୋଟିରୁ ଉର୍ଦ୍ଧ୍ୱ ...

ଯିଏକି ବାରମ୍ବାର ରୂପ ବଦଳାଉଛି ବୋଲି ମୋଦି କହିଛନ୍ତି। ଭିଡିଓ କନଫରେନସିଂ ଜରିଆରେ ଚାଷୀଙ୍କୁ ଉଦ୍‌ବୋଧନ କରିବା ବେଳେ ମୋଦି କହିଛନ୍ତି, ‘କୋଭିଡ ଦ୍ୱାରା ପ୍ରଭାବିତ ଲୋକଙ୍କ ଯନ୍ତ୍ରଣାକୁ ମୁଁ ମଧ୍ୟ ଅନୁଭବ କରୁଛି। ଆମେ ଏକ ଅଦୃଶ୍ୟ ଶତ୍ରୁକୁ ସାମ୍ନା କରୁଛୁ। ଏହି କରୋନା ପାଇଁ ଆମେ ନିଜ ଲୋକଙ୍କୁ ହରାଇଛୁ। ନାଗରିକମାନେ ଯେଉଁ ଭଳି ଯନ୍ତ୍ରଣା ଅନୁଭବ କରିଛନ୍ତି, ଜଣେ ପ୍ରଧାନସେବକ ଭାବରେ ମୁଁ ମଧ୍ୟ ସମାନ ଯନ୍ତ୍ରଣା ଅନୁଭବ କରୁଛି’। ସେ କହିଛନ୍ତି ଯେ ଏହି ଭାଇରସ ଅନେକ ମ୍ୟୁଟାଣ୍ଟ ଜୀବାଣୁ ସୃଷ୍ଟି କରିଛି। ଯେଉଁଥିପାଇଁ କରୋନାର ଦ୍ୱିତୀୟ ଲହର ଏପରି ଭୟଙ୍କର ରୂପ ନେଇଛି। ପ୍ରାୟ ୧୮ କୋଟି ଟିକା ନେଇଛନ୍ତି। ଦେଶର ସରକାରୀ ମେଡିକାଲରେ ମାଗଣା ଟିକା ଦିଆଯାଉଛି। ତେଣୁ ସମସ୍ତେ ଟିକା ନେବା ଦରକାର। ଏହି ଟିକା ହିଁ ଆମକୁ କରୋନାରୁ ସୁରକ୍ଷା ଦେଇପାରିବ। ତେଣୁ ସମସ୍ତେ ଟିକା ନେବା ଦରକାର। ଆଉ ଏହି ସମୟରେ ମାସ୍କ ଏବଂ ସାମଜିକ ଦୂରତା ଅବଲମ୍ବନ କରିବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଡିସେମ୍ବର ସୁଦ୍ଧା ...

କମ୍ପାନୀ ଟିକା ଭାରତକୁ ମିଳିବ। ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ୭୫ କୋଟି କୋଭିସିଲ୍ଡ ଉତ୍ପାଦନ ହେବ। ସେହିପରି କୋଭାକ୍ସିନ ଟିକା ୫୫ କୋଟି, ବାୟୋ ଇ-ଟିକା ୩୦ କୋଟି, ଜାଇଡସ୍ କାଡିଲା ଟିକା ୫ କୋଟି, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ନୋଭାଭାକ୍ସ ୨୦ କୋଟି ଉପଲବ୍ଧ ହେବ ବୋଲଇ ଆକଳନ କରାଯାଇଛି। ଏହାବାଦ ବିବି ନାଜାଲ ଟିକା ୧୦ କୋଟି ଓ ଜେନୋଭା ଟିକା ୬ କୋଟି ଉପଲବ୍ଧ ହେବ। ଋଷ ଟିକା ସ୍ପୁଟନିକ୍-ଭି ମଧ୍ୟ ୧୫.୬ କୋଟି ଉପଲବ୍ଧ ହେବ ବୋଲି ସେ କହିଛନ୍ତି। ଯେଉଁ କମ୍ପାନୀମାନେ କୋଭାକ୍ସିନ ଟିକା ଉତ୍ପାଦନ କରିବାକୁ ଚାହୁଁଛନ୍ତି, ସେମାନେ ଏକାଠି ହୁଅନ୍ତୁ। ସରକାର ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ସବୁ ପ୍ରକାରର ସହାୟତା ଯୋଗାଇ ଦେବେ। କୋଭାକ୍ସିନ ଟିକା ଉତ୍ପାଦନ କରିବାକୁ ଚାହୁଁଥିବା କମ୍ପାନୀ ଗୁଡିକୁ ଆମେ ସ୍ୱାଗତ କରିବୁ। ଏବେ ଅନେକ କମ୍ପାନୀଙ୍କ ପାଖରେ କୋଭାକ୍ସିନ ଟିକା ପ୍ରସ୍ତୁତ କରିବାକୁ ଲ୍ୟାବ ନାହିଁ। ତଥାପି ଯେଉଁମାନଙ୍କର ଲ୍ୟାବ ଅଛି, ସେମାନେ ଆଗକୁ ଆସନ୍ତୁ। ରାଜ୍ୟ ଗୁଡିକ ଚାହିଦା ପୂରଣ କରିବାକୁ ଟିକା ପଲିସିରେ ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ୩୫.୬ କୋଟି ଟିକାର ଡୋଜ୍ କ୍ରୟ କରିଥିବା ବେଳେ ଅତିରିକ୍ତ ୧୬ କୋଟି ଡୋଜ୍ ପାଇପ ଲାଇନରେ ଅଛି। ଏହାକୁ ରାଜ୍ୟ ଓ ଘରୋଇ ହସ୍ପିଟାଲ ସିଧାସଳଖ କିଣିପାରିବେ ବୋଲି ସେ କହିଛନ୍ତି। ଋଷ ଟିକା ସ୍ପୁଟନିକ୍-ଭି’ ସମ୍ପର୍କରେ ଭିକେ ପଲ କହିଛନ୍ତି, ଋଷ ଟିକା ସ୍ପୁଟନିକ୍-ଭି’ ଭାରତକୁ ଆସି ସାରିଛି। ଆମର ଆଶା ଆସନ୍ତା ସପ୍ତାହରେ ସ୍ପୁଟନିକ୍-ଭି’ ଟିକା ମାର୍କେଟରେ ମିଳିବ। ଋଷରୁ ଆସୁଥିବା ସୀମିତ ସଂଖ୍ୟକ ଟିକା ମାର୍କେଟରେ ମିଳିବାର ସମ୍ଭାବନା ରହିଛି। ଜୁଲାଇ ମାସରୁ ଭାରତରେ ସ୍ପୁଟନିକ୍-ଭି’ ଉତ୍ପାଦନ ହେବ। ଉତ୍ପାଦନ ଆରମ୍ଭ ହେଲେ ୧୫.୬ କୋଟି ଡୋଜ୍ ଟିକା ମିଳିପାରିବ ବୋଲି ସେ କହିଛନ୍ତି।

### ଗଳିକନ୍ଦିରେ ମଦ ...

ଗହଳିମାନଙ୍କରେ ବେପାର ବେଶ୍ ଜମିଯାଇଛି । ସେଥିପାଇଁ ଉକ୍ତ ସ୍ଥାନମାନଙ୍କରେ ଗହଳି ହେବାଯୋଗୁଁ କରୋନା ତା’ର କାୟା ବିସ୍ତାର କରିଚାଲିଛି । ଜିଲ୍ଲାପ୍ରଶାସନ ପକ୍ଷରୁ କଟକଣାରେ କୋହଳ କରାଯାଉଥିବାରୁ ଅମାନିଆଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଗାମୀ ଦିନରେ ଜଗତ୍‌ସିଂହପୁର ଜିଲ୍ଲାର ଗ୍ରାମ ଗୁଡିକ ହଟସ୍ପଟ୍ କେନ୍ଦ୍ରରେ ପରିଣତ ହେବାକୁ ବସିଲାଣି । ସରକାରଙ୍କ ଲକ୍‌ଡାଉନକୁ ନମାନି ମେଡିସିନ୍, ଅତ୍ୟାବଶକୀୟ ସାମଗ୍ରି ଓ ଡାକ୍ତରଖାନା ଯିବାର ଏକ ବାହାନ ଦେଖାଇ ଅମାନିଆମାନେ ଗାଡି ଧରି ଭିଡ ଜମାଉଛନ୍ତି । ବିଶେଷ କରି ସରକାରୀ କଣ୍ଟ୍ରୋଲ ଦୋକାନ ମାନଙ୍କରେ କଣ୍ଟ୍ରୋଲ ସାମଗ୍ରୀ ନେବାରେ ସାମାଜିକ ଦୂରତା ରକ୍ଷା କରାଯାଉ ନଥିବା ବେଳେ ବିଭିନ୍ନ ଗ୍ରୋସରୀ ସାମଗ୍ରୀ କିଣିବା ବେଳେ ମଧ୍ୟ ଦୋକାନ ମାନଙ୍କରେ ସାମାଜିକ ଦୂରତା ରହୁନାହିଁ । ବହୁ ସ୍ଥାନରେ ଅମାନିଆମାନଙ୍କୁ ସାବାଡ କରିବା ପାଇଁ ଚେକିଂ ହେଉନାହିଁ କି ଜରୁରୀ କାମ ନଥାଇ ବିନା ମାସ୍କରେ ବାଇକ୍ ଓ ଚାରିଚକିଆ ଯାନରେ ଖୁଲମ୍‌ଖୁଲା ଭାବେ ଯାତାୟତ କରୁଛନ୍ତି । ସରକାରଙ୍କ ନିର୍ଦ୍ଦେଶ ନାମା ଅନୁଯାୟୀ ୩ ରୁ ୪ଜଣ ଲୋକ ଏକାଠି ମେଳ ନହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ବି କଟକଣା କେହି ମାନିବାକୁ ପ୍ରସ୍ତୁତ ନଥିବା ଭଳି ପ୍ରତୀୟମାନ ହେଉଛି । ଏଥିପାଇଁ ପୋଲିସ୍ ଓ ତହସିଲ କର୍ତ୍ତୃପକ୍ଷମାନେ ଗୁରୁତ୍ୱ ଦେଇ ଅମାନିଆ ମାନଙ୍କୁ ସାବାଡ କରିବା ପାଇଁ ସାଧାରଣରେ ଦୃଢ଼ ଦାବୀ ହେଉଛି ।

# ରଘୁନାଥପୁର ତହସିଲଦାରଙ୍କ ହଠାତ୍ ବଦଳିକୁ ନେଇ ସାଧାରଣରେ ଅସନ୍ତୋଷ



**ଜଗତ୍‌ସିଂହପୁର :** ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଚିଠି ସଂଖ୍ୟା ୮୦୦୭, ତା୦୭.୦୫.୨୦୨୧ରିଖରେ ୩୯ଜଣ ଓଏସ ଅଫିସରମାନଙ୍କ ଯେଉଁ ବଦଳି କରିଛନ୍ତି ସେଥିରେ ରଘୁନାଥପୁର ତହସିଲଦାର ସୁଶ୍ରୀ ରୂପାଲିକା ଦାଶଙ୍କ ହଠାତ୍ ବଦଳିକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପାଉଛି । ଏପରିକି ବଦଳି ତାଲିକାରେ ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ତହସିଲ ସ୍ଥାନରେ ରଘୁନାଥପଲ୍ଲୀ ବୋଲି ରହିଥିବା କଥାକୁ ନେଇ ରଘୁନାଥପୁର ବାସୀମାନଙ୍କ ପକ୍ଷରୁ ଘୋର ନିନ୍ଦା କରାଯାଇଛି । ମାତ୍ର ୧ବର୍ଷ ଧରି ସେ ଏଠାରେ କାର୍ଯ୍ୟ କରୁଥିବା ବେଳେ କୋଭିଡ୍ କଟକଣା ହେଉ ବା ବାଲି ମାଫିଆ ମାନଙ୍କୁ ସାବାଡ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ସ୍କୁଲ, କଲେଜ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସାର୍ଟିଫିକେଟ୍ ପ୍ରଦାନ କରିବାରେ ବିଳମ୍ବ ହେଉଥିଲେ ସେ କର୍ମଚାରୀମାନଙ୍କ ଉପରେ ବି ଅସନ୍ତୋଷ ପ୍ରକାଶ କରୁଥିଲେ । ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ ଦୀର୍ଘ ୬ମାସ ଧରି ଅତିରିକ୍ତ ତହସିଲଦାର ପଦବୀ ପୂରଣ ହୋଇପାରୁନଥିବା ବେଳେ ସେ ସମସ୍ତ ତହସିଲର କାର୍ଯ୍ୟ ନିଜ ତଦାରଖରେ ସୁଚାରୁରୂପେ କରୁଥିଲେ । କେବଳ ଏତିକି ନୁହେଁ ସେ ମଧ୍ୟ ରଘୁନାଥପୁର ସବ୍‌ରେଜିଷ୍ଟ୍ରାର ପଦବୀର ଅତିରିକ୍ତ ଭାର ନିଜ କାନ୍ଧରେ ବହନ କରି ନିଜ କାର୍ଯ୍ୟ ଦକ୍ଷତାର ସହିତ କରିଆସୁଥିଲେ । ତିନି ତିନୋଟି ବିଭାଗର ଦାୟିତ୍ୱରେ ଥାଇ ମଧ୍ୟ ତାଙ୍କ ସମୟରେ କୌଣସି କାର୍ଯ୍ୟ ବିଳମ୍ବ ହେଉନଥିଲା । ହଠାତ୍ ତାଙ୍କର ଏପରି ବଦଳୀକୁ ନେଇ ବୁଦ୍ଧିଜୀବୀ, ଆଇନିଜୀବୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ସୁଶ୍ରୀ ଦାଶଙ୍କ ବଦଳି ପରେ ଯାହାଙ୍କୁ ରଘୁନାଥପୁରେ ତହସିଲ୍‌ରେ ନିଯୁକ୍ତି ପ୍ରଦାନ କରାଯାଇଛି ସେ ତିନି ତିନୋଟି ବିଭାଗ ସମ୍ଭାଳି ପାରିବେ କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମ୍ବଲପୁର ଜିଲ୍ଲାରେ ନୂଆ ଟ୍ରେନିଂ ଦାୟିତ୍ୱରେ ଥିବା ବେଳେ ତହସିଲ ସମ୍ପର୍କରେ ଆଦୌ ଅବଗତ ନାହାଁନ୍ତି ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଛି। ଆଜି ଆମ ଜିଲ୍ଲାର ପୁଅ ତଥା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିପ୍ରତି ଗୁରୁତ୍ୱ ଦେଇ ଓ କୋଭିଡ୍ ମହାମାରୀ କଟକଣାକୁ ଲକ୍ଷ ରଖି ସୁଶ୍ରୀ ଦାଶଙ୍କୁ ରିଲିଭ୍ ନକରିବାକୁ ସାଧାରଣରେ ଦାବି ହେଉଛି ।

# ଗାଁ ମୁହାଁ ପ୍ରବାସୀଙ୍କୁ କାବୁ କଲେ ସ୍ଥାନୀୟ ପ୍ରଶାସନ

**ନରସିଂହପୁର :** ସାରା ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁଦିନ ବଢିବାରେ ଲାଗିଥିବା ବେଳେ ଏହି ବ୍ଲକ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବା ଦ୍ୱାରା ପ୍ରଶାସନର ଚିନ୍ତାର ବିଷୟ ପାଲଟିଛି। ନରସିଂହପୁର ପଶ୍ଚିମାଞ୍ଚଳର ବହୁ ଯୁବପିଢି ଓ ଅନ୍ୟମାନେ ବାହାର ରାଜ୍ୟରେ କାମ କରିବାକୁ ଯାଇ ଲକଡାଉନ ଘୋଷଣା ହେବା ଯୋଗୁଁ ଲୁଚିଛପି ବିଭିନ୍ନ ଗାଡି ଓ ଚାଲିଚାଲି ଗାଁ ମୁହାଁ ହୋଇଛନ୍ତି ।ବୁଧବାର ସକାଳୁ ଆନ୍ଧ୍ର ଅଞ୍ଚଳରୁ ୪ଟି ଚାରି ଚକିଆ ଯାନରେ ୬୦ରୁ୭୦ଜଣ ପ୍ରବାସୀ ଏବଂ ଚାଲିଚାଲି ଆସୁଥିବା ୧୦ରୁ ଉର୍ଦ୍ଧ୍ୱ ପ୍ରବାସୀ ନିଜ ଗାଁ କୁ ଫେରୁଥିଲେ। ବିଡିଓ ପ୍ରଦୀପ କୁମାର ସାହୁ, ତହସିଲାଦାର ଆଲୋକ କୁମାର ଦେହୁରୀ ଏକ ବିଶେଷ ସୂତ୍ରରୁ ଖବର ପାଇ ରେଗେଡା ଅଞ୍ଚଳକୁ ଯାଇଥିଲେ। ପୁଲିସ ପ୍ରଶାସନକୁ ତାଗିଦ୍ ସତ୍ତ୍ୱେ ସହଯୋଗରେ ବିଳମ୍ବକୁ ନେଇ ପ୍ରଶାସନୀକ ସ୍ତରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁ ବିଳମ୍ବରେ ଉକ୍ତ ୮୦ଜଣ ଏବଂ ଅନ୍ୟ ୧୦ଜଣ ପ୍ରବାସୀଙ୍କୁ କାବୁ କରି ନରସିଂହପୁର ସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ଅଣାଯାଇଥିଲା। ପ୍ରଶାସନୀକ ସ୍ତରରେ ସମସ୍ତ ପ୍ରକାର ସାହାର୍ଯ୍ୟ ସହଯୋଗ ପ୍ରଦାନ କରାଯାଇ ପ୍ରବାସୀ ମାନଙ୍କୁ ରଖାଯାଇଛି। ଦୁଇ ଦିନ ଭିତରେ ସେମାନଙ୍କର କରୋନା ପରୀକ୍ଷଣ ପରେ ଯେଉଁମାନଙ୍କର ପଜିଟିଭ ବାହାରିବ ସେମାନଙ୍କୁ ରଖାଯାଇ ଅନ୍ୟମାନଙ୍କୁ ଘରୋଇ ସଙ୍ଗରୋଧ କେନ୍ଦ୍ରରେ ରଖାଯିବ ବୋଲି ଜଣାପଡିଛି। ବର୍ତ୍ତମାନ ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ଘୁ ଘୁ ହୋଇ ବଢୁଥିବା ବେଳେ ବହୁ ଗ୍ରାମାଞ୍ଚଳକୁ ପ୍ରବାସୀମାନେ ଲୁଚି ପଳାଇ ଆସି ରହୁଥିବା ଜଣାପଡିଛି। ତେବେ ଏଥିପ୍ରତି ସ୍ଥାନୀୟ ଜନସାଧାରଣ ସଚେତନ ରହିଲେ ହିଁ ଏ ଅଞ୍ଚଳରୁ କରୋନାର ପ୍ରକୋପ କମିପାରିବ ବୋଲି ବିଡିଓ ଶ୍ରୀ ସାହୁ କହିଛନ୍ତି। ଯେ କୌଣସି ମୁହୂର୍ତ୍ତରେ ଗ୍ରାମକୁ ପ୍ରବାସୀ ଆସିଲା ମାତ୍ରେ ତୁରନ୍ତ ସ୍ଥାନୀୟ ଜନପ୍ରତିନିଧି ନଚେତ ବ୍ଲକ ପ୍ରଶାସନ କୁ ଜଣାଇବା ପାଇଁ ବିଡିଓ ଶ୍ରୀ ସାହୁ ନିବେଦନ କରିଛନ୍ତି।

# ଜ୍ଞାନୀ ଜୈଲ ସିଂହ



ଅକ୍ଷୟ କୁମାର ରାଉତ

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ, ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ, ନାଟ୍ୟକାର, ଦାର୍ଶନିକ, ବୈଜ୍ଞାନିକ, ଜନସେବକ ଓ ରାଜନେତାଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ। ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡରେ ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇ କିଷାନ ସିଂହ ଓ ବିବି ଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲ ସିଂହ। ଅଳ୍ପ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା



କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ। ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ। ବାପା ମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା। ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ। ପାଂଚବର୍ଷ ବୟସରେ ସେ ଗୁରୁଗ୍ରନ୍ଥ ସାହେବ ପଢିବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ। ଶିଖ୍ ଧର୍ମ ଉପରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ ସିଂହ ଭାବରେ ପରିଗଣିତ ହେଲେ। ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଧୁ ଭାଷା ଶିକ୍ଷାକରି ସ୍ମୃତି ଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢି ବହୁ ଜ୍ଞାନ ଅର୍ଜନ କଲେ। ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟ ଗ୍ରନ୍ଥ ଅଧ୍ୟୟନ କରନ୍ତି। ୧୨ବର୍ଷ ବୟସରେ ଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପିତା ଭାଇ କିଷାନ ସିଂହ ଗ୍ରନ୍ଥ ସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ



ସରଣାପନ୍ନ ହେଲେ। ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା। ଜ୍ଞାନୀ କିର୍ତନ କରୁକରୁ ଦେଶ ସେବାରେ ମନଦେଲେ। ତାଙ୍କ ଉପରେ ଭଗତସିଂ ଓ ସନ୍ଥ ଅମର ସିଂହ ତେଗଙ୍କର ପ୍ରଭାବ ପଡିଥିଲା। ସନ୍ଥ ଅମର ସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶ ପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ। ଏହିସମୟରେ ସେ ବିବି ପ୍ରଧାନ କାଉରଙ୍କୁ ସହଧର୍ମଣୀ ଭାବରେ ଗ୍ରହଣ କଲେ। ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କ ସଭାର ଆୟୋଜନ କରାଗଲା। ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକତତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ।

ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ। ତାଙ୍କ ସହିତ ସର୍ଦ୍ଦାରଜଙ୍ଗ ସିଂହ, ମଣି ସିଂ ୱାଲା ଗିରଫ ହୋଇ ଫରିଦ୍ କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ। ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷାକଲେ। ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠି ଲେଖି ଧରାପଡି ଦଣ୍ଡପାଇଲେ। ମା ପୁଅକୁ ଦେଖା କରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହାବାଡର ପ୍ରତିବନ୍ଧକ ଯୋଗୁ। ଜେଲରେ ଥିବା ସମୟରେ ସେ ପାଳିତ ମା'ଙ୍କୁ ହରାଇଲେ। ଜେଲରୁ ମୁକୁଳା ପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦା ବିଭାଗର କଡା ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ। ଅକାଳୀ ଦଳର ମୁଖିଆ ତାରା ସିଂଙ୍କୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ ଯୋଗଦେଇ ମାସିକ ୧୬ ଟଙ୍କା ଭତାରେ ରହିଲେ। କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନୀଜି ହୋସିଆରପୁର ଶିଖ୍ ସଂଘ ସେବାରେ କାର୍ଯ୍ୟ କଲେ। ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲୋକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁଥାଏ। ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଟ ସମ୍ପର୍କ ରକ୍ଷାକଲେ।

ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ର, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ। ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେ ଟଙ୍କା ଧାର କରି ଦିଲ୍ଲୀ ଗଲେ । ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖା କରି ନ ପାରିବାରୁ ଭୋକ ଉପାସରେ ଅପେକ୍ଷାକଲେ। ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରିମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ଜ୍ଞାନୀ ସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱ ମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣକଲେ। ପରେ ପରେ ଦୁଇବର୍ଷ ପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ। ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ। ରାଜ୍ୟସଭାର ସଭ୍ୟ ଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ। ୧୯୭୧ ମସିହାଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରିହେଲା। ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା। ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା। ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ। ସେ ହେଲେ ମୁଖ୍ୟମନ୍ତ୍ରୀ। ତାଙ୍କର ଶାସନ କାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ।

ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣକଲେ। ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ପରବର୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶକଲା। ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକ ମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକ ମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ। ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶରେ 'ବ୍ଲୁଷ୍ଟାର ଅପରେସନ' କରାଗଲା। ସ୍ୱର୍ଣ୍ଣମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା।

୧୯୯୪ ମସିହା ନଭେମ୍ବର ମାସ ୨୯ତରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ। ହଠାତ ରୋପଡ୍ ଜିଲ୍ଲାର ବୁଙ୍ଗାସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କା ଲାଗିଲା, ସେ ଗୁରୁତର ଆହତ ହେଲେ। ଦୀର୍ଘ ୨୭ ଦିନ ଧରି ମୃତ୍ୟୁସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ।



ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକରଛାୟା ଖେଳିଗଲା। କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣାକଲେ। ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା। ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶର ଚାରିଆଡେ" ଜୈଲସିଂହ ଅମରରହେ" ମୁଖରିତ ହେଲା।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# କାଗଜ କଲମରେ ସୀମିତ ଭଦ୍ରକ ଆଦର୍ଶ ଷ୍ଟେସନ

**ଭଦ୍ରକ,(ବିକାଶ କୁମାର ଧଳ):** ପୂର୍ବତଟ ରେଳ ଡିଭିଜନ ଅଧୀନରେ ଭଦ୍ରକ ଷ୍ଟେସନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଦର୍ଶ ଷ୍ଟେସନ ଭାବେ ଏହା 'ଏ' ଶ୍ରେଣୀର ମାନ୍ୟତା ପାଇଛି। ଏହି ଷ୍ଟେସନରୁ ଯାତ୍ରୀ ଓ ମାଲ ପରିବହନ ବାବଦରେ ଦୈନିକ ୧ କୋଟିରୁ ଅଧିକ ଟଙ୍କା ରେଳ ବିଭାଗ ଆୟ କରୁଛି। କିନ୍ତୁ ସେହି ଅନୁପାତରେ ରେଳ ବିଭାଗ ଉକ୍ତ ଷ୍ଟେସନର ଉନ୍ନତିକରଣ ସହ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ପଛଘୁଞ୍ଚା ଦେଇଚାଲିଛି ବୋଲି ସହରର ପ୍ରତ୍ୟେକ ସଚେତନ ନାଗରିକଙ୍କ ମତ। ଭଦ୍ରକ ଷ୍ଟେସନରେ ବିଭିନ୍ନ ସମସ୍ୟା ସମାଦାନ ଦିଗରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି, ସ୍ଥାନୀୟ ନେତାଙ୍କ ଆନ୍ତରିକତାର ଅଭାବ ସର୍ବୋପରି କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ କାଗଜ କଲମରେ ସୀମିତ ରହିଯାଇଛି ଆଦର୍ଶ ଷ୍ଟେସନର ବିକାଶ ପ୍ରକ୍ରିୟା। ଏଠାରେ ସୂଚନାଯୋଗ୍ୟ, ୨୦୦୧ ମସିହାରେ ତତ୍କାଳୀନ ଭଦ୍ରକ ସାଂସଦ ଅର୍ଜୁନ ଚରଣ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ଉତ୍ସବରେ ସେତେବେଳର ରେଳବାଇ ମନ୍ତ୍ରୀ ନୀତିଶ କୁମାର ଭଦ୍ରକ ଷ୍ଟେସନକୁ ଏକ ଆଦର୍ଶ ଷ୍ଟେସନ ଭାବେ ଘୋଷଣା କରିବା ସହ ଏହାର ଆଧୁନିକୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ଷ୍ଟେସନର ଭିତ୍ତିଭୂମିରେ ଯେପରି ଉନ୍ନତି ଆସିବା କଥା ତାହା ହୋଇନାହିଁ। ପରିମଳ ବ୍ୟବସ୍ଥାର ଇତି ମଧ୍ୟରେ ଯଥେଷ୍ଟ ଉନ୍ନତି ଆସିଛି। ଓସାରିଆ ଫୁଟ୍ ବ୍ରିଜ୍ ନିର୍ମିତ ହୋଇଛି। ନୂତନ ପ୍ରଶାସନିକ ବିଲ୍‌ଡିଂ ମଧ୍ୟ ନିର୍ମିତ ହୋଇଛି। କିନ୍ତୁ ପ୍ଲାଟଫର୍ମ ଭିତରେ ଯାତ୍ରୀମାନଙ୍କ ବସିବା ପାଇଁ ଯଥେଷ୍ଟ ପରିମାଣର ଚେୟାର ନଥିବାରୁ ସ୍ଥାନୀୟ ସାଂସଦ ମଂଜୁଲତା ମଣ୍ଡଳଙ୍କ ଅନୁଦାନରେ ବହୁ ପରିମାଣର ଚେୟାର ବ୍ୟବସ୍ଥା ହୋଇଛି। କିନ୍ତୁ ବିଶ୍ରାମ ପାଇଁ ଯାତ୍ରୀମାନଙ୍କ ସ୍ୱତନ୍ତ୍ର ଗୃହ ଏଯାବତ୍ ପ୍ରସ୍ତୁତ ହୋଇପାରିନାହିଁ। ପ୍ଲାଟଫର୍ମରେ ଥିବା ରୁଫରୁ ବର୍ଷାଦିନେ ପାଣି ଝରୁଛି। ସେହିପରି ସ୍ୱଳ୍ପ ପରିମାଣର ରୁଫ୍ ଥିବାରୁ ଅଧିକାଂଶ ଯାତ୍ରୀଙ୍କୁ ଟ୍ରେନ୍‌କୁ ଯିବା ସମୟରେ ବର୍ଷା ଦିନରେ ଭିଜିବାକୁ ପଡୁଛି। ବହୁ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ଏଠାରେ ରହୁନାହିଁ। ଷ୍ଟେସନର ଦକ୍ଷିଣ ପାର୍ଶ୍ୱରେ ଥିବା ଲେଭଲ କ୍ରସିଂ ଗେଟ୍ ନଂ ୧୧୯ ଉଡନ୍ତା ପୋଲ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଥିଲେ ମଧ୍ୟ ଏହା କେବେ ସରିବ, ତାର କୌଣସି ନିଶ୍ଚିତତା ନାହିଁ। ଅନୁରୂପ ବ୍ୟସ୍ତବହୁଳ ଭଦ୍ରକ ଷ୍ଟେସନ ଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର କାର୍ଯ୍ୟ ମଧ୍ୟ ଆଗେଇ ପାରୁନି। ପୂର୍ବରୁ ପୂର୍ବତଟ ରେଳବାଇ ମଣ୍ଡଳ ମହା ପ୍ରବନ୍ଧକ (ଡିଆରଏମ୍) ପୂର୍ବରୁ ନିଜର ଗସ୍ତ ସମୟରେ ଉକ୍ତ ଷ୍ଟେସନର ଉନ୍ନୟନ ସଂପର୍କରେ ବହୁ ଘୋଷଣା କରିଥିଲେ। ସେଗୁଡିକ ମଧ୍ୟରେ ଥିଲା ଦିବ୍ୟାଙ୍ଗଙ୍କ ନିମିତ୍ତ ରାମ୍ପସ, ଲିଫ୍‌ଟ ସ ଏସକାଲେଟର। ଏହାବ୍ୟତୀତ କେତେକ ଗୁରୁତ୍ୱପୂର୍ଣ୍ଣ ସୁପର ଫାଷ୍ଟ ଟ୍ରେନ୍ ମଧ୍ୟ ରହିବ ବୋଲି ସେ ଘୋଷଣା କରିଥିଲେ। କିନ୍ତୁ ଡିଆରଏମ୍‌ଙ୍କ ଏହି ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି। ଅଧିକ ଅର୍ଥ ମଂଜୁର ହେଲେ ରାମ୍ପସ ଓ ଏସକାଲେଟର ନିର୍ମିତ ହେବ ବୋଲି ବିଭାଗୀୟ ଏଡିସି କହିଛନ୍ତି। ଇତିମଧ୍ୟରେ ଷ୍ଟେସନରେ ୩ଟି ଲିଫ୍‌ଟ ନିର୍ମିତ ହୋଇଛି। ନିର୍ମାଣ ସରିବାର ୧ ବର୍ଷ ବିତିଗଲାଣି। କିନ୍ତୁ ଏଗୁଡିକ ଉଦ୍‌ଘାଟିତ ହୋଇନଥିବାରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ତେଣୁ ପୂର୍ବପରି ଯାତ୍ରୀମାନେ ଫୁଟ ଓଭରବ୍ରିଜ୍ ଦେଇ ଯିବାଆସିବା କରୁଛନ୍ତି। ଲିଫଟ୍ ନିର୍ମାଣ ସରିବା ପରେ ମଧ୍ୟ ଏହାର ବ୍ୟବହାର କାହିଁକି ହୋଇପାରୁନାହିଁ ବୋଲି ସ୍ଥାନୀୟ ଅଧିବାସୀ ପ୍ରଶ୍ନ ଉଠାଇଛନ୍ତି। କାରଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକମାନେ ଲିଫ୍‌ଟ ବଦଳରେ ସେଇ ଫୁଟ୍ ବ୍ରିଜ୍‌କୁ ବହୁ କଷ୍ଟରେ ବ୍ୟବହାର କରୁଛନ୍ତି। ତେଣୁ ସଂପୂର୍ଣ୍ଣ ହୋଇ ସାରିଥିବା ଲିଫ୍‌ଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଓ ଡିଆରଏମ୍‌ଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏସକାଲେଟର ଓ ରାମ୍ପସ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।




## ସରକାର ଦେଲେ ଅନୁମତି
# ଘରେ ପହଞ୍ଚିବ ମଦ

**ଭୁବନେଶ୍ୱର :** କରୋନା ମହାମାରୀ କାଳରେ ମଦ୍ୟପମାନେ ଘରେ ବସି ଯେଉଁ 'କମ୍ପାନୀର ମଦ ଚାହିଁବେ ତାହା ନିକଟସ୍ଥ ସରକାରୀ ଅନୁମତିପ୍ରାପ୍ତ ମଦ ଦୋକାନରୁ ପାଇପାରିବେ। ଦୋକାନରେ କାମ କରୁଥିବା କର୍ମଚାରୀ (ଡେଲିଭରି ବୟ) ଘରେ ନେଇ ମଦ ପହଞ୍ଚାଇବେ। ବୁଧବାର ଏଭଳି ନିର୍ଦ୍ଦେଶନାମା ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଛି। ଏନେଇ ବିଭାଗୀୟ ପ୍ରମୁଖ ସଚିବ ଏସ୍. କେ. ଲୋହାନୀ ରାଜ୍ୟ ଅବକାରୀ ଆୟୁକ୍ତଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଅବକାରୀ ଆଇନ-୨୦୦୮ର ଅନୁଶୀଳନ ପରେ ରାଜ୍ୟ ସରକାର ଘରେ ମଦ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ଏଥିପାଇଁ ସମ୍ପୃକ୍ତ ଜିଲାପାଳଙ୍କୁ ଉପଯୁକ୍ତ ନିଷ୍ପତ୍ତି ଓ କ୍ଷମତା ବ୍ୟବହାର କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ସମୟରେ ଗତବର୍ଷ ମେ' ୨୩ ଓ ଜୁନ୍ ୨୯ରେ ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଥିଲା ତାହା ଅନୁସରଣ କରିବାକୁ ଶ୍ରୀ ଲୋହାନୀ ପତ୍ରରେ ଦର୍ଶାଇଛନ୍ତି।

# ରାଜ୍ୟର ୪ ଜିଲ୍ଲାରେ ୫୫୦ କୋଭିଡ ବେଡ୍ କରିବ ଏମ୍‌ସିଏଲ୍ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** କରୋନା ମହାମାରୀ ଦ୍ୱିତୀୟ ଲହରର ସଂକଟ ସମୟରେ ଓଡ଼ିଶାବାସୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ମେଡ଼ିକାଲ ଭିତିଭୂମିର ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅନୁରୋଧକୁ ପ୍ରାଥମିକତା ଦେଇ ସକରାତ୍ମକ ପଦକ୍ଷେପ ନେବାକୁ କେନ୍ଦ୍ର କୋଇଲା, ଖଣି, ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମଏସିଏଲ)କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୭ ତାରିଖରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ୫୫୦ଟି ବେଡ୍ ସହ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ, ଭେଂଟିଲେଟର ତଥା ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିବା ବେଳେ ଶ୍ରୀ ଯୋଶୀ ଏହି ପତ୍ରର ପ୍ରତ୍ୟୁତରରେ କେନ୍ଦ୍ରମନ୍ତ୍ରୀଙ୍କ ଅନୁରୋଧକୁ ପ୍ରାଥମିକତା ଦେଇ ପଦକ୍ଷେପ ନେବାକୁ ଏମଏସିଏଲକୁ ନିର୍ଦ୍ଦେଶ ଦେଇଥିବା ଉଲ୍ଲେଖ କରିଛନ୍ତି। ଏହି ସଂକଟ ସମୟରେ ଓଡିଶାରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ପତ୍ର ଲେଖି ସମ୍ବଲପୁର ଠାରେ ୧୫୦ଟି ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଂଟିଲେଟର ସୁବିଧା ସହ ଅସ୍ଥାୟୀ ଭାବେ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା, ସୁନ୍ଦରଗଡ଼ ଜିଲ୍ଲାର ଏମସିଏଲର ବସୁନ୍ଧରା ଏବଂ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଅଂଚଳରେ ଥିବା କୋଭିଡ୍ ହସ୍ପିଟାଲରେ ୫୦ଟି ଲେଖାଏଁ ଅକ୍ସିଜେନ୍ ସଂଯୁକ୍ତ ବେଡ୍ ସହ ଆଇସିୟୁ ଏବଂ ଭେଂଟିଲେଟର ସୁବିଧା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଅନୁରୂପ ଭାବରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଭିଡ୍ ହସ୍ପିଟାଲ ଏବଂ ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ଏମସିଏଲର କୋଭିଡ୍ ହସ୍ପିଟାଲ ଠାରେ ୧୫୦ଟି ଲେଖାଏଁ ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଆଇସିୟୁ ଏବଂ ଭେଂଟିଲେଟରର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ପ୍ରକାଶ ଥାଉ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ ପରେ ହିଁ ଏବେ ଝାରସୁଗୁଡା ଜିଲ୍ଲାର ଲଖନପୁର ହସ୍ପିଟାଲରେ ଏମସିଏଲ୍ ଦ୍ୱାରା ୨୦ଟି ଆଇସିୟୁ ସମେତ ୧୨୦ଟି ବେଡ୍ ବ୍ୟବସ୍ଥା କରାଯାଉଛି । ସେହିପରି ପୂର୍ବରୁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଏକ ପୃଥକ ପତ୍ରର ଅନୁରୋଧ କ୍ରମେ ତାଳଚେର ଏମସିଏଲ ହସ୍ପିଟାଲରେ ୧୨୦ଟି ବେଡ୍ ସହ ଭେଂଟିଲେଟର ଓ ଆଇସିୟୁର ବ୍ୟବସ୍ଥା ହୋଇସାରିଛି । ଶ୍ରୀ ପ୍ରଧାନ କେନ୍ଦ୍ର ଖଣିମନ୍ତ୍ରୀ ଲେଖିଥିବା ପତ୍ରରେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏମସିଏଲ୍ ଓଡ଼ିଶାରେ କୋଭିଡ୍ ବିରୋଧୀ ଲଢ଼େଇରେ ବ୍ୟାପକ ଯୋଗଦାନ କରିଆସୁଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନେତୃତ୍ୱରେ ଏମସିଏଲ ଭୁବନେଶ୍ୱରରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ପାଇଁ ୧୨୦୦ ବେଡ୍ ସ୍ପୋନସର୍ କରୁଛି । ତାଳଚେର ଠାରେ ମଧ୍ୟ ଅନୁରୂପ ଭାବରେ ଏହି ସୁବିଧା ଯୋଗାଉଛି। ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଏବଂ ଲଖନପୁର, ସୁନ୍ଦରଗଡ଼ର ବସୁନ୍ଧରା, ସମ୍ବଲପୁର ସ୍ଥିତ ଏମସିଏଲର ମୁଖ୍ୟ କାର୍ଯ୍ୟାଳୟ କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରି ଲୋକଙ୍କୁ ସୁବିଧା ପ୍ରଦାନ କରୁଛି । ଜିଲ୍ଲା ପ୍ରଶାସନ, ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଏବଂ ସାମାଜିକ ସଂଗଠନ ଗୁଡ଼ିକୁ ଏମସିଏଲ୍ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଔଷଧ, ଅକ୍ସିଜେନ୍, ପିପିଇ କିଟ୍ ଏବଂ ଖାଦ୍ୟ ପ୍ୟାକେଟ୍ ପ୍ରଦାନ କରି ଆସୁଛି। ଏହାସହ ୧୪୦ କୋଟି ଟଙ୍କା ଖର୍ଚ୍ଚ କରି ଓଡ଼ିଶାରେ କୋଭିଡ୍-୧୯ ପରିଚାଳନା ଏବଂ ମୂଲ୍ୟବାନ ଜୀବନ ବଂଚାଉଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ପତ୍ର ଯୋଗେ ପ୍ରଶଂସା କରିଥିଲେ। ରାଜ୍ୟରେ କୋଭିଡର ଦ୍ୱିତୀୟ ଲହରର ମୁକାବିଲା କରିବା ପାଇଁ ସ୍ୱାସ୍ଥ୍ୟ ଭିତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଜରୁରିକାଳୀନ ପଦକ୍ଷେପ ନେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଯୋଶୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଥିଲେ।



# ପଶ୍ଚିମ ଓଡ଼ିଶା ଜିଲ୍ଲାମାନଙ୍କୁ ଆଇସିୟୁ ଶଯ୍ୟା, ଅକ୍ସିଜେନ୍ ଶୀଘ୍ର ଯୋଗାଣ କର : ଅସିତ୍ ତ୍ରିପାଠୀ

**ଭୁବନେଶ୍ୱର :** କୋଭିଡ ମହାମାରୀର ଦ୍ୱିତୀୟ ଲହରୀ ପଶ୍ଚିମ ଓଡ଼ିଶା ଜିଲ୍ଲାମାନଙ୍କରେ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ପରିସ୍ଥିତିକୁ ଯଥାଶୀଘ୍ର ବଦଳାଇବାକୁ ପଡ଼ିବ। ଭିଡିଓ କନଫରେନ୍ସ ଜରିଆରେ ଜିଲ୍ଲାୱାରୀ ସମୀକ୍ଷା କରି ସମ୍ପୃକ୍ତ ପଶ୍ଚିମଓଡ଼ିଶା ଜିଲ୍ଲାମାନଙ୍କର ଜିଲ୍ଲାପାଳମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅସିତ୍ ତ୍ରିପାଠୀ। ଜିଲ୍ଲାମାନଙ୍କରେ କୋଭିଡ ପରିଚାଳନା କାର୍ଯ୍ୟକୁ ଅଧିକ ଶାଣିତ ଓ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଯେଉଁ ଜିଲ୍ଲାର ଡାକ୍ତରଖାନାରେ ଆଇସିୟୁ ଶଯ୍ୟା ନାହିଁ, ଅକ୍ସିଜେନ୍ ସୁବିଧା ନାହିଁ ସେସବୁ ତୁରନ୍ତ ଯୋଗାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଶ୍ରୀ ତ୍ରିପାଠୀ କହିଥିଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିକାଶ ପରିଷଦ ଆର୍ଥିକ ଅନୁଦାନ ଯୋଗାଇଦେବ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନ୍ତର୍ଗତ ୧୦ଟି ଜିଲ୍ଲା ମଧ୍ୟରୁ ୭ଟି ଜିଲ୍ଲା ପାଇଁ ପ୍ରତ୍ୟେକ ୩ କୋଟି ଟଙ୍କା ଦିଆଯିବ। ଲୋକସଂଖ୍ୟା ଏବଂ ଆକାର ଦୃଷ୍ଟିରୁ ବୌଦ୍ଧ, ଦେବଗଡ଼ ଓ ସୋନପୁର ଜିଲ୍ଲାକୁ ୧ କୋଟି ଲେଖାଏଁ ଟଙ୍କା ଯୋଗାଇ ଦିଆଯିବ। ଏହି ଅର୍ଥ ବିନିଯୋଗରେ ଜରୁରୀକାଳୀନ ସେବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳମାନଙ୍କୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟତଃ ଏହି ଟଙ୍କାରେ ଜିଲ୍ଲାରେ ଅଧିକ ଆଇସିୟୁ ଓ ଅକ୍ସିଜେନ୍ ଶଯ୍ୟା ପ୍ରତିଷ୍ଠା କରାଯିବ। କୋଭିଡ ପରୀକ୍ଷା ନିମନ୍ତେ ଅଟୋଆନାଲାଇଜର, ସିଆର୍ମ, ସିପିସି ଆଦି ଯନ୍ତ୍ରପାତି ଯୋଗାଇ ଦିଆଯିବ। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଶାକର୍ମୀମାନଙ୍କୁ ଅକ୍ସିମିଟର ଯୋଗାଣ ଏବଂ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦିରେ ଜେନେରେଟର ବ୍ୟବସ୍ଥା ନିମନ୍ତେ ଉପଯୋଗ କରାଯାଇପାରିବ ବୋଲି ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ପଶ୍ଚିମ ଓଡ଼ିଶା ବିକାଷ ପରିଷଦ ଅନ୍ତର୍ଭୁକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ।




# ‘ସଂକ୍ରମଣରୁ ରକ୍ଷା ପାଇଁ ମାସ୍କ ହିଁ ମୁଖ୍ୟ ଅସ୍ତ୍ର’

**ଭୁବନେଶ୍ୱର :** କରୋନାର ଦ୍ୱିତୀୟ ଲହର ସମସ୍ତଙ୍କୁ ଆତଙ୍କିତ କରିଛି। ତେବେ କରୋନାକୁ ରୋକିବା ପାଇଁ ଏପଟେ ଟିକାକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହି ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମାସ୍କକୁ ହିଁ ମୁଖ୍ୟ ଅସ୍ତ୍ର କୁହାଯାଉଛି। ଯଦି ମାସ୍କକୁ ନିୟମିତ ଓ ସଠିକ୍ ଭାବରେ ପିନ୍ଧିବା, ତା’ହେଲେ କରୋନା ସଂକ୍ରମଣର ଆଶଙ୍କା ବହୁତ କମ। ଅନେକ ବଡ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହି ପରାମର୍ଶ ଦେଇଛନ୍ତି। ତେବେ ମାସ୍କ ପିନ୍ଧିବା ସମୟରେ କିଛି ସତର୍କତା ଅବଲମ୍ବନ କରିବାକୁ ପଡିବ। ଅର୍ଥାତ୍ ମାସ୍କକୁ ସଠିକ୍ ଭାବେ ପିନ୍ଧିବା ଜରୁରୀ ବୋଲି କହିଛନ୍ତି କଟକ ଏସ୍‌ସିବି ଆନାସ୍ଥେସିଆ ବିଭାଗ ପ୍ରଫେସର ନିବେଦିତା ପାଣି। ଡାକ୍ତର ନିବେଦିତା ପାଣି କହିଛନ୍ତି, କରୋନା ଏବେ ବାୟୁ ଜରିଆରେ ବ୍ୟାପୁଛି। ଏଥିପାଇଁ ସମସ୍ତଙ୍କୁ ମାସ୍କ ପରିଧାନ କରିବା ନିହାତି ଜରୁରୀ। ଶ୍ରୀମତୀ ପାଣି ଆହୁରି କହିଛନ୍ତି, ଏବେ ୩ ପ୍ରକାରର ମାସ୍କ ଯଥା କପଡା, ସର୍ଜିକାଲ ଓ ଏନ୍୯୫ ମାସ୍କ ବ୍ୟବହାର କରାଯାଉଛି। ଯଦି ଜଣେ କପଡା ମାସ୍କ ପିନ୍ଧୁଛନ୍ତି, ତା’ହେଲେ ଏହାକୁ ସଠିକ୍ ଭାବେ ପିନ୍ଧିବା ସହ ଭଲ ଭାବେ ସଫା କରିବା ମଧ୍ୟ ସରକାର। ସର୍ଜିକାଲ ମାସ୍କ ପିନ୍ଧୁଥିଲେ, ଏହାକୁ ଥରେ ବ୍ୟବହାର କରନ୍ତୁ। ଏହାକୁ ପୁଣି ଧୋଇ ପିନ୍ଧନ୍ତୁ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାସ୍କ ପିନ୍ଧିବା ପୂର୍ବରୁ ଓ କାଇବା ବେଳକୁ ହାତକୁ ଭଲଭାବେ ସାନିଟାଇଜ୍ କରନ୍ତୁ। ମାସ୍କ ଯେପରି ମୁହଁ, ପାଟି, ନାକ ଘୋଡାଇ ରଖୁଥିବ, ଏହା ଉପରେ ଧ୍ୟାନ ଦେବା ଦରକାର ବୋଲି ପ୍ରଫେସର ନିବେଦିତା ପାଣି କହିଛନ୍ତି। ହୋମ୍ ଆଇସୋଲେସନରେ ଥିବା ରୋଗୀ ମଧ୍ୟ ଡବଲ ଲେୟାର ଥିବା ମାସ୍କ ପିନ୍ଧିବା ଉଚିତ। ରୋଗୀଙ୍କ ସେବା କରୁଥିବା ବ୍ୟକ୍ତି ମଧ୍ୟ ଡବଲ ଲେୟାର ମାସ୍କ ପିନ୍ଧିବା ଦରକାର। କରୋନା ସମୟରେ କୌଣସି ବଡ କାମ ନଥିଲେ ବାହାରକୁ ନଯାଆନ୍ତୁ ବୋଲି ବିଶେଷଜ୍ଞ ଡାକ୍ତର ପାଣି ପରାମର୍ଶ ଦେଇଛନ୍ତି।




# ଆଦର୍ଶ ଶିକ୍ଷୟିତ୍ରୀ ପୁଷ୍ପଶ୍ରୀଙ୍କୁ ଝୁରୁଛି ବିଜେଇଏମ୍ ସ୍କୁଲ

**ଭୁବନେଶ୍ୱର :** କରୋନା ମହାମାରୀ ରାଜ୍ୟରେ ତାଣ୍ଡବ ରଚିଥିଲା ବେଳେ ଏଥିରେ ଅନେକ ଅମୂଲ୍ୟ ଜୀବନ ଚାଲିଯାଉଛି। କରୋନା ସଂକ୍ରମଣର ଶିକାର ହୋଇଥିବା ବିଜେଇଏମ୍ ସ୍କୁଲର ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ପଲେଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଥାଇ ମୃତ୍ୟୁବରଣ କରିଛନ୍ତି। ତାଙ୍କର ଏଭଳି ଅକାଳ ବିୟୋଗରେ ବିଜେଇଏମ୍ ସ୍କୁଲ ତଥା ସ୍ୱର୍ଗତଃ ପଲେଇ ରହୁଥିବା ବଡଗଡ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ପୁଷ୍ପଶ୍ରୀ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କର ସ୍ୱାବ ପରୀକ୍ଷା କରାଯାଇଥିଲା। ଏଥିରେ ପଜିଟିଭ ବାହାରିବା ପରେ ପରିବାର ଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ପରିଚିତ ସ୍ୱର୍ଗତଃ ପୁଷ୍ପଶ୍ରୀ ପଲେଇଙ୍କ ନିଧନରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମନରେ କୋହ ଦେଖାଦେଇଛି। ତାଙ୍କ ଅବର୍ତ୍ତମାନରେ ତାଙ୍କୁ ମନେ ପକାଇ ବିଦ୍ୟାଳୟର ଅଧ୍ୟକ୍ଷା ଏବଂ ସହକର୍ମୀମାନେ ଶୋକବାର୍ତ୍ତା ଜଣାଇଛନ୍ତି।



√ ପୁଷ୍ପଶ୍ରୀ ପଲେଇ



**ପ୍ରିୟ ପୁଷ୍ପଶ୍ରୀ ମାମ୍,** ପ୍ରତିଦିନ ସକାଳୁ ଉଠି ଆପଣ ଦେଇଥିବା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀକୁ ପ୍ରଣାମ କରେ। ସବୁଠିକ୍ ହବ ଆପଣ ବ୍ୟସ୍ତ ହୁଅନ୍ତୁନି। ଏବେବି ଆପଣଙ୍କ କଥା ଅଜଣା ରାଇଜରୁ ଗୁଞ୍ଜରୀ ଉଠେ ମୋ କର୍ଣ୍ଣ ପଟଳରେ। କିନ୍ତୁ... କଣ ଠିକ୍ କଲେ ମହାପ୍ରଭୁ ଆପଣଙ୍କୁ ନିଜର କରି। ଆମେ କି ଦୋଷ କରିଥିଲୁ... ଆମଠୁ ଦୂରେଇ ଦେଲେ। ହେଲେ ... ଆପଣ ଅନ୍‌ଲାଇନ୍ କ୍ଲାସ ପାଇଁ ଯାହା ଯାହା କହିଥିଲେ ସବୁ ବ୍ୟବସ୍ଥା କରିଥିଲୁ। କଣ ଉତ୍ତର ଦେବି ଆପଣଙ୍କ ପିଲାଙ୍କୁ? କଣ କହିବି ଆପଣଙ୍କ ସହକର୍ମୀଙ୍କୁ... ମାମ୍... ଅବସ୍ଥା ବହୁତ ଖରାପ, କାହାକୁ ସମ୍ଭାଳିବି... ନିଜକୁ ନା ଆପଣଙ୍କ ପିଲାଙ୍କୁ ନା ଆପଣଙ୍କ ପରିବାରକୁ... ଅଥଚ୍... ଥରେ ଆସି ଦେଖି ଯାଆନ୍ତୁ ଆପଣଙ୍କ ପିଲାଙ୍କୁ ଆପଣଙ୍କ ସହକର୍ମୀଙ୍କୁ ଏବଂ ଆପଣଙ୍କ ବନ୍ଧୁ ସହୋଦରଙ୍କୁ। ମାମ୍... ଆପଣ ଯିବାର ଦୁଇଦିନ ପୂର୍ବରୁ ମୁଁ ଆପଣଙ୍କ ସହ କଥା ହୋଇଥିଲି ଫୋନରେ ହେଲେ ଆପଣ ବ୍ୟତିବ୍ୟସ୍ତ ହୋଇ କହିଥିଲେ ‘ମ୍ୟାଡାମ୍ ମୋତେ ଆଉ ମୋ ଅପାଙ୍କୁ ମୋତେ ଆଉ ମୋ ଅପାଙ୍କୁ ହସ୍ପିଟାଲରେ ଆଡମିଟ୍ କରାହୋଇଛି। ମୁଁ ଆଉ ନିଶ୍ୱାସ ନେଇ ପାରୁନି। ମ୍ୟାଡାମ୍... ପରେ କଥା ହେବି। ତେବେ ଆପଣ କେବେ କଥା ହେବେ? ମୁଁ ଆପଣଙ୍କ ଅପେକ୍ଷାରେ ଅଛି। ଆପଣ ଯେବେ ଛୁଟି ନେବାକୁ ଚାହୁଁଥିଲେ ମୁଁ ମନା ନ କରି ଛୁଟି ଦେଉଥିଲି। ହେଲେ ଆପଣ ଏବେ କିଛି ନ କହି ଲମ୍ବା ଛୁଟିରେ ଚାଲିଗଲେ। ହେଲେ... କିନ୍ତୁ ମୁଁ ଏଥର ମୋର ଅଶ୍ରୁଳ ଭରା ହୃଦୟରୁ ଶେଷଥର ପାଇଁ ପରମିସନ ଦେବାକୁ ଚାହୁଁନି ମାମ୍....। କାହିଁକି ଗଲେ ଆପଣ... ବୋଧେ କିଛି ଠିକ୍ କଲେନି ଆପଣ...।

*- କ୍ଷଣିକା ଦାଶ,ଅଧ୍ୟକ୍ଷା*

### ତୁମେ ସବୁବେଳେ ମନେ ପଡୁଥିବ ...



ପୁଷ୍ପଶ୍ରୀ ମାଡାମ ତୁମେ ସବୁବେଳେ ମନେ ପଡୁଥିବ। ତୁମେ ଆଜି ନାହିଁ ଶୁଣି ମନରେ ବିଶ୍ୱାସ ଆସୁନାହିଁ। ତୁମେ ହଠାତ୍ ଆମ ସମସ୍ତଙ୍କୁ ଛାଡି ଚାଲିଯିବ ତାହା ଭାବି ପାରୁନାହିଁ। ଆମ ବିଦ୍ୟାଳୟ କଥା ଭାବିଲେ ସବୁବେଳେ ତୁମେ ମନକୁ ଆସିଯାଅ। ତୁମେ ଥିଲ ମିଷ୍ଟଭାଷୀ, ମେଳାପୀ ଏବଂ ସମସ୍ତଙ୍କର ସୁଖ ଓ ଦୁଃଖର ସାଥି। ତୁମର କର୍ତ୍ତବ୍ୟ ନିଷ୍ଠାରା ପରାକାଷ୍ଠା ନାହିଁ। ଶାରୀରିକ ଅସୁସ୍ଥତା ଥାଇ ମଧ୍ୟ ତୁମେ ସର୍ବଦା ସହାସ୍ୟ ବଦନରେ ତୁମ କର୍ତ୍ତବ୍ୟ କରି ଚାଲିଥାଅ। କୁନି କୁନି ଶିଶୁମାନଙ୍କ ପ୍ରତି ତୁମର ଥାଏ ଅସୀମ ଭଲ ପାଇବା। ସେମାନଙ୍କୁ ତୁମେ ଅତି ଯତ୍ନର ସହ ଉଚିତ ଶିକ୍ଷା ଦେଇଥାଅ ଓ ଭଲ ମଣିଷ ହେବା ପାଇଁ ପ୍ରେରଣା ଯୋଗାଇଥାଅ।

ତୁମ ସାଥିରେ ବିତିଥିବା ମୋର ପ୍ରତିଟି ମୁହୂର୍ତ୍ତ ଅବିସ୍ମରଣୀୟ। ତୁମେ ଥିଲ ଅତି ଆପଣାର। ତୁମ ପାସେ ସବୁ ସମସ୍ୟାର ସମାଧାନ ମିଳିଯାଇଥାଏ। ତୁମର ସହାସ୍ୟ ବଦନ, କର୍ତ୍ତବ୍ୟନିଷ୍ଠା, ଉତ୍ସର୍ଗୀକୃତ ସେବା ଭାବ ଏବଂ ଗଭୀର ଆତ୍ମବିଶ୍ୱାସ ସବୁବେଳେ ମନରେ ପ୍ରେରଣା ଭରି ଦେଇଥାଏ। ତୁମେ ଏହିପରି ହଠାତ୍ ଚାଲିଯିବା ପରେ ତୁମର ଶୂନ୍ୟସ୍ଥାନ କେହିବି ପୂରଣ କରିପାରିବେ ନାହିଁ। ମୋର ଈଶ୍ୱରଙ୍କ ପାଖରେ ଏତିକି ପ୍ରାର୍ଥନା ତୁମ ଅମର ଆତ୍ମାର ସଦ୍‌ଗତି ହେଉ। ତୁମେ ଆକାଶରେ ତାରା ପରି ଝଟକୁ ଥାଅ ଏବଂ ଆମକୁ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପ୍ରେରଣା ଯୋଗାଉଥାଅ।

*- ସ୍ମିତା ଶୁଭଦର୍ଶିନୀ ପଣ୍ଡା, ଶିକ୍ଷୟିତ୍ରୀ*

### ପୁଷ୍ପ ପରି କୋମଳ ପୁଷ୍ପଶ୍ରୀ ...



ସ୍ନେହମୟୀ, ପ୍ରେମମୟୀ, କରୁଣାମୟୀ, ଛାତ୍ରବତ୍ସଳା, ମିଷ୍ଟଭାଷୀ, ଉଦାର ମଣିଷର ପ୍ରତିକାତ୍ମକ ବ୍ୟକ୍ତିତ୍ୱ ଥିଲେ ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ। କାହା ପାଇଁ ସାଜିଥିଲେ ମାର୍ଗଦର୍ଶକ, ପଥପ୍ରଦର୍ଶକ ଏବଂ ଚୈତନ୍ୟମୟୀ ମାତୃତୁଲ୍ୟା ଦେବୀ ପ୍ରତିମା। ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନର ବୈତରଣୀ ତୁଲ୍ୟା ଆଦର୍ଶ ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ପଲାଇ। ଅକ୍ଷର ଶିକ୍ଷାଠାରୁ ଆରମ୍ଭ କରି ନୀତି, ଆଦର୍ଶ ଏବଂ ନୈତିକ ଶିକ୍ଷା ଦ୍ୱାରା ମଣିଷ ପରି ମଣିଷଟିଏ ଗଢ଼ି ତୋଳିବାର ପ୍ରାଥମିକ ପ୍ରୟାସ ଜାରି ରଖିଥିଲେ ନିଜର କର୍ମସ୍ଥଳୀ ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ର ୧୦୧ ଶ୍ରେଣୀ ଗୃହରେ। କାହା ପାଇଁ ସେ ଥିଲେ ପପୁ ଅପାତ କାହା ପାଇଁ ସେ ଥିଲେ ପପୁ ମ୍ୟାଡାମ; କାହା ପାଇଁ ସେ ଥିଲେ ଗେହ୍ଲେଇ ତ କାହା ପାଇଁ ସେ ଥିଲେ ଫୁଲେଇ।

ଏମିତି ଏକ କର୍ମମୟ ଜୀବନ କାଳରେ ମଣିଷ ତିଆରି କାରଖାନାରେ ମଣିଷ ଗଢୁଗଢୁ ଅଧା ଗଢ଼ା ପଥରେ ଚାଲୁଚାଲୁ ଝୁଣ୍ଟି ପଡିଲେ ଅଧା ବାଟରେ। ଐଶ୍ୱରୀୟ ପ୍ରତିଭା ସଂପନ୍ନ ବ୍ୟକ୍ତି ଐଶ୍ୱରୀୟ ସତାରେ ବିଲିର୍ଣ୍ଣ ହୋଇଯିବେ ତାହା ବିଶ୍ୱାସର ଉର୍ଦ୍ଧ୍ୱରେ...। ଅଫ୍‌ଲାଇନ୍ ଅବା ଅନ୍‌ଲାଇନ୍ ଆଉ ଶୁଭୁନାହିଁ ଗୁଡ୍ ମର୍ଣ୍ଣିଂ ଷ୍ଟୁଡେଣ୍ଟର ପ୍ରେମଭରା ତଥା ସ୍ନେହଭରା ପ୍ରଥମ ଶୁଭେଚ୍ଛାର ବାର୍ତ୍ତା। ବିଦ୍ୟାଳୟର ୧୦୧ ଶ୍ରେଣୀ କକ୍ଷର କାନ୍ଥରେ ଶୋଭା ପାଉଥିବା ଛାତ୍ରଛାତ୍ରୀଙ୍କ ଉଦ୍ୟୋଗର ପପୁ ମ୍ୟାଡାମଙ୍କ ଜନ୍ମ ଦିନର ଶୁଭେଚ୍ଛା ବାର୍ତ୍ତା, ଅକ୍ଷର ସଜ୍ଜା, ବଡ ଓ ସାନ ସଂଖ୍ୟା, ଫୁଲ ଫଳର ସମ୍ଭାର ପରି ସ୍ୱହସ୍ତ ଚିତ୍ରିତ ପୋଷ୍ଟର ମଧ୍ୟ ଜୀବନ ଶୂନ୍ୟ ପରି ମନେ ହୁଅନ୍ତି ଡିସ୍‌ପ୍ଲେ ବୋର୍ଡରେ। ଲକ୍‌ଡାଉନ୍‌ରେ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ନଥିଲେ ମଧ୍ୟ ଅନ୍‌ଲାଇନ୍ କ୍ଲାସ ପାଇଁ ପପୁ ମ୍ୟାଡାମଙ୍କ ବ୍ୟବହୃତ ସ୍ମାର୍ଟ ଫୋନ୍, ଟାଟା ଏଜ୍‌ର ସ୍ମାର୍ଟ ବୋର୍ଡ ଓ ହ୍ୱାଇଟ୍ ବୋର୍ଡ ଗୁମୁରି ଗୁମୁରି ଝୁରୁଛନ୍ତି ଶ୍ରେଣୀ ଗୃହର ଚାରିକାନ୍ଥର ଆବର୍ଜନା ମଧ୍ୟରେ। ସେତିକି ନୁହେଁ ଖେଳ ପଡିଆର ଦୋଳି, ସି ଆଣ୍ଡ ସ, ସ୍ଲାଇଡର, ମ୍ୟାରି ଗୋ ରାଉଣ୍ଡ ମଧ୍ୟ ପରସ୍ପରକୁ ଲୋତକାପୂର୍ଣ୍ଣ ନୟନରେ ପ୍ରଶ୍ନ ପଚାରୁଛନ୍ତି ସତରେ କ’ଣ ପପୁ ମ୍ୟାଡାମ କୋଭିଡ୍-୧୯ର ସଟ୍‌ଡାଉନ୍ ଏବଂ ଲକ୍‌ଡାଉନର କଟକଣା ପରେ ଫେରି ଆସିବେ ନାହିଁ। ସେହି ଏକା ପ୍ରଶ୍ନରେ ପ୍ରଶ୍ନାୟିତ ଗ୍ରନ୍ଥାଳୟର ପୁସ୍ତକ ସମୂହ। ଷ୍ଟାଫ୍ ରୁମ୍‌ର ମ୍ୟାଡାମଙ୍କ ଆସ୍ଥାନ, କାର୍ଯ୍ୟାଳୟ ଏବଂ ଅଧ୍ୟକ୍ଷାଙ୍କ କକ୍ଷର ହତୋତ୍ସାୟିତ ଶୋକାକୁଳ ପରିବେଶ। ଏବେ ବି ପୁଷ୍ପଶ୍ରୀ ମ୍ୟାଡାମଙ୍କ ଅବର୍ତ୍ତମାନକୁ ବିଶ୍ୱାସ କରିପାରୁନାହାନ୍ତି ପ୍ରିୟ ଛାତ୍ରଛାତ୍ରୀ ବୈଭବ, ସ୍ୱାଗତିକା, ଆଦିତ୍ୟ, ଶ୍ରେୟାଂଶି, ଦିବ୍ୟାନ ଏବଂ ଆଖିର ଲୁହ ଓ ମନର କୋହକୁ ଅବ୍ୟକ୍ତ କରି ଗୁମୁରି ଗୁମୁରି କାନ୍ଦୁଛନ୍ତି ପ୍ରିୟ ସହକର୍ମୀ ସୁଚେତା ମ୍ୟାଡାମ, ଝୁମର ମ୍ୟାଡମ, ସୁନୀତା ମ୍ୟାଡାମ, ଜିୟା ମ୍ୟାଡାମ୍, ରଶ୍ମୀତା ମ୍ୟାଡାମ ପରି ଅନ୍ୟ ସହକର୍ମୀ ମାନେ...।

ସ୍ୱର୍ଗତା ପୁଷ୍ପଶ୍ରୀ ପଲାଇ କେବଳ ଯେ ଆଦର୍ଶ ଶିକ୍ଷକ ନଥିଲେ ସେ ଥିଲେ ଜଣେ ସୁସଂଗଠକ ମଧ୍ୟ। ନିଜର ସାଂଗଠନିକ କାର୍ଯ୍ୟଦକ୍ଷତା ପାଇଁ ବିଦ୍ୟାଳୟର ପରିଚାଳନା ପରିଷଦକୁ ଦୁଇ ଦୁଇଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ଶିକ୍ଷକ ପ୍ରତିନିଧି ଭାବେ ପ୍ରତିନିଧିତ୍ୱ କରିଥିଲେ। ସେ ଧର୍ମ ଓ ଆଧ୍ୟାତ୍ମିକର କର୍ମଧାରକ ତଥା ବୁଦ୍ଧଦେବଙ୍କ ଅମୃତବାଣୀ (ଲୋଟସ ସୂତ୍ର)ର ପ୍ରଚାର ଓ ପ୍ରସାର ପାଇଁ ଆନ୍ତର୍ଜାତୀୟ ଧାର୍ମିକ ଅନୁଷ୍ଠାନ ‘ଭାରତ ସୋକ୍କା ଗାକାଇ) ପୁରୁଣା ଭୁବନେଶ୍ୱର ଅନ୍ତର୍ଗତ ରବିଟକିଜ ଶାଖାର ଆବାହକ ଭାବେ ସୁଚାରୁରୂପେ ପରିଚାଳନା କରୁଥିଲେ।

ସ୍ୱର୍ଗତା ପଲାଇଙ୍କ ଅକସ୍ମାତ ଅକାଳ ବିୟୋଗରେ ବକ୍ସି ଜଗବନ୍ଧୁ ଇଂରାଜୀ ମଧ୍ୟମ ବିଦ୍ୟାଳୟ-୨ର ପରିଚାଳନା ପରିଷଦ, ଶିକ୍ଷକ, ଶିକ୍ଷୟିତ୍ରୀ ବୃନ୍ଦ, ଛାତ୍ରଛାତ୍ରୀ, ଅଭିଭାବକ, ସମସ୍ତ କର୍ମଚାରୀ ତଥା ‘ଏକମାତ୍ର’ ଖବର କାଗଜ ତରଫରୁ ଭକ୍ତିପୁତ ଅଶ୍ରୁତ ଶ୍ରଦ୍ଧାଞ୍ଜଳି।

*- ରବୀନ୍ଦ୍ର କୁମାର ମହାରଣା, କଳା ଶିକ୍ଷକ*

### ଦୀପ ଶିଖା ଲିଭିଗଲା ...



ଏ ପଟେ ନୀଳଚକ୍ରର ଫରଫର ବାନା ପୁଣି ଆରପଟେ ନୀଳସାଗରର ଛୋଟବଡ ଢେଉ। ସତେଯେମିତି କହୁଥିଲା- ଆସିବା ଯିବା ସୃଷ୍ଟିର ନିୟମ। ‘ମର୍ତ୍ତ୍ୟମଣ୍ଡଳେ ଦେହ ବହି / ଦେବତା ହେଲେ ହେଁ ମରଇ।’

ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତର ଏହି ବାଣୀ ସର୍ବଜନବିଦିତ। କିନ୍ତୁ ବିଦାୟ ଯେ ଆପଣାର ମଣିଷମାନଙ୍କୁ କେତେ ଦାରୁଣ ଯନ୍ତ୍ରଣା ଦେଇଥାଏ, ତାହା ଅନୁଭବୀ ହିଁ ଅନୁଭବ କରିପାରେ। ୨୦୧୩ ମସିହାରୁ ଏହି ମହନୀୟ ପବିତ୍ର ଆତ୍ମାଙ୍କ ସଂସ୍ପର୍ଶରେ ଆସି ବହୁତ କିଛି ଉପଲବ୍ଧ କରିପାରିଛି। ସେ ପରୋପକାରୀ, ସହଯୋଗୀ, ହିତକାଂକ୍ଷୀ, ମିଷ୍ଟଭାଷୀ ଏବଂ ଶ୍ରଦ୍ଧାଳୁ ଗୁଣରେ ଭୂଷିତ ଥିଲେ। ବିଜେଇଏମ୍ ବିଦ୍ୟାଳୟ ଭିତରେ ପ୍ରବେଶ କଲାପରେ ଗଣାଧିପତି ଗଣେଶଙ୍କ ଦର୍ଶନ ପରେ ତାଙ୍କର ଦର୍ଶନ ମିଳେ ୧୦୧ ନଂ ରୁମ୍‌ରେ। ପିଲାଙ୍କର ଜନ୍ମଦାତ୍ରୀ ମା’ ଭଳି ନିଜ କର୍ମରେ ନିମଗ୍ନ ରହି ଡାକୁଥିବେ ପ୍ରଶାନ୍ତି, ସୁଜାତା, ଦୀପା ତୁମେମାନେ କୁଆଡେ ଗଲ... ? ମୋ ପିଲାର ଏହା .... ଦରକାର।

ତାଙ୍କ ସହିତ ଅନେକ ଗୁଡିଏ ମଧୁର ମୁହୂର୍ତ୍ତ ଅତିବାହିତ କରିଥିବା ସମୟରେ ଜାଣିବାକୁ ପାଇଛି - ବାବା-ମାଆ ତାଙ୍କ ଜୀବନ। ଖାଇବା, ପିନ୍ଧିବା ଏବଂ ବୁଲିବାରେ ସଉକ୍ ଥିବା ଆମ ମ୍ୟାଡମଙ୍କୁ କାଳ ରହିବା ପାଇଁ ଅନୁମତି ଦେଇ ନଥିଲା। ଅସମୟରେ ଇହଧାମ ପରିତ୍ୟାଗର ସୂଚନା ଆସିଗଲା। ଏହି ବ୍ୟକ୍ତିତ୍ୱ ଏତେ ମହାନ୍, ଭାବନା ଏତେ ନିର୍ମଳ ତାକୁ କାଗଜରେ ପରିପ୍ରକାଶ କରିହେବନାହିଁ। ସଦାସର୍ବଦା ପ୍ରସ୍ଫୁଟିତ ପୁଷ୍ପ ଭଳି ମୁଖ୍ୟମଣ୍ଡଳ ଯେଉଁଠି ଲକ୍ଷ୍ମୀଙ୍କର ବାସସ୍ଥଳୀ, ସେଥିପାଇଁ ତାଙ୍କ ନାମ ପୁଷ୍ପଶ୍ରୀ।

ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଅନ୍ୟ ସମସ୍ତ କର୍ମଚାରୀ ଏବଂ ଅଭିଭାବକମାନେ ଥିଲେ ତାଙ୍କର ଅତିପ୍ରିୟ। ପିଲାମନଙ୍କ ପାଇଁ ଥିଲା ଅପାରସ୍ନେହ ଓ ଶୁଭକାମନା। ସେ ଥିଲେ ସ୍କୁଲର ଏକ ଦିଗଦର୍ଶୀକା।

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

‘ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି / ନୈନଂ ଦହତି ପାବକଃ / ନଚୈନଂ କ୍ଲେଦୟନ୍ତିରାପଃ / ନ ଶୋଷୟତି ମାରୁତଃ’ / ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

*- ଡ. ଯସ୍ମିତା ମିଶ୍ର, ଶିକ୍ଷୟିତ୍ରୀ*

### ପୁଷ୍ପଶ୍ରୀର ଅବର୍ତ୍ତମାନରେ ...

ପୁଷ୍ପ ଭଳି ପ୍ରସ୍ଫୁଟିତ ହୋଇ, ନିଜର ନାମକୁ ସାର୍ଥକ କରୁଥିଲା ବେଳେ
ହଠାତ୍ ନିର୍ମଳ ଆକାଶରେ ଅକାଳର ବଜ୍ରାଘାତ ହେଲା,
ସମସ୍ତ ବିଜେଇଏମ୍-୨ର ପରିବାର ସଦସ୍ୟଙ୍କୁ
ସତେଯେମିତି ବାକଶକ୍ତିହୀନ ମୂକ ପ୍ରାୟ କରିଦେଲା।
ଯାହାଥିଲା ଅସମ୍ଭବ, କଳ୍ପନାତୀତ, ଅମୂଳକ
ତାହା ନିମିଷକେ ଘଟିଗଲା କେହିକିଛି ବୁଝିବା ଆଗରୁ,
ପ୍ରିୟ ମଣିଷଟିର ପ୍ରାଣ ପକ୍ଷୀ ଉଡିଯାଇଥିଲା
କୋଭିଡ୍ ନାମଧାରୀ ରାକ୍ଷସର କରାଳ ଗର୍ଭକୁ।



*ମମତା ରଣସିଂହ*
*ଶିକ୍ଷୟିତ୍ରୀ*

ଚାରିଆଡେ ଥିଲା ସ୍ଥବିର, ଥମ୍‌ଥମ୍ ଗମ୍ଭୀରଭାବ
ମନକି, ହୃଦୟ ସହଜରେ ଗ୍ରହଣ କରୁନଥିଲା,
କିନ୍ତୁ ଘଟଣା ଯେ ଘଟିସାରିଥିଲା, କଥାଟି ସତ୍ୟ ଥିଲା
ସକାଳର ଅଶୁଭ ମୁହୂର୍ତ୍ତରେ ତାଙ୍କର ମୃତ୍ୟୁ ଘଟି ସାରିଥିଲା।
ସମୟ କିନ୍ତୁ ଚାଲୁଛି, ଚାଲିବ ତା’ ନିଜ ବାଟରେ
ମନର ଇଲାକାରେ ତାଙ୍କର ସ୍ମୃତିଚିହ୍ନ ଛାଡିଦେଲା
ସମସ୍ତେ ବାଧ୍ୟ ହେଲେ ସତକୁ ସ୍ୱୀକାର କରିବା ପାଇଁ
ଯେ ଆମ ଗହଣରେ ଆଉନାହିଁ ପୁଷ୍ପଶ୍ରୀ ନାମଧାରୀ
ସୁନ୍ଦର ସଜଫୁଟା କଳିକାଟେ।

ଜୀବନରେ ଆଦର୍ଶ ଗୁରୁ ନମିଳିଲେ ପିଲାଙ୍କ ଜୀବନ ବ୍ୟର୍ଥ ହୋଇଯାଏ। ପ୍ରାଚୀନରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆଦର୍ଶ ଗୁରୁ ସମାଜରେ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରି ଆସିଛନ୍ତି। ବିଦ୍ୟାଳୟ ଅବସ୍ଥାରୁ ପିଲାଟିଏର ଜୀବନ ଗଢ଼ିବା ଦାୟିତ୍ୱ ପରିବାର ଉପରେ ଯେତିକି ଥାଏ ତା’ଠାରୁ ଅଧିକ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଏ। ପିଲାଙ୍କୁ ଉଚିତ୍ ମାର୍ଗରେ ଚାଲିବା ପାଇଁ ଦିଗ୍‌ଦର୍ଶନ ଦେବାର ମୁଖ୍ୟ ପୁରୋଧା ହେଉଛନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀ। ଯେଉଁମାନଙ୍କ ଯୋଗୁ ଜଣେ ପିଲା ସମାଜରେ ପ୍ରତିଷ୍ଠା ଲାଭ କରିବା ସହିତ ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିପାରିଥାଏ। ସେହିଭଳି ଜଣେ ଆଦର୍ଶ ଶିକ୍ଷୟିତ୍ରୀ ହେଉଛନ୍ତି ସ୍ୱର୍ଗତଃ ପୁଷ୍ପଶ୍ରୀ ପଲେଇ। ତାଙ୍କର ଶିକ୍ଷାଦାନ ପଦ୍ଧତି ଏବଂ ପିଲାମାନଙ୍କୁ ଭଲ ପାଇବା ଅବର୍ଣ୍ଣନୀୟ। ମା’ମାନେ ନିଜ ପିଲାର ଯେଭଳି ଯତ୍ନ ନିଅନ୍ତି ପୁଷ୍ପଶ୍ରୀ ମ୍ୟାଡାମ୍ ମଧ୍ୟ ବିଜେଇଏମ୍ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ସେହିଭଳି ଯତ୍ନ ନେଇଥାନ୍ତି। ମୋ ନିଜ ଅନୁଭୂତିରୁ କହୁଛି, ମୋ ପୁଅ ତାଙ୍କର ଜଣେ ପ୍ରିୟ ଛାତ୍ର। ଘରୁ ପୁଅକୁ ନେଇ ସ୍କୁଲ ବସରେ ଛାଡିଦେଲେ ମୁଁ ନିଶ୍ଚିତ ଥାଏ ଯେ, ସେଠାରେ ପୁଷ୍ପଶ୍ରୀ ମ୍ୟାଡାମ୍ ଅଛନ୍ତି, ପୁଅର କୌଣସି ସମସ୍ୟା ହେବନାହିଁ। ତାହା ମଧ୍ୟ ମୁଁ ଏଯାଏ ଅନୁଭବ କରି ଆସୁଥିଲି। ତାଙ୍କ ଅବର୍ତ୍ତମାନରେ ମୁଁ ଗଭୀର ଶୋକ ପ୍ରକାଶ କରିବା ସହିତ ଅନ୍ତରର ଶ୍ରଦ୍ଧାଞ୍ଜଳି ଜଣାଉଛି।

*- ଅଭୟ ସିଂହ (ଅନୁ), ଅଭିଭାବକ*




PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** Managing Editor : **Laxmipriya Dash** Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ ସମ୍ପାଦକ : ତାରକ ମହାନ୍ତି